RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-24 ◆FRIDAY ◆18 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୪ ◆ଶୁକ୍ରବାର ◆୧୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



୪୦୦ କୋଟିର 'ରାମାୟଣ'

▶ପୃଷ୍ଠା ୧୧ ଦେଖନ୍ତୁ...

## ଇରାକ ସପିଙ୍ଗ୍ ମଲ୍‌ରେ ଅଗ୍ନିକାଣ୍ଡ; ୬୦ ମୃତ



■ ବାଗଦାଗ, ୧୭।୭ (ଏଜେନ୍ସି): ଇରାକ୍‌ର କୁଟ୍ ସହରର ଏକ ବଡ଼ ସପିଙ୍ଗ୍ ମଲ ତଥା ସୁପର ମାର୍କେଟ୍‌ରେ ଭୀଷଣ ଅଗ୍ନିକାଣ୍ଡ ଯୋଗୁଁ ୬୦ ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଥିରେ ୫୦ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି। ଅଗିକାଣ୍ଡକୁ ଆୟତ୍ତ କରାଯାଇଥିଲେ ମଧ୍ୟ ୧୧ ଜଣ ନିଖୋଜ ରହିଛନ୍ତି ବୋଲି ଇରାକର ସରକାରୀ ସମାଚାର ଏଜେନ୍ସି ଆଇଏନ୍‌ଏ ସୂଚନା ଦେଇଛି। ଏଥିରେ କୁହାଯାଇଛି ଯେ ୫୯ ଜଣ ମୃତକଙ୍କ ପରିଚୟ ମିଳିସାରିଛି ଏବଂ ଜଣେ ବ୍ୟକ୍ତିର ମୃତଦେହ ଅତି ଭୟଙ୍କର ଭାବେ ଜଳି ଯାଇଥିବାରୁ ତା'ର ପରିଚୟ ମିଳିପାରି ନାହିଁ। ୫ ଦିନ ପୂର୍ବରୁ ଏହି ସୁପରମାର୍କେଟ ଖୋଲାଯାଇଥିଲା। ତେବେ କ'ଣ ପାଇଁ ଏହି ଅଗ୍ନିକାଣ୍ଡ ଘଟିଥିଲା ତାହାର କାରଣ ଜଣାପଡ଼ିନାହିଁ। ଘଟଣା ଯାଞ୍ଚ ପାଇଁ ଇରାକ ପ୍ରଧାନମନ୍ତ୍ରୀ ମହମ୍ମଦ ସିଆ ଅଲ-ସୁଦାନୀ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୨୩ରେ ଉତ୍ତର ଇରାକର ଏକ ୱେଡିଂ ହଲ୍‌ରେ ନିଆଁ ଲାଗିଯିବାରୁ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

## ପାଟନା ହସ୍ପିଟାଲ୍‌ରେ ଗ୍ୟାଙ୍ଗଷ୍ଟରକୁ ଗୁଳିକରି ହତ୍ୟା



■ ପାଟନା, ୧୭।୭(ଏଜେନ୍ସି): ୫ ଜଣ ସଶସ୍ତ୍ର ଯୁବକ ଆସିଲେ। ହାତରେ ପିସ୍ତଲ ଧରି ମେଡିକାଲ ଭିତରେ ପଶିଲେ। ମେଡିକାଲରେ ଚିକିତ୍ସାଧୀନ ଥିବା ରୋଗୀ ଉପରେ ଗୁଳି ବର୍ଷା କଲେ। ସେ ମରିଯିବା ପରେ ୩୦ ସେକେଣ୍ଡ ଭିତରେ ମେଡିକାଲରୁ ଫେରାର ହୋଇଯାଇଥିଲେ। ଏହା କୌଣସି ଚଳଚ୍ଚିତ୍ରର ଦୃଶ୍ୟ ନୁହେଁ, ବରଂ ଏହା ହେଉଛି ବିହାର ରାଜଧାନୀ ପାଟନାରେ ଅପରାଧୀଙ୍କ ଜଘନ୍ୟ କାଣ୍ଡର ନଗ୍ନ ନମୁନା। ମୃତ ବ୍ୟକ୍ତି ଜଣକ ହେଉଛି ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ମିଶ୍ର। ୧୨ଟି ହତ୍ୟା ମାମଲାରେ ଜେଲରେ ସଜା କାଟୁଥିବା ଚନ୍ଦନ ପାରୋଲରେ ଆସି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାକୁ ଏଭଳି ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡ ପଛରେ ବିରୋଧୀ ଗୋଷ୍ଠୀ ଶେରୁ ସିଂ ଗ୍ୟାଙ୍ଗର ହାତ ଥିବାର ସନ୍ଦେହ କରାଯାଉଛି।

ପାଟନାର ପାରସ ହସ୍ପିଟାଲ୍‌ରେ ସ୍ପଷ୍ଟ ଦିବାଲୋକରେ ଗୁରୁବାର ଫିଲ୍ମ ଷ୍ଟାଇଲ୍‌ରେ ଗ୍ୟାଙ୍ଗଷ୍ଟର ହତ୍ୟାକାଣ୍ଡର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଏଥିରେ ୫ ଜଣ ▶ପୃଷ୍ଠା-୭

### ସୌମ୍ୟାଶ୍ରୀ ନିର୍ଯାତନା ନିଆଁ; ସାରା ରାଜ୍ୟରେ କ୍ରୋଧ

# ବନ୍ଦ ସ୍ୱତଃସ୍ଫୂର୍ତ୍ତ, ଶାନ୍ତିପୂର୍ଣ୍ଣ

**ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ ଗୁରୁବାର ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ଓ ସଫଳ ହୋଇଛି। ମିଳିତ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେଇ ସାରା ଓଡ଼ିଶାର ଜନସାଧାରଣ ଦିବଂଗତ ଛାତ୍ରୀଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବ୍ୟବସ୍ଥାଗତ ତ୍ରୁଟିକୁ ପରୋକ୍ଷରେ ଧିକ୍କାର କରିଛନ୍ତି। ନାରୀ ସୁରକ୍ଷା ଓ ମହିଳା ସଶକ୍ତୀକରଣର ନାରା ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାରର ମାତ୍ର ଏକ ବର୍ଷର ଶାସନ ପରେ ସାଧାରଣ ଜନତାଙ୍କ ତିକ୍ତ ଉପଲବ୍ଧିର ସ୍ୱର ସରକାରଙ୍କ ପାରିବାପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି।**

### ଦୋକାନବଜାର ବନ୍ଦ, ବସ୍ ଓ ରେଳ ଚଳାଚଳ ପ୍ରଭାବିତ

### କଂଗ୍ରେସ ସମେତ ସାମିଲ ହେଲେ ୮ ସମଭାବାପନ୍ନ ଦଳ

### ଯୋଗଦେଲେ ମହିଳା ଓ ଛାତ୍ର କଂଗ୍ରେସ ଜାତୀୟ ସଭାପତି



■ ଭୁବନେଶ୍ୱର, ୧୭।୭ (ସମିସ): ସାରା ରାଜ୍ୟବାସୀଙ୍କ ମନରେ କ୍ରୋଧ ସୃଷ୍ଟି କରିଛି ସୌମ୍ୟାଶ୍ରୀ ନିର୍ଯାତନା ଓ ଆତ୍ମଦାହ ନିଆଁ। ଗାଁଠୁ ସହର, ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସୃଷ୍ଟି କରିଛି ଆଲୋଡ଼ନ। ଯାହାର ପ୍ରତିଫଳନ ଆଜି ସାରା ରାଜ୍ୟରେ ଦେଖିବାକୁ ମିଳିଛି କଂଗ୍ରେସ ଓ ସମଭାବାପନ୍ନ ୮ ବିରୋଧୀଦଳ ଡକରାରେ ଆଜି ବନ୍ଦ ହୋଇ ଯାଇଛି ଅଖଚକ, ଦୋକାନବଜାର। ଶୂନଶାନ ହୋଇ ଯାଇଛି ସଡ଼କ, ଅଚଳ ହୋଇଯାଇଛି ବେପାରବଣିଜ। ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଗୁରୁବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ପ୍ରଭାବରେ ସାରା ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ବନ୍ଦକୁ ସମର୍ଥନ ପ୍ରଦାନ କରିଛନ୍ତି। କେବଳ ଜରୁରୀକାଳୀନ ସେବାରେ ନିୟୋଜିତ କିଛି ଗାଡ଼ିକୁ ଛାଡ଼ି ଦେଲେ ରାଜ୍ୟସାରା ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି। ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ପୁରୀ, ବାରିପଦା, ଅନୁଗୋଳ, ଜୟପୁର, ବଲାଙ୍ଗିର ସହ ରାଜ୍ୟର ବିଭିନ୍ନ ସହରରେ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଛି। ଜିଲ୍ଲା ମୁଖ୍ୟାଳୟ, ବ୍ଲକ୍, ଏପରିକି ଗାଁରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି।

ସାରା ରାଜ୍ୟରେ ଖାଁ ଖାଁ ସ୍ଥିତି ସୃଷ୍ଟି ହୋଇଛି। ସକାଳ ୬ଟାରୁ ବନ୍ଦର ପ୍ରଭାବ ଆରମ୍ଭ ହୋଇଥିବାରୁ କଂଗ୍ରେସ ଓ ସହଯୋଗୀ ବିରୋଧୀ ଦଳର ନେତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦରେ ସାମିଲ ହେବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ବସ୍ ଓ ଟ୍ରେନ୍ ଚଳାଚଳ ବ୍ୟାହତ ହେବା ଯୋଗୁଁ ପରିବହନ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପଡ଼ିଛି। କାଁ ଭାଁ ଛୋଟଛୋଟ ଘଟଣାକୁ ବାଦ ଦେଲେ ରାଜ୍ୟର ପ୍ରାୟ ସବୁ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଛି। ରାଜଧାନୀ ଭୁବନେଶ୍ୱରେ ସକାଳୁ ସକାଳୁ ପିସିସି ▶ପୃଷ୍ଠା-୭

### ୨୧ରୁ ସଂସଦର ମୌସୁମୀ ଅଧିବେଶନ

## କେନ୍ଦ୍ର ପାଇଁ ଶିରପୀଡ଼ା ହେବ ଓଡ଼ିଶା ପ୍ରସଙ୍ଗ

■ ଭୁବନେଶ୍ୱର/ନୂଆଦିଲ୍ଲୀ ୧୭।୭ (ସମିସ): ଆସନ୍ତା ୨୧ରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ। ଏଥିପାଇଁ ୨୦ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ମାତ୍ର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାରଙ୍କୁ ଘେରିବା ନିମନ୍ତେ ୧୯ରେ ରଣନୀତି ପ୍ରସ୍ତୁତ କରିବ ବିରୋଧୀଙ୍କ ଇଣ୍ଡିମେଣ୍ଟ। ବିଶେଷ ଭାବରେ ଆଗାମୀ ଅଧିବେଶନରେ ଜାତୀୟ ପ୍ରସଙ୍ଗ ସହ ବିରୋଧୀଙ୍କ ପାଇଁ ଓଡ଼ିଶା ଘଟଣା ପ୍ରମୁଖ ପ୍ରସଙ୍ଗ ପାଲଟିବ ବୋଲି କୁହାଯାଉଛି। ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ।ସ୍ତରରେ ଓଡ଼ିଶାର ଛବିକୁ ମଳିନ କରିଛି। ଗୋପାଳପୁର ଗଣ ବଳାତ୍କାର ଘଟଣା, ରଥଯାତ୍ରା ଅଘଟଣ ଓ ଦଳାଚକଟାରେ ୩ ମୃତ, ବିଏମ୍‌ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନରଙ୍କୁ ଘୋଷାରି ଘୋଷାରି ମାଡ଼, ଧରାକୋଟରେ ଦୁଇ ଦଳିତଙ୍କ ପ୍ରତି ବର୍ବର ବ୍ୟବହାର ଏବଂ ଏବେ ବ୍ୟବସ୍ଥା ଦ୍ୱାରା ନିର୍ଯାତିତ ହୋଇ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି। ରାଜ୍ୟର ଆଇନଶୃଙ୍ଖଳା ଓ ପ୍ରଶାସନିକ ଅପାରଗତା ଯୋଗୁଁ ଏପରି ଘଟଣା ଘଟୁଥିବା ଜାତୀୟ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ବିଶେଷ ଭାବରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ, ବରିଷ୍ଠ ନେତା ଜୟରାମ ରମେଶ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଯେପରି ଓଡ଼ିଶା ପ୍ରସଙ୍ଗରେ ସକ୍ରିୟ ହୋଇଛନ୍ତି; ତାହା ବିରୋଧୀଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ସେହିପରି ଓଡ଼ିଶାରେ ବଙ୍ଗଳାଭାଷୀ ଶ୍ରମିକଙ୍କୁ ଅଟକ ପ୍ରସଙ୍ଗକୁ ନେଇ ତୃଣମୂଳ କଂଗ୍ରେସ



### ୧୯ରେ ଇଣ୍ଡିମେଣ୍ଟ ବୈଠକ; ପ୍ରସ୍ତୁତ ହେବ ରଣନୀତି

କଠୋର ଆଭିମୁଖ୍ୟ ପୋଷଣ କରିଛି। ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ବିଜେପି ଓ ଏହି ଦଳ ଶାସିତ ରାଜ୍ୟକୁ ନିଶାଣ କରିଛନ୍ତି। ପଶ୍ଚିମ ବଙ୍ଗ ଲୋକଙ୍କୁ ବିଜେପି ଶାସିତ ରାଜ୍ୟ ।।ରେ ଅଟକ ରଖାଯାଇଥିବାରୁ ଏହାର ପ୍ରତିବାଦ କରି କୋଲକାତାରେ ଏକ ବିଶାଳ ରାଲିର ଆୟୋଜନ କରିଥିଲେ। ତୃଣମୂଳ କଂଗ୍ରେସ ଏହି ପ୍ରସଙ୍ଗକୁ ▶ପୃଷ୍ଠା-୭

### ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା

## କ୍ରାଇମବ୍ରାଞ୍ଚ ଟିମ୍‌ର ଖୋଲତାଡ଼

■ ବାଲେଶ୍ୱର/କଟକ, ୧୭।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରିଛି କ୍ରାଇମବ୍ରାଞ୍ଚ। ଆଜି ଅପରାହ୍ଣରେ କ୍ରାଇମବ୍ରାଞ୍ଚର ୫ ଜଣିଆ ଟିମ୍ କଲେଜରେ ପହଞ୍ଚି ଖୋଳତାଡ଼ କରିଛି। ଏହି ଟିମ୍‌ରେ ୱିମେନ ୱିଙ୍ଗର ଆଇଜି ଏସ୍‌ଏସ୍ ସାଇନିଙ୍କ ସହ ଡିଏସ୍‌ପି ଇମାମ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଂଚାଳି ରାଉତ ପ୍ରମୁଖ ରହିଥିଲେ। ଅପରାହ୍ଣ ପ୍ରାୟ ୪ଟା୧୫ରେ ସର୍କିଟ ହାଉସଠାରୁ ବାହାରି ଉକ୍ତ ଟିମ୍ ଫକୀର ମୋହନ ମହାବିଦ୍ୟାଳୟକୁ ଯାଇଥିଲେ। ଆଜି ପେଟ୍ରୋଲକୁ ନେଇ ତନାଘନା ହୋଇଥିବା ଜଣାଯାଇଛି। ଘଟଣା ଦିନ ସୌମ୍ୟାଶ୍ରୀ ସାଙ୍ଗରେ କଲେଜକୁ ପେଟ୍ରୋଲ ଆଣିଥିଲେ ନା ତାଙ୍କୁ କିଏ ପେଟ୍ରୋଲ ଦେଇଥିଲା, ଯଦି ଅନ୍ୟ କିଏ ତାଙ୍କୁ ଯୋଗାଇଛି ତେବେ ସେ କିଏ? ସେହିପରି, କଲେଜ ପରିସରକୁ ପଲିଥିନ୍‌ରେ ପେଟ୍ରୋଲ ଅଣାଯାଇଥିଲା ନା କୌଣସି ଡବାରେ ଏବଂ କେଉଁ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଅଣାଯାଇଥିଲା, ସେନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି। ଘଟଣା ଘଟିବାର କିଛି ସମୟ ପୂର୍ବରୁ ଜଣେ କଲେଜ ଛାତ୍ର ନିକଟସ୍ଥ ▶ପୃଷ୍ଠା-୭

**କ୍ୟାମ୍ପସକୁ କିଏ ଆଣିଥିଲା ପେଟ୍ରୋଲ, କିଏ ଦିଆସିଲି?**

**ଏସ୍‌ସିବିରେ ଜ୍ୟୋତିପ୍ରକାଶଙ୍କୁ ପଚରାଉଚରା**

### ଆଜିଠୁ ଉଚ୍ଚସ୍ତରୀୟ କମିଟି ତଦନ୍ତ

■ ଭୁବନେଶ୍ୱର, ୧୭।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ମାମଲାରେ କ୍ରାଇମବ୍ରାଞ୍ଚ ଓ ଉଚ୍ଚଶିକ୍ଷା ବିଭାଗ ତଦନ୍ତ କରିଛି। ମାମଲାରେ ସମ୍ପୃକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷ ଜେଲ୍ ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ ପାଇଁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଆଉ ଏକ ଉଚ୍ଚସ୍ତରୀୟ କମିଟି କଲେଜକୁ ଯିବ। ଆଇସିସି କମିଟିର ସମସ୍ତ ସଦସ୍ୟଙ୍କୁ ଗୋଟି ଗୋଟି କରି ପଚରାଉଚରା ▶ପୃଷ୍ଠା-୭

**ବ୍ୟକ୍ତିଗତ ହାଜିରା ଦେବେ ସମସ୍ତ ଆଇସିସି ସଦସ୍ୟ**

## ଛାତ୍ରୀଙ୍କୁ ଯୌନ ଶୋଷଣ; ଅଧ୍ୟାପକ ଗିରଫ

■ ସମ୍ବଲପୁର, ୧୭।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନ ହାରିବା ଘଟଣାକୁ ଦିନ ୨ଟା ନ ବିତୁଣୁ ସମ୍ବଲପୁରରୁ ପୁଣି ଏକ ଛାତ୍ରୀ ନିର୍ଯାତନାର ଖବର ଆସିଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ବିବାହର ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କୁ ଯୌନ ଶୋଷଣ କରୁଥିବା ଭଳି ସଂଗିନ୍ ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା ପରେ ପୁଲିସ୍ ଏଜୁକେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ଗୋପିକାନ୍ତ ସୁନା (୩୨) ଙ୍କୁ ଗିରଫ କରିଛି। ତାଙ୍କ ଘର ବରଗଡ଼ ଜିଲ୍ଲାରେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ନିଲମ୍ବିତ କରିଛନ୍ତି।



ସୂଚନାନୁସାରେ, ବିଶ୍ୱବିଦ୍ୟାଳୟର ବିଏ ବିଏଡ୍ ଯୁକ୍ତ ଦୁଇବର୍ଷର ଜଣେ ଛାତ୍ରୀ ଗତକାଲି ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁସାରେ, ୨୦୨୩ ଡିସେମ୍ବରରୁ ଏକାଡେମିକ୍ କ୍ଷେତ୍ରରେ ସାହାଯ୍ୟ କରିବା ଆଳରେ ଗୋପିକାନ୍ତ ତାଙ୍କ ସହ ସଂପର୍କ ବଢ଼ାଇଥିଲେ। ଏପରିକି, ପରେ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ, ବର୍ତ୍ତମାନ ଅଧ୍ୟାପକ ଜଣଙ୍କ ବିବାହ କରିବା ପାଇଁ ରାଜି ହେଉନାହାନ୍ତି। ଏଥିରେ ଛାତ୍ରୀଜଣଙ୍କ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି। ତେଣୁ, ନ୍ୟାୟ ପାଇବା ଆଶାରେ ବାଧ୍ୟ ହୋଇ ବୁଧବାର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତ ଗୋପିକାନ୍ତଙ୍କୁ ବୁଢ଼ାରଜାରୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ସାମ୍ନାକୁ ଆସିବା ▶ପୃଷ୍ଠା-୭

**ସମ୍ବଲପୁରରେ ଲଜ୍ଜା!**

### ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ

## ଆବାସିକ ବିଦ୍ୟାଳୟ ଆଦିବାସୀ ଛାତ୍ରୀ ଗର୍ଭବତୀ

■ ବିଷମ କଟକ, ୧୭।୭ (ସମିସ): ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ। ରାୟଗଡ଼ା ଜିଲ୍ଲାରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା। ବିଷମକଟକ ବ୍ଲକ୍ ଡକୁମ୍ ଗ୍ରାମରେ ଥିବା ଅନୁସୂଚିତ ଜାତି ଓ ଜନଜାତି ତଥା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆବାସିକ ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ବୁଧବାର ରାତିରେ ବିଷମକଟକ ଥାନାରେ ଏତଲା ଦିଆଯାଇଛି। ପୁଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଛାତ୍ରୀଙ୍କ ପୁନଃ ଡାକ୍ତରୀମାଇନା ପରେ ତାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବ ବୋଲି ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ କହିଛନ୍ତି।

ଗତକାଲି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭ୍ରାମ୍ୟମାଣ ଦଳ ଡୁକୁମ ସରକାରୀ ଉଚ୍ଚ ଆବାସିକ ବିଦ୍ୟାଳୟ ଆନ୍ତେବାସୀ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମ୍ପୃକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିବା ବେଳେ ପରୀକ୍ଷାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଚିକିତ୍ସକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ଡାକି ସମସ୍ତ କଥା ପଚାରି ବୁଝିଥିଲେ। ଛାତ୍ରୀଜଣଙ୍କ ଗ୍ରୀଷ୍ମଛୁଟିରେ ଘରକୁ ଯାଇଥିବା ବେଳେ ତାଙ୍କ ମାମୁପୁଅ ତାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲା। ଏ ସମସ୍ତ କଥା ଝିଅର ବାପା, ମା'ଙ୍କୁ ଶିକ୍ଷୟିତ୍ରୀ ସୂଚନା ଦେଇଥିଲେ। ଛାତ୍ରୀଜଣଙ୍କ ଗର୍ଭବତୀ ରହିଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରିଥିଲେ। କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ବିଷମକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ନାଳିଫିତା ତଳେ ତଦନ୍ତ

## ନ୍ୟାୟ ଅପେକ୍ଷାରେ ଆଉଜଣେ ସୌମ୍ୟା

■ ପଟ୍ଟାମୁଣ୍ଡାଇ, ୧୭।୭ (ସମିସ): ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟା ବିଶିଙ୍କ ଆତ୍ମଦାହ ଘଟଣାକୁ ନେଇ ସାରା ଓଡ଼ିଶାର ବିଭିନ୍ନ ରାଜନୈତିକ ସଂଗଠନ, ଗଣ ସଂଗଠନ ଓ ଛାତ୍ର ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତେବେ ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ କଲେଜର ଯୁକ୍ତ ୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକଙ୍କ ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାଶ କେବେ ହେବ ଓ ଦୋଷୀ ଦଣ୍ଡ ପାଇବେ ସେନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ଘଟଣାର ୫ ମାସ ପରେ ବି ତଦନ୍ତ ନାଳିଫିତା ତଳେ ଚାପି ହୋଇରହିଛି। ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଏବେ ମଧ୍ୟ ସାର୍ବଜନୀନ ହୋଇପାରି ନାହିଁ। ପୁଲିସର ତଦନ୍ତ ମଧ୍ୟ ସନ୍ଦେହ ଘେରରେ ରହିଛି।

ଅନ୍ୟପକ୍ଷରେ ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ ମଧ୍ୟ ଦିଶାହୀନ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ କଲେଜ ଆଲମୁନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ତଥା କାଉନସିଲର ଗୋପୀବଲ୍ଲଭ ନାୟକ କ୍ଷୋଭକ୍ତି ପ୍ରକାଶ କରିଛନ୍ତି। କାହା ଇଙ୍ଗିତରେ ତଦନ୍ତ ବାଟବଣା ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜରେ ଏଭଳି ସମ୍ବେଦନଶୀଳ ଘଟଣା କଲେଜର ଖ୍ୟାତି ଓ ପ୍ରତିଷ୍ଠାରେ ଆଞ୍ଚ ଆଣିଛି। ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବେ ମଧ୍ୟ କାର୍ଯ୍ୟକାରୀ ହୋଇନଥିବାରୁ ବିଭାଗୀୟ ପାରିବାପଣିଆକୁ ପଦାରେ ପକାଇଛି।

ଘଟଣାରେ ତତ୍କାଳୀନ ଅଧ୍ୟକ୍ଷଙ୍କ ବିବାଦୀୟ ବୟାନକୁ ନେଇ ବହୁ ଛାତ୍ର, ଅଣଛାତ୍ର, ରାଜନୈତିକ ସଂଗଠନ ପକ୍ଷରୁ ଦୃଢ ନିନ୍ଦା କରାଯିବା ସହିତ ଅଧ୍ୟକ୍ଷ ଦିଲ୍ଲୀପ ଭୂୟାଁଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟେ ଘଟଣାର ତଦନ୍ତ କରୁଥିବା ପୁଲିସ ସ୍ଥାନୀୟ ଲୋକ ଓ ବିଭିନ୍ନ ସଂଗଠନର ନେତୃବର୍ଗଙ୍କ କଥାକୁ ଗୁରୁତ୍ୱ ଦେଇନଥିବା ବେଳେ ମୃତା ଛାତ୍ରୀଙ୍କ ମାଆଙ୍କ ଉପରେ କଲେଜ ବିରୁଦ୍ଧରେ କେସ ନକରିବା ପାଇଁ ଚାପ ପକାଇଥିବା ଅଭିଯୋଗ ହୋଇଆସୁଛି।

ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ କହିଥିବା ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଆଦେଶ କାର୍ଯ୍ୟକାରୀ ନହୋଇଥିବାରୁ ଏହା ପାଣିରେ ଗାର ସଦୃଶ ହୋଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ▶ପୃଷ୍ଠା-୭

**▶ ଅସଦାଚରଣର ଶିକାର ହୋଇ କରିଥିଲେ ଆତ୍ମହତ୍ୟା**

**▶ ମାମଲା ନକରିବାକୁ ପୁଲିସ ପକାଉଥିଲା ଚାପ**

**▶ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ**

# ସମାଧିସ୍ଥଳର ଛାତିଥରା କାହାଣୀ

ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି): କର୍ଣ୍ଣାଟକ ଦକ୍ଷିଣ କନ୍ନଡ ଜିଲ୍ଲା ସ୍ଥିତ ଧର୍ମସ୍ଥଳ ସହରରୁ ଯୌନ ଉତ୍ପୀଡ଼ନ, ହିଂସା ଏବଂ ହତ୍ୟାର ହୃଦୟ ବିଦାରକ କାହାଣୀର ପର୍ଦ୍ଦାଫାସ ହୋଇଛି। ମହିଳା, ଛାତ୍ରୀ, ନାବାଳିକା ଆଦିଙ୍କୁ ଅପହରଣ କରି କ୍ଷମତାଶାଳୀଙ୍କ ଯୌନସୁଖ ମେଣ୍ଟା ଯାଉଥିଲା। ନିର୍ଯାତନା ଦେବା ପରେ ହତ୍ୟା କରି ମୃତଦେହକୁ ଠିକଣାରେ ଲଗା ଯାଉଥିଲା। କୌଣସି ଗୋଟିଏ ସ୍ଥାନରେ ପୋତିଲେ ଜଣାପଡ଼ିବା ବୋଲି କର୍ମଚାରୀଙ୍କୁ ଲଗାଇ ଭିନ୍ନ ଭିନ୍ନ ସ୍ଥାନରେ ମୃତଦେହ ପୋତି କିମ୍ବା ଜଳାଇ ଦିଆଯାଉଥିଲା। ଏହାର କୌଣସି ଖବର ମଧ ମିଳୁ ନଥିଲା। ଦୀର୍ଘ ବର୍ଷ ଧରି ଏହି ମୃତ୍ୟୁ ଏବଂ ଅତ୍ୟାଚାରର ଖେଳ ଚାଲିଥିଲା। ସହରରୁ ଜଣଙ୍କ ପରେ ଜଣେ ଯୁବତୀ, ମହିଳା, ଛାତ୍ରୀ ନିଖୋଜ ହେବାରେ ଲାଗିଥିଲେ। ଅଭିଯୋଗ ସତ୍ତ୍ୱେ ଯାଞ୍ଚ ଆଗେଇ ପାରୁ ନ ଥିଲା। ପୁଲିସ ପୀଡ଼ିତାଙ୍କ ଖୋଜ ଖବର ମଧ ପାଉ ନଥିଲା। କିଛି ଦିନ ପରେ ପୁଣି ମାମଲା ଦବି ଯାଉଥିଲା। ଶହେରୁ ଅଧିକ ମହିଳାଙ୍କ ମୃତଦେହ ଧର୍ମସ୍ଥଳର ଆଖପାଖରେ ପୋତା ଯାଇଛି। ଯିଏ ଏ ବିଷୟରେ ମୁହଁ ଖୋଲୁଥିଲା ତାକୁ ଧମକ ଦିଆଯାଉଥିଲା। ନ ମାନିଲେ ମାରି ଦିଆଯାଉଥିଲା। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେଙ୍ଗାଲୁରୁର ନେତ୍ରାବତୀ ନଦୀକୂଳରେ ଥିବା ଏହି ମଞ୍ଜୁନାଥ ମନ୍ଦିରରେ ୧୯ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ଜଣେ ସଫେଇ କର୍ମୀ ଏହି ଦାବି କରିଛନ୍ତି।

ଅନେକ ବର୍ଷ ପର୍ଯ୍ୟନ୍ତ ସେ ଏହି ହତ୍ୟାର ମୂକସାକ୍ଷୀ ହୋଇ ରହିଥିଲେ। ଏହା ସତ୍ତ୍ୱେ ତାଙ୍କ ପରିବାରର ଝିଅକୁ ମଧ ଛଡ଼ା ଯାଇ ନ ଥିଲା। ଏହା ଦେଖିବା ପରେ ଉକ୍ତ ସଫେଇ କର୍ମୀ ପରିବାର ସହ ଉକ୍ତ ଅଞ୍ଚଳ ଛାଡ଼ି ପଳାଇ ଥିଲେ। ଡରି ଡରି କର୍ଣ୍ଣାଟକ ଆଖପାଖ ରାଜ୍ୟରେ ଶରଣ ନେଉଥିଲେ। ମାତ୍ର ୧୯ ବର୍ଷର ଏହି ଯନ୍ତ୍ରଣା ତାଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେଇ ନଥିଲା। ଶେଷରେ ସେ ବେଲ୍‌ଥାଗଣ୍ଡି କୋର୍ଟରେ ଏକ ଖପୁରୀ ସହ ହାଜର ହୋଇ ଏହି କରୁଣ କାହାଣୀ

## ଶହ ଶହ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ପରେ ପୋତାଯାଇଛି

ବର୍ଣ୍ଣନା କରିଥିଲେ। ଏହି ମନ୍ଦିରରେ ହିନ୍ଦୁ ପୂଜା କରୁଥିବାବେଳେ ତାହାକୁ ଏକ ଜୈନ ପରିବାର ଚଳାଉ ଥିଲା। ଗତ ୧୧ ତାରିଖରେ କୋର୍ଟରେ ହାଜର ହୋଇ ଉକ୍ତ ବ୍ୟକ୍ତି ଏହି ତଥ୍ୟ ଦେଇଛନ୍ତି। ତାଙ୍କୁ କୋର୍ଟରେ ହାଜର କରିବା ସମୟରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସାରା ଶରୀର ମୁଖା ଲଗାଇ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କେବଳ ଦେଖିବା ପାଇଁ ଟିକେ ଫାଙ୍କ ରହିଥିଲା। ଜୀବନ ଏବଂ ପରିବାର ପ୍ରତି ବିପଦ ଥିବାରୁ ଏବଂ କେହି ତାଙ୍କ ପରିଚୟ ନ ଜାଣିବା ଲାଗି ଏହି ପଦକ୍ଷେପ ନିଆଯାଇଥିଲା। ବୟାନ ରେକର୍ଡ କରିବା ପରେ ତାଙ୍କୁ ଏକ ଅଜଣା ସ୍ଥାନକୁ ନେଇ ରଖା ଯାଇଥିଲା। ସେ କରିଥିବା ଦାବି ଯଦି ସତ୍ୟ ସାବ୍ୟସ୍ତ ହୁଏ ତେବେ ଏହା ଦେଶକୁ ଦୋହଲାଇ ଦେଇଥିବା ଖୁଲାସା ହେବ।

ଧର୍ମସ୍ଥଳର ପୂର୍ବରୁ କାମ କରୁଥିବା ଏହି ସଫେଇ କର୍ମୀ କହିଥିଲେ ଯେ ୧୯ ବର୍ଷ ହେଲା ଧର୍ମସ୍ଥଳ ଗାଁରେ ଅନେକ ମୃତଦେହକୁ ସେ ଠିକଣାରେ ଲଗାଇଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ମହିଳା ଏବଂ ଯୁବତୀ ସାମିଲ ଅଛନ୍ତି। ତାଙ୍କ ଦେହରେ କପଡ଼ା ନ ଥିଲା କି ଅନ୍ତର୍ବସ୍ତ୍ର ପିନ୍ଧି ନ ଥିଲେ। ଶରୀରରେ କ୍ଷତ ଚିହ୍ନ ଥିଲା। ବେକ କାଟି ହତ୍ୟା କରାଯାଇଥିଲା। ସମସ୍ତେ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। ୧୯୯୫ରୁ ୨୦୧୪ ମଧ୍ୟରେ ଏଭଳି କାଣ୍ଡ ଘଟିଥିଲା। ଏକ ପ୍ରଭାବଶାଳୀ ପରିବାର ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ପୂର୍ବରୁ ଏହି ଧାରା ଜାରି ରହିଥିଲା ବୋଲି କୁହାଯାଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଅଭିଯୋଗ ହେବା ସତ୍ତ୍ୱେ ପୁଲିସ ଏ ପର୍ଯ୍ୟନ୍ତ ମାମଲାର ତଦନ୍ତ ଆରମ୍ଭ କରିନାହିଁ। ସେ ପୂର୍ବରୁ ଦକ୍ଷିଣ କନ୍ନଡ ଜିଲ୍ଲାର ଏସଏସପିଙ୍କୁ ଚିଠି ଲେଖି ଏହି ଅଭିଯୋଗ କରିଥିଲେ। ସେ କୋର୍ଟ ଏବଂ ପୁଲିସକୁ ପ୍ରମାଣ ଦେବା ଲାଗି ଖପୁରୀ ଧରି କୋର୍ଟକୁ ଆସିଥିଲେ।

ଏହି ବ୍ୟକ୍ତି ଅଭିଯୋଗ କରିବା ପରେ ଅନେକ ପୀଡ଼ିତ ସାମ୍ନାକୁ ଆସିଲେଣି। ସୌଜନ୍ୟା (୨୦୧୨), ଅନନ୍ୟା (୨୦୦୩ ମେଡିକାଲ ଛାତ୍ରୀ), ନାରାୟଣ, ଯମୁନା, ବେଦାବଲ୍ଲି, ପଦ୍ମଲତା ଆଦିଙ୍କ ମାମଲାର ସତ୍ୟ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ।

## ବିଏଲ୍‌ଏ ଆକ୍ରମଣରେ ୨୭ ପାକ୍ ସୈନ୍ୟ ମୃତ

କ୍ୱେଟା, ୧୭।୭(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ଥାନ ରାଜ୍ୟରେ ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଆଉ ଏକ ବଡ଼ କାଣ୍ଡ ଘଟାଇଛି। ବିଏଲ୍‌ଏ ଆକ୍ରମଣରେ ୨୭ ଜଣ ପାକିସ୍ତାନ ସୈନ୍ୟ ପ୍ରାଣ ହରାଇଛନ୍ତି। ଗତ ୧୨ ଘଣ୍ଟା ମଧ୍ୟରେ ଅବାରାନ, କ୍ୱେଟା ଓ କଲାଜ ଜିଲ୍ଲାରେ ବିଏଲ୍‌ଏ ଆକ୍ରମଣ କରି ପାକିସ୍ତାନ ସେନାର ବଡ଼ କ୍ଷତି ଘଟାଇଛି। ସେନାର ଏକ ଟ୍ରାନ୍ସପୋର୍ଟ ବସକୁ ଟାର୍ଗେଟ କରି ବିଏଲ୍‌ଏ ବିଦ୍ରୋହୀ ଆକ୍ରମଣ କରିଥିଲେ। ଏଥିରେ ଏକାଧିକ ସୈନ୍ୟ ଆହତ ହୋଇଛନ୍ତି। ଏହି ବସ୍ କରାଚୀରୁ କ୍ୱେଟା ଯାଉଥିଲା। ସେହିପରି ଅନ୍ୟ ଏକ ଘଟଣାରେ କ୍ୱେଟାର ହାଜରଗଞ୍ଜି ଅଞ୍ଚଳରେ ବିଏଲ୍‌ଏ ବିଦ୍ରୋହୀଙ୍କ ଆକ୍ରମଣରେ ୨ ଜଣ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଗତ ଏକ ଦଶନ୍ଧି ଧରି ପାକିସ୍ତାନରୁ ଅଲଗା ହୋଇ ସ୍ୱାଧୀନତା ହାସଲ କରିବାକୁ ବେଲୁଚିସ୍ତାନରେ ଏହି ବିଦ୍ରୋହ ଦେଖାଯାଇଛି ଓ ଏହା ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି।

## ଭାଇଭାଉଜ, ପୁତୁରା ଉପରେ କାର୍ ଚଢ଼ାଇଦେଲେ ଓକିଲ

ମୋଗା, ୧୭।୭(ଏଜେନ୍ସି): ପଞ୍ଜାବର ମୋଗା ଜିଲ୍ଲାରେ ଏକ ପରିବାରରେ ଚାଲିଥିବା ଜମି ବିବାଦ ଶେଷରେ ହିଂସକ ରୂପ ଧାରଣ କରିଛି। ଜଣେ ବ୍ୟକ୍ତି ନିଜ ଭାଇ, ଭାଉଜ ଓ ପୁତୁରା ଉପରେ କାର୍ ଚଢ଼ାଇ ଦେଇଛନ୍ତି। ଏଥିରେ ୩ ଜଣ ଯାକ ଆହତ ହୋଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏହି ୩ ଜଣଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘର ବାହାରେ ଲଗାଯାଇଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଏହା ଭାଇରାଲ ହେବାରେ ଲାଗିଛି। ପୁତୁରାର ମୁଣ୍ଡ ଓ ନାକରେ ଆଘାତ ଲାଗିଥିବା ବେଳେ ବଡ଼ ଭାଇ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ଅଭିଯୁକ୍ତ ସାନ ଭାଇ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ପୁଲିସ୍ ମାମଲା ରୁଜୁ କରିଛି। ୩.୫ ଏକର ଜମି ପାଇଁ ଦୁଇ ଭାଇଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଚାଲିଛି।

## ବ୍ରିଟେନରେ ମତଦାନ ବୟସ ୧୬କୁ ହ୍ରାସ

ଲଣ୍ଡନ, ୧୭।୭(ଏଜେନ୍ସି): ଦୀର୍ଘ ୫୬ ବର୍ଷ ପରେ ବ୍ରିଟେନ ନିର୍ବାଚନ ପ୍ରକ୍ରିୟାରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ଏବେ ଏହି ଦେଶରେ ୧୬ ଓ ୧୭ ବର୍ଷର ପିଲାଙ୍କୁ ମତଦାନ ଅଧିକାର ମିଳିଛି। ବ୍ରିଟେନରେ ମତଦାନର ସର୍ବନିମ୍ନ ବୟସ ୧୬କୁ ହ୍ରାସ କରାଯାଇଛି। ପୂର୍ବରୁ ୧୯୬୯ରେ ବ୍ରିଟେନରେ ମତଦାନର ବୟସ ଶେଷ ଥର ପାଇଁ ପରିବର୍ତ୍ତନ କରାଯାଇଥିଲା। ସେତେବେଳେ ଏହାକୁ ୨୧ରୁ ୧୮ ବର୍ଷ କରାଯାଇଥିଲା। ଏହାକୁ ବ୍ରିଟେନ ନିର୍ବାଚନ ପ୍ରକ୍ରିୟାରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି। ପୂର୍ବରୁ କେବଳ ସ୍କଟଲାଣ୍ଡ ଓ ୱେଲ୍ସରେ କେତୋଟି ନିର୍ବାଚନରେ ଯୁବ ଭୋଟରମାନେ ମତଦାନ ଦେବାର ଅଧିକାର ପାଇଥିଲେ। କିନ୍ତୁ ଏବେ ସାରା ବ୍ରିଟେନ୍‌ରେ ୧୬ ବର୍ଷ ବୟସର ପିଲାମାନେ ମତଦାନ କରିପାରିବେ। ଏହାଦ୍ୱାରା ସାରା ଦେଶରେ ୯୫ ଲକ୍ଷ ଲୋକ ଲାଭବାନ ହୋଇପାରିବେ। ଏଥିସହ ସରକାର ଭୋଟ ପରିଚୟ ପତ୍ର ନିୟମରେ ମଧ ପରିବର୍ତ୍ତନ କରିଛନ୍ତି। ଡ୍ରାଇଭିଂ ଲାଇସେନ୍ସ, ବ୍ୟାଙ୍କ କାର୍ଡ ଦେଖାଇ ଭୋଟର ମତଦାନ କରିପାରିବେ।

## ପାକିସ୍ତାନର ପଞ୍ଜାବରେ ଭୟଙ୍କର ବନ୍ୟା

ଇସଲାମାବାଦ୍, ୧୭।୭(ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଗୁରୁବାର ପ୍ରବଳ ବର୍ଷା ହେବା ସହ ଭୟଙ୍କର ବନ୍ୟା ଆସିଛି। ଏଥିରେ ଗତ ୨୪ ଘଣ୍ଟା ମଧ୍ୟରେ ୬୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୯୦ ଜଣ ଆହତ ହୋଇଛନ୍ତି। ସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ସରକାର କେତେକ ଅଞ୍ଚଳରେ ଏମର୍ଜେନ୍ସି ଲାଗୁ କରିଛନ୍ତି। ଲାହୋରରେ ୧୫, ଫୈସଲାବାଦ୍‌ରେ ୯, ସାହିବାଲ୍‌ରେ ୫, ପାକପଟ୍ଟନରେ ୩ ଓ ଓକାରାରେ ୯ ଜଣ ପ୍ରାଣ ହରାଇଛନ୍ତି ବୋଲି ପଞ୍ଜାବ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ପିଡିଏମ୍‌ଏ) ସୂଚନା ଦେଇଛି। ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ରାଶି ଦେବାକୁ ସରକାର ଘୋଷଣା କରିଛନ୍ତି। ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ସତର୍କ ସୂଚନା ଜାରି କରିଥିଲା। ବନ୍ୟା ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀ ଦଳ ଲାଗି ପଡ଼ିଛନ୍ତି। ରାଜଧାନୀ ଇସ୍‌ଲାମାବାଦ୍‌ରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଇ ଦିଆଯାଇଛି।

## ୟୁଲିଆ ୟୁକ୍ରେନର ନୂଆ ପ୍ରଧାନମନ୍ତ୍ରୀ

କିଭ୍, ୧୭।୭(ଏଜେନ୍ସି): ଯୁଦ୍ଧ ବିଧ୍ୱସ୍ତ ୟୁରୋପୀୟ ଦେଶ ୟୁକ୍ରେନରେ ଏବେ ଜଣେ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ୩୯ ବର୍ଷୀୟା ୟୁଲିଆ ସିରିଡେଙ୍କୋ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭୋଲୋଡାମିର



ଜେଲେନ୍‌ସ୍କି ତାଙ୍କ ନାମ ସୁପାରିସ କରିଥିଲେ। ପରେ ୟୁଲିଆଙ୍କୁ ସଂସଦରେ ନୂଆ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ କରାଯାଇଥିଲା। ସେ ଜେଲେନ୍‌ସ୍କିଙ୍କ ବିଶ୍ୱସ୍ତ ଅନୁଗତ ଭାବେ ଜଣାଶୁଣା। ପୂର୍ବରୁ ୟୁଲିଆ ଉପ-ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ସେ ମଧ ଜଣେ ଅର୍ଥଶାସ୍ତ୍ରୀ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଖଣିଜ ଚୁକ୍ତି କରାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ସେ ସବୁ ମହଲରୁ ପ୍ରଶଂସିତ ହୋଇଥିଲେ। ଏଥିସହ ନୂଆ କ୍ୟାବିନେଟ୍‌ରେ ମଧ କିଛି ପରିବର୍ତ୍ତନ ହୋଇଛି। ୨୦୦୮ ରେ ସେ ଅର୍ଥଶାସ୍ତ୍ରୀ ଭାବେ କ୍ୟାରିଅର ଆରମ୍ଭ କରିଥିଲେ। ୨୦୨୧ରେ ସେ ୟୁକ୍ରେନର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଓ ଆର୍ଥିକ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୮୫ ଡିସେମ୍ବର ୨୫ରେ ସେ ଚେରନିହିଭ ସହରରେ ୟୁଲିଆ ଜନ୍ମଗ୍ରହଣ କରିଥିଲେ।

## ବେଙ୍ଗାଲୁରୁ ଦଳାଚକଟାରେ ଆର୍‌ସିବି, କୋହଲିଙ୍କ ଭୂମିକା ରହିଛି



### ରିପୋର୍ଟରେ ସରକାରଙ୍କୁ କ୍ଲିନ୍‌ଚିଟ୍

### ମାଗଣା ପାସ୍ ଯୋଗୁଁ ଅଣାୟତ୍ତ ହୋଇଥିଲା ସ୍ଥିତି

ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି): ଆଇପିଏଲ ବିଜୟ ପରେ ବେଙ୍ଗାଲୁରୁରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିଜୟ ପରେଡରେ ହୋଇଥିବା ଦଳାଚକଟାର ସରକାରୀ ରିପୋର୍ଟ ସାମ୍‌ନାକୁ ଆସିଛି। ଏହି ରିପୋର୍ଟରେ ସରକାରଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଛି। ଦୁର୍ଘଟଣା ପାଇଁ ଆରସିବିକୁ ଦାୟୀ କରାଯାଇଛି। ଏଥିରେ କ୍ରିକେଟର ବିରାଟ କୋହଲିଙ୍କ ନାମ ମଧ ରହିଛି। କର୍ଣ୍ଣାଟକ ସରକାର କହିଛନ୍ତି ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ ବିଜୟ ପରେଡ୍ ପାଇଁ ଆରସିବି ସରକାରଙ୍କଠାରୁ କୌଣସି ଅନୁମତି ନେଇ ନ ଥିଲା। କିନ୍ତୁ ଖାଲି ଏହାର ସୂଚନା ଦିଆଯାଇଥିଲା। ଆଇନ ଅନୁଯାୟୀ ଏପରି କାର୍ଯ୍ୟକ୍ରମ ପାଇଁ ଅତିକମରେ ସାତ ଦିନ ପୂର୍ବରୁ ଅନୁମତି ନେବାକୁ ପଡେ। କିନ୍ତୁ ଆରସିବି ସରକାରୀ ଅନୁମତି ପାଇଁ ଆବେଦନ କରି ନ ଥିଲା। କେତେ ଲୋକ ଆସିବେ, ବ୍ୟବସ୍ଥା କିମ୍ବା ସମ୍ଭାବ୍ୟ ସମସ୍ୟା ବିଷୟରେ ଅବଗତ କରାଯାଇ ନ ଥିଲା। ତେଣୁ ଅନୁମତି ଦିଆଯାଇ ନ ଥିଲା। ବିରାଟ କୋହଲିଙ୍କ ନାମରେ ଲୋକଙ୍କୁ ଡକା ଯାଇଥିଲା। ମାଗଣା ପାସ୍ ମଧ ବଣ୍ଟା ଯାଇଥିଲା। ଅସମ୍ଭାଳ ଭିଡ଼ ଯୋଗୁଁ ଦଳାଚକଟା ହୋଇଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୦ ଜଣ ଆହତ ହୋଇଥିଲେ।

ଏହି ରିପୋର୍ଟରେ କୁହାଯାଇଛି ଯେ ଯଦି କାର୍ଯ୍ୟକ୍ରମକୁ ହଠାତ୍ ବାତିଲ କରାଯାଇଥାନ୍ତା ତେବେ ହିଂସା ସୃଷ୍ଟି ହେବାର ଆଶଙ୍କା ଥିଲା। ସହରରେ ଆଇନ ଶୃଙ୍ଖଳା ମଧ ବିପର୍ଯ୍ୟସ୍ତ ହୋଇଥାନ୍ତା। ଗତ ୧୫ ତାରିଖରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରାଯାଇଥିଲା। ଏହି ରିପୋର୍ଟକୁ ଗୋପନୀୟ ରଖିବା ପାଇଁ ସରକାର ଅନୁରୋଧ କରିଥିଲେ। ମାତ୍ର ଏପରି ଗୋପନୀୟତାର କୌଣସି ଆଇନଗତ ଆଧାର ନାହିଁ ବୋଲି ହାଇକୋର୍ଟ କହିଥିଲେ। ସେହିପରି କର୍ଣ୍ଣାଟକ ମନ୍ତ୍ରୀ ଶରଣ ପ୍ରକାଶ ପାଟିଲ କହିଛନ୍ତି ଯେ କୌଣସି ବଡ଼ ଆୟୋଜନ ବିଭାଗର ଦାୟିତ୍ୱ ହୋଇଥାଏ। ନିଶ୍ଚିତ ଭାବେ ଏଠାରେ ଭୁଲ୍ ହୋଇଛି। ଯୁବ ବର୍ଗଙ୍କ ଜୀବନ ଯାଇଛି। ଏହାକୁ ସହଜରେ ନ ନେଇ ଆମେ କାର୍ଯ୍ୟାନୁଷ୍ଠାନ ନେବୁ।

## ସୁନା ଚୋରା ଚାଲାଣ: ରାନ୍ୟାଙ୍କୁ ଏକବର୍ଷ ଜେଲ୍ ଦଣ୍ଡ



ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): କନ୍ନଡ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ସୁନା ଚୋରା ଚାଲାଣ ମାମଲାରେ ଏକ ବର୍ଷର ଜେଲ୍ ଦଣ୍ଡାଦେଶ ଦିଆଯାଇଛି। ବୁଧବାର ଉପଦେଷ୍ଟା କମିଟି ମୁଦ୍ରା ସଂରକ୍ଷଣ ଓ ଚୋରା ଚାଲାଣ ଗତିବିଧିକୁ ରୋକିବା ଅଧିନିୟମ (ସିଓଏଫ୍‌ଇପିଓଏସ୍‌ଏ) ଅନୁସାରେ ଏହି ଦଣ୍ଡାଦେଶ ଦେଇଛି। ଜେଲ୍‌ରେ ରହିବା ବେଳେ ରାନ୍ୟାଙ୍କୁ ଏହି କମିଟି ଜାମିନ ଆବେଦନ ଓ ପାଇବାର ଅଧିକାର ଦେବାକୁ ମନା କରିଛି। ଗତ ମେ ୨୦ରେ ବେଙ୍ଗାଲୁରୁର ଏକ କୋର୍ଟ ରାନ୍ୟାଙ୍କ ସହ ଅନ୍ୟ ଅଭିଯୁକ୍ତ ତରୁଣ ରାଜୁଙ୍କୁ ଜାମିନ ଦେଇଥିଲା। ୨ ଲକ୍ଷ ଟଙ୍କାର ବଣ୍ଡରେ କୋର୍ଟ ଏହି ଦୁଇଜଣଙ୍କୁ କେତୋଟି ସର୍ତ୍ତ ସହ ଡିଫଲ୍ଟ ଜାମିନ ଦେଇଥିଲା। ଦୁଇଜଣଙ୍କୁ ଦେଶ ଛାଡି ନ ଯିବା ପାଇଁ ଓ ଏହି ଅପରାଧ ନ ଦୋହରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା।

## ଦର୍ଶନଙ୍କ ପାଇଁ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ବହୁ ଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟାକାଣ୍ଡ ମାମଲାରେ ସୁପ୍ରିମକୋର୍ଟ କର୍ଣ୍ଣାଟକ ହାଇକୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ଏହି ମାମଲାର ଅଭିଯୁକ୍ତ କନ୍ନଡ ଅଭିନେତା ଦର୍ଶନ ଥୁଗୁଦୀପାଙ୍କୁ ହାଇକୋର୍ଟ ଜାମିନ ଦେଇଥିଲେ। ତେବେ ସୁପ୍ରିମକୋର୍ଟ ଜାମିନ ଦେବା ନେଇ ହାଇକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ବିଚାରପତି ଜେବି ପାର୍ଦିୱାଲା ଓ ଆର ମହାଦେବନଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ଜାମିନ ନିଷ୍ପତ୍ତି ନେଇ ଆଦୌ ସହମତ ନୁହଁନ୍ତି ବୋଲି କହିଛନ୍ତି। ହାଇକୋର୍ଟ ଏହି ମାମଲରେ ଯେଉଁଭଳି ଭାବେ ବିବେକ ପ୍ରୟୋଗ କରିଛନ୍ତି ସେ ନେଇ ସୁପ୍ରିମକୋର୍ଟ ସନ୍ତୁଷ୍ଟ ନୁହଁନ୍ତି। ଏ ନେଇ ଖଣ୍ଡପୀଠ ଦର୍ଶନଙ୍କ ତରଫରୁ ମାମଲା ଲଢୁଥିବା ବରିଷ୍ଠ ଓକିଲ କପିଲ ଶିବଲଙ୍କୁ ମଧ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଥାଉ କି, ଦର୍ଶନଙ୍କ ସମେତ ଅଭିନେତ୍ରୀ ପବିତ୍ରା ଗୌଡା ଓ ଅନ୍ୟ କେତେକ ସାଥି ହୋଇ ୩୩ ବର୍ଷୀୟ ରେଣୁକାସ୍ୱାମୀ ନାମକ ଜଣେ ପ୍ରଶଂସକଙ୍କୁ ଅପହରଣ କରି ହତ୍ୟା କରିଥିଲେ।

## ଅହମଦାବାଦ ବିମାନ ଦୁର୍ଘଟଣା
## ପାଇଲଟଙ୍କୁ କାହିଁକି ଦୋଷ ଦେଉଛି ବିଦେଶୀ ଗଣମାଧ୍ୟମ

ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଆମେରିକୀୟ ଖବରକାଗଜ 'ୱାଲ୍ ଷ୍ଟ୍ରିଟ ଜର୍ଣ୍ଣାଲ' (ଡବ୍ଲ୍ୟୁଏସ୍‌ଜେ) ନୂଆ ଦାବି କରିଛି। ଏହି ବିମାନର ପାଇଲଟ ସୁମିତ ସଭରୱାଲ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରି ଦେଇଥିଲେ ବୋଲି କୁହାଯାଇଛି। ଉଭୟ ପାଇଲଟଙ୍କ ମଧ୍ୟରେ ହୋଇଥିଲା ବାର୍ତ୍ତାଳାପର କକ୍‌ପିଟ ରେକର୍ଡିଂରୁ ଏହି ସୂଚନା ମିଳିଛି। ଭଏସ ରେକର୍ଡିଂରୁ ଜଣାପଡ଼ିଛି ଯେ ବୋଇଂ ବିମାନ ଉଡ଼ାଉ ଥିବା କୋ-ପାଇଲଟ କ୍ଲାଇଭ କୁନ୍ଦର ସୁମିତଙ୍କୁ କହିଥିଲେ ଯେ ଆପଣ ଫୁଏଲ ସ୍ୱିଚ୍‌କୁ 'କଟ୍‌ଅଫ୍' ପୋଜିସନ୍‌କୁ କାହିଁକି ଆଣିଥିଲେ? ଏହି ପ୍ରଶ୍ନ କରିବା ସମୟରେ କୋ-ପାଇଲଟ ବିଚଳିତ ହୋଇ ଯାଇଥିଲେ। ତାଙ୍କ ସ୍ୱରରେ ଭୟ ଥିଲା। କିନ୍ତୁ କ୍ୟାପ୍ଟେନ୍ ସୁମିତ ଶାନ୍ତ ଥିଲେ ବୋଲି ଡବ୍ଲ୍ୟୁଏସ୍‌ଜେ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାର ଯାଞ୍ଚ ସମ୍ବନ୍ଧିତ ଆମେରିକା ସୂତ୍ରରୁ ଖବରକାଗଜ ଏହି ସୂଚନା ଦେଇଛି। ତେବେ ଭାରତୀୟ ଏଜେନ୍ସି ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। କିନ୍ତୁ ବିମାନ କମ୍ପାନୀ ବୋଇଂକୁ ବଞ୍ଚାଇବା ଲାଗି ବିଦେଶୀ ଗଣମାଧ୍ୟମ ପାଇଲଟ୍‌ଙ୍କ

### ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଦୋଷ ଲଦାଯାଉଛି: ଏଏଆଇବି

### ଭାରତଠାରୁ ଅଧିକ ସୂଚନା ରଖିଛ କି: ଭାରତୀୟ ବିଶେଷଜ୍ଞ

ଉପରେ ଦୋଷ ବୋଳିବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି। ପୂର୍ବରୁ ମଧ ଅନେକ ଦୁର୍ଘଟଣାର ପାଇଲଟ୍‌ଙ୍କୁ ଦୋଷ ଦେଇ କମ୍ପାନୀଙ୍କୁ ସୁରକ୍ଷା ଦିଆଯାଇଥିବା ନଜିର ରହିଛି। ରିପୋର୍ଟ



ଅନୁଯାୟୀ ଏବେ ସୁଦ୍ଧା ସାରା ବିଶ୍ୱରେ ୬ ହଜାରରୁ ଅଧିକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଥିରୁ ୪୧୫ଟି ଭୟଙ୍କର ଦୁର୍ଘଟଣା ଥିଲା। ଏଥିରେ ୯ ହଜାର ଲୋକଙ୍କ ଜୀବନ ଯାଇଛି। ତେଣୁ ବୋଇଂକୁ ଉଡ଼ନ୍ତା ମୃତ୍ୟୁ ବୋଲି କୁହାଯାଏ। ଏପରି ସ୍ଥଳେ ବୋଇଂର ଛବି ଖରାପ ନ କରିବା ପାଇଁ ଡବ୍ଲ୍ୟୁଏସ୍‌ଜେ ଏପରି ରିପୋର୍ଟିଂ କରୁଥିବା କୁହାଯାଉଛି।

ଅନ୍ୟପଟେ ଡବ୍ଲ୍ୟୁଏସ୍‌ଜେର ରିପୋର୍ଟକୁ ଭାରତର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଆଧାରହୀନ କହିଛି। ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଏବଂ ବିନା ଯାଞ୍ଚ ରିପୋର୍ଟିଂ କରାଯାଇଥିବା କୁହାଯାଇଛି। ଚୂଡ଼ାନ୍ତ ରିପୋର୍ଟ ନ ଆସିବା ପୂର୍ବରୁ ନିଷ୍କର୍ଷରେ ପହଞ୍ଚିବାକୁ ଆମେରିକା ଖବରକାଗଜ ପ୍ରୟାସ କରୁଛି। ତଦନ୍ତ ଜାରି ରହିଥିବାବେଳେ ଏଭଳି ଦାବି କରିବା ଦାୟିତ୍ୱହୀନତାର ପରିଣାମକୁ ଦର୍ଶାଉଛି। ସେହିପରି ଆଭିଏସନ ବିଶେଷଜ୍ଞ ସଞ୍ଜୟ ଲଜାର ଯାଞ୍ଚ ରିପୋର୍ଟ ଲିକ୍ ହେବା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଗଣମାଧ୍ୟମ ଭାରତର ସଂସଦ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଠାରୁ ଅଧିକ ସୂଚନା ରଖିଥିବା ପରି ଲାଗୁଛି। ଏହା ରିପୋର୍ଟ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉଛି।

## ଆମନ୍ତ୍ରଣ ପରେ ଫଡ଼ନାଭୀସଙ୍କୁ ଭେଟିଲେ ଉଦ୍ଧବ

ମୁମ୍ବାଇ, ୧୭।୭ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ପଡ଼ିଛି। ରାଜ୍ୟରେ ନୂଆ ସମୀକରଣ ନେଇ ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଭେଟଘାଟକୁ ନେଇ ଏହି ଚର୍ଚ୍ଚା ଜୋର୍ ଧରିଛି। ଉଭୟ ନେତା ବିଧାନପରିଷଦ ଅଧ୍ୟକ୍ଷ ରାମ ସିନ୍ଦେଙ୍କ କାର୍ଯ୍ୟାଳୟରେ ୨୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ସମୟରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ଠାକରେ ମଧ ଉପସ୍ଥିତ ଥିଲେ। ଏହାର ଦିନକ ତଳେ ବୁଧବାର ମୁଖ୍ୟମନ୍ତ୍ରୀ ଫଡନାଭୀସ ଏକ କାର୍ଯ୍ୟକ୍ରମରେ ଉଦ୍ଧବଙ୍କୁ ସରକାରରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେ ଉଦ୍ଧବଙ୍କୁ କହିଥିଲେ ଯେ ୨୦୨୯ ପର୍ଯ୍ୟନ୍ତ ବିଜେପି ତାଙ୍କ ସହ ବିରୋଧୀ ଦଳରେ ସାମିଲ ହେବାର ସମ୍ଭାବନା ନାହିଁ। କିନ୍ତୁ ଉଦ୍ଧବ କ୍ଷମତାସୀନଙ୍କ ପକ୍ଷକୁ ଆସିପାରିବେ। ଏହା ଉପରେ ମଧ ବିଚାର କରାଯାଇପାରେ। ଚଳିତ ଥର ଆମେ ଅଲଗା ଭାବେ ଚିନ୍ତା କରିବୁ ବୋଲି ଫଡନାଭୀସ କହିଥିଲେ। ଏହାର ମାତ୍ର ୨୪ ଘଣ୍ଟା ଭିତରେ ଉଦ୍ଧବ ନିଜ ପୁଅକୁ ଧରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଘଟଣା ଭିନ୍ନ କିଛି ସଙ୍କେତ ଦେଉଛି

### ବିଜେପି-ଶିବସେନା ଏକାଠି ହେବା ନେଇ ଚର୍ଚ୍ଚା !



ବୋଲି କୁହାଯାଉଛି। ଏହି ସମୟରେ ଉଦ୍ଧବ ଫଡନାଭୀସଙ୍କୁ ଏକ ପୁସ୍ତକ ଉପହାର ଦେଇଥିଲେ। ଏଥିରେ ଲେଖା ଯାଇଥିଲା ଯେ ହିନ୍ଦୀ ପ୍ରତି କଠୋର କାହିଁକି ଏବଂ ତ୍ରିଭାଷା ଜରୁରୀ କାହିଁକି? ଏବେ ଏହି ଚର୍ଚ୍ଚାକୁ ନେଇ ରାଜନୈତିକ ଅଙ୍କକଷା ଜାରି ରହିଛି। ତେବେ ପୂର୍ବରୁ ବିଜେପି ଉଦ୍ଧବଙ୍କୁ ଧୋକାବାଜ କହିଥିଲା। ଆଉ ତାଙ୍କ ସହ ମେଣ୍ଟ କରାଯିବ ନାହିଁ ବୋଲି କୁହାଯାଇଥିଲା।

୨୦୧୪ ପର୍ଯ୍ୟନ୍ତ ଶିବସେନା-ବିଜେପି ମେଣ୍ଟ ଠିକ୍‌ଠାକ୍ ଚାଲିଥିଲା। ମାତ୍ର ୨୦୧୪ ବିଧାନସଭା ନିର୍ବାଚନରେ ଆସନ ବୁଝାମଣାକୁ ନେଇ ତିକ୍ତତା ସୃଷ୍ଟି ହୋଇଥିଲା। ୨୦୧୯ ବିଧାନସଭା ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ହେବାରୁ ଦୁଇ ଦଳ ଅଲଗା ହୋଇଥିଲେ। କଂଗ୍ରେସ, ଏନ୍‌ସିପି ସହ ମିଶି ସରକାର ଗଠନ କରି ଉଦ୍ଧବ ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ହନିଟ୍ରାପ୍‌ରେ ଫସିଛନ୍ତି ୭୨ରୁ ଊର୍ଦ୍ଧ୍ୱ ଅଧିକାରୀ: ନାନା ପଟୋଲେ

ମୁମ୍ବଇ, ୧୭।୭(ଏଜେନ୍ସି): ମହାରାଷ୍ଟ୍ର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନାନା ପାଟୋଲେ ରାଜ୍ୟ ସରକାରଙ୍କ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ସାମ୍ନାକୁ ଆସିଥିବା ହନିଟ୍ରାପ୍ କାଣ୍ଡରେ ରାଜ୍ୟର କେତେଜଣ ମନ୍ତ୍ରୀ, ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଫସିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ ୭୨ ଜଣ ଏଥିରେ ଫସିଛନ୍ତି। କିନ୍ତୁ ପ୍ରକୃତରେ ଆହୁରି ଅଧିକ ବିଶିଷ୍ଟ ବ୍ୟକ୍ତି ଏଥିରେ ଫସିଛନ୍ତି। ମୋ ପାଖରେ ଥିବା ପେନ୍ ଡ୍ରାଇଭ୍‌ରେ ସବୁ ପ୍ରମାଣ ରହିଛି। ତେବେ ଆମେ କାହାର ବ୍ୟକ୍ତିଗତ ଚରିତ୍ର ସଂହାର କରିବାକୁ ଚାହୁଁନାହୁଁ ଓ ଏଥିପାଇଁ ଏହାକୁ ସାର୍ବଜନୀନ କରୁନାହୁଁ। କିନ୍ତୁ ସରକାର ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ବିରୋଧୀ ଦଳ ଏହାକୁ ସାର୍ବଜନୀନ କରିବାକୁ ବାଧ ହେବ ବୋଲି ସେ ସତର୍କ କରାଇଛନ୍ତି।

## ଭଦ୍ରାଙ୍କ ବିରୋଧରେ ଆରୋପପତ୍ର

ଗୁରୁଗ୍ରାମ୍, ୧୭।୭(ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍‌ରେ ଜମି ଚୁକ୍ତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତ୍ରୀ ତଥା ସାଂସଦ ପ୍ରିୟଙ୍କା ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ବିରୋଧରେ ଆରୋପ ପତ୍ର ଦାଖଲ କରିଛି। ଏହା ଜମି କାରବାର ସହିତ ଜଡିତ ମନି ଲଣ୍ଡରିଂ ବାବଦରେ ଏହି ଆରୋପ ପତ୍ର ଜାରି କରାଯାଇଛି। ପ୍ରଥମଥର ପାଇଁ କୌଣସି ଯାଞ୍ଚ ଏଜେନ୍ସି କୌଣସି ଅପରାଧ ମାମଲାରେ ରବର୍ଟଙ୍କ ବିରୋଧରେ ଆରୋପ ପତ୍ର ଦାଏର କରିଛି। ଏଥିରେ ଅନ୍ୟ ବ୍ୟକ୍ତିଙ୍କ ସହ କମ୍ପାନୀଗୁଡିକର ନାମ ମଧ ସାମିଲ କରାଯାଇଛି। ୨୦୦୮ ରେ ଗୁରୁଗ୍ରାମ୍‌ର ଶିକୋହପୁରରେ ଏହି ଲ୍ୟାଣ୍ଡ ଡିଲ୍ ହୋଇଥିଲା। ଏହି ମାମଲାରେ ସେବେକାର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ସିଂ ହୁଡ଼ା, ରିୟଲ ଇଷ୍ଟେଟ କମ୍ପାନୀ ଡିଏଲ୍‌ଏଫ୍ ଓ ଜଣେ ପ୍ରପର୍ଟି ଡିଲରଙ୍କ ନାମରେ ୨୦୧୮ ରେ ମାମଲା ରୁଜୁ କରାଯାଇଥିଲା। ଏହି ଏଫ୍‌ଆଇଆରରେ ଦୁର୍ନୀତି, ଷଡ଼ଯନ୍ତ୍ର, ଠକାମୀ ସହିତ ଅନ୍ୟ ଅଭିଯୋଗ ମଧ ହୋଇଥିଲା। ରବର୍ଟଙ୍କ ସହିତ ଜଡିତ କମ୍ପାନୀ ୭ କୋଟି ଟଙ୍କାରେ ଜମି କିଣି ୫୮ କୋଟି ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି।

## 'ସତ୍ୟଜିତ ରାୟଙ୍କ ପୈତୃକ ଘର ଭଙ୍ଗାଯିବା ଖବର ଠିକ୍ ନୁହେଁ'

ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ପ୍ରଖ୍ୟାତ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରାୟଙ୍କ ପୈତୃକ ବାସଭବନ ଭଙ୍ଗାଯିବା ନେଇ ଚାଲିଥିବା ଚର୍ଚ୍ଚା ଓ ଖବରକୁ ବାଂଲାଦେଶ ସରକାର ଖଣ୍ଡନ କରିଛନ୍ତି। ମିମେନସିଂ ସହରରେ ସତ୍ୟଜିତଙ୍କ ଘରକୁ ବୁଲଡୋଜର ଦ୍ୱାରା ଭଙ୍ଗାଯାଇଛି ବୋଲି ଗଣମାଧ୍ୟମଗୁଡିକରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଭଙ୍ଗାଯାଇଥିବା ଘର ସହିତ ସତ୍ୟଜିତଙ୍କ ପରିବାରର କୌଣସି ସମ୍ପର୍କ ନାହଁ ବୋଲି ସରକାର କହିଛନ୍ତି। ଏହି ଘର ଜମିଦାର ଶଶିକାନ୍ତ ଆଚାର୍ଯ୍ୟ ଚୌଧୁରୀଙ୍କ ଥିଲା। ଜମିଦାରୀ ପ୍ରଥା ଉଠିଯିବା ପରେ ଏହି ଘର ସରକାରଙ୍କ ନିୟନ୍ତ୍ରଣକୁ ଆସିଥିଲା ଓ ଏହାକୁ ବାଂଲାଦେଶ ଶିଶୁ ଏକାଡେମୀକୁ ପ୍ରଦାନ କରାଯାଇଥିଲା। ତେବେ ସତ୍ୟଜିତଙ୍କ ବାସଭବନ ବହୁପୂର୍ବରୁ ବିକ୍ରି ହୋଇସାରିଛି ଓ ଏଠାରେ ଏକ ବହୁତଳ କୋଠା ନିର୍ମାଣ କରାଯାଇଛି। ମେମେନସିଂର ହରିକିଶୋର ରାୟ ରୋଡ୍‌ରେ ଥିବା ଘର ସତ୍ୟଜିତ୍‌ଙ୍କ ଅଣ ଜେଜେ ହରିକିଶୋର ରାୟଙ୍କ ନାମରେ ରହିଥିଲା। ଏହି ଘର ପୂର୍ବରୁ ବିକ୍ରି ହୋଇସାରିଛି ବୋଲି ବାଂଲାଦେଶର ଅନ୍ତରୀଣ ସରକାର କହିଛନ୍ତି।

**ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗ୍**

## ଦେଶରେ ଦ୍ୱିତୀୟ ସ୍ଥାନରେ ଆସ୍କା, ଚିକିଟି

ଭୁବନେଶ୍ୱର, ୧୭।୭ (ସମିସ): ବର୍ଷ ୨୦୨୪-୨୫ ପାଇଁ ଜାତୀୟସ୍ତରରେ ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗ ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ଆସ୍କା ଓ ଚିକିଟି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱର ୯ମ, ରାଉରକେଲା ୧୫ତମ ଓ କଟକ ୩୦ତମ ସ୍ଥାନ ଅକ୍ତିଆର କରିଛି। ସେହିପରି, ସ୍ୱଚ୍ଛ ସର୍ବେକ୍ଷଣରେ

**ନବମ ସ୍ଥାନରେ ଭୁବନେଶ୍ୱର, ୧୫ତମ ସ୍ଥାନରେ ରାଉରକେଲା**



ରାଜ୍ୟରେ ଆସ୍କା ପ୍ରଥମ ସ୍ଥାନରେ ରହିଛି।

ଭୁବନେଶ୍ୱରକୁ ୩ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ଶ୍ରେଣୀରେ ଏହି ରାଙ୍କ୍ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ରୀୟ ଗୃହ ଏବଂ ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରକୁ ଏଥିପାଇଁ ମନ୍ତ୍ରଣାଳୟ ସ୍ତରୀୟ ପୁରସ୍କାର- ପ୍ରମିଜିଂ ସ୍ୱଚ୍ଛ ସହର ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳ ଭାବେ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରୀୟ ରାଙ୍କିଙ୍ଗ୍‌ରେ ଆସ୍କା ଏନ୍ଏସି ଶ୍ରେଷ୍ଠ ପ୍ରଦର୍ଶନ କରି ୧ନମ୍ବର ସ୍ଥାନ ହାସଲ କରିଥିଲା କେନ୍ଦ୍ରୀୟ ରାଙ୍କିଙ୍ଗ୍‌ରେ ୨ନମ୍ବର ସ୍ଥାନ ପାଇ ରାଷ୍ଟ୍ରପତି ପୁରସ୍କାର ପାଇଛି। ରାଉଲକେଲା ୧୫ ନମ୍ବର ସ୍ଥାନରେ ରହିଥିଲା ବେଳେ କଟକ ୩୦ତମ ସ୍ଥାନରେ ରହିଛି।

ଭୁବନେଶ୍ୱରକୁ ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କି ୨୦୨୪-୨୫ରେ ୧୦୫୪୮ ନମ୍ବର ନିଆଯାଇଛି। ଏଣୁ ରାଜ୍ୟ ସମସ୍ତ ସହର ମଧ୍ୟରେ ରାଙ୍କିରେ ୨ନମ୍ବର ସ୍ଥାନରେ ରହିଛି। ଗାର୍ବେଜ୍ ଫ୍ରି' ସିଟିରେ ୩ଷ୍ଟାର୍ ଦିଆଯାଇଛି। ଘଟଣାସ୍ଥଳରେ ଅଳିଆ ପୃଥକୀକରଣ ପାଇଁ ୭୮ପ୍ରତିଶତ ନମ୍ବର ଦିଆଯାଇଛି। ସେହିପରି ଓଡିଏଫ୍ ଷ୍ଟାଟସ୍ ୱାଟର+ ରହିଥିଲା ବେଳେ ପ୍ରକ୍ରିୟାକରଣରେ ୯୮ ପ୍ରତିଶତ ଏବଂ ଡୋର୍ ଟୁ ଡୋର୍ ବର୍ଜ୍ୟ ସଂଗ୍ରହରେ ୯୭ ପ୍ରତିଶତ ରହିଛି।

ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ନଗର ଉନ୍ନୟନ ବିଭାଗର ସଚିବ ଉଷା ପାଢ଼ୀ ଏବଂ ବିଏମସି କମିସନର ରାଜେଶ ପ୍ରଭାକର ପାଟିଲ ସମାରୋହରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଭୁବନେଶ୍ୱର ବ୍ୟତୀତ, ଗଞ୍ଜାମ ଜିଲ୍ଲାର ଆସ୍କା ଏବଂ ଚିକିଟି ଏନଏସିକୁ ମଧ୍ୟ ଏହି ସମାରୋହରେ ସମ୍ମାନିତ କରାଯାଇଥିଲା। ଆସ୍କା ଏନଏସି ୨୦,୦୦୦ରୁ ୫୦,୦୦୦ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛତା ପୁରସ୍କାର ପାଇଛି। ରାଙ୍କିଙ୍ଗ୍‌ରେ ୧୦୭୭୨ ନମ୍ବର ରଖି ରାଜ୍ୟର ସମସ୍ତ ସହର ତୁଳନାରେ ଭଲ ପ୍ରଦର୍ଶନ କରି ୧ ନମ୍ବର ସ୍ଥାନ ଅକ୍ତିଆର କରିଥିଲା ବେଳେ ଦେଶରେ ୨ନମ୍ବର ସ୍ଥାନରେ ରହିଛି। ସେହିପରି ଚିକିଟି ଏନ୍ଏସି ୨୦,୦୦୦ ରୁ କମ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛ ସହର ପୁରସ୍କାର ପାଇଛି। ବିଏମସି କର୍ତ୍ତୃପକ୍ଷ ରାଜଧାନୀ ନଗରୀର ଲୋକମାନଙ୍କୁ ସେମାନଙ୍କ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ କରିଥିବା ପ୍ରୟାସ ବଦଳରେ ଧନ୍ୟବାଦ ଜଣାଇଛନ୍ତି।

**ସେବାଶ୍ରମ ସ୍କୁଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ**

## ହତ୍ୟା କରି ଗଛରେ ଟାଙ୍ଗିଦେଲେ!

ନୂଆପଡ଼ା, ୧୭।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ସାହାଜଟ ସେବାଶ୍ରମ ବିଦ୍ୟାଳୟରେ ବୁଧବାର ବିଳମ୍ବିତ ରାତିରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ଅଶ୍ୱିନୀ ବନ୍‌ଛୋର (୧୩)। ତାଙ୍କ ଘର ଖଡ଼ିଆଳ ଥାନା ବଡମହେଶ୍ୱରରେ ହୋଇଥିବା ବେଳେ କୁଲିଗାଁ ନିବାସୀ ତଥା ସାହଜଟ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଜଗଦୀଶ ନାଗଙ୍କ ତତ୍ତ୍ୱାବଧାନରେ ରହି ପାଠ ପଢୁଥିଲେ। ଶିକ୍ଷକ ଓ କିଛି ଛାତ୍ର ତାଙ୍କୁ ଏକ ମହୁଲ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି କୋମନା ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହା ଏକ ଯୋଜନାବଦ୍ଧ ହତ୍ୟା କାଣ୍ଡ ବୋଲି କିଛି ନେତା ଅଭିଯୋଗ କରିଛନ୍ତି। ଅନ୍ୟପଟେ, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ଏସ୍‌ସି/ଏସ୍‌ଟି ସେବାଶ୍ରମ ବିଦ୍ୟାଳୟ ହୋଇଥିବା ବେଳେ ଜଣେ ଓବିସି ବର୍ଗର ଛାତ୍ର ହଷ୍ଟେଲରେ ଦୀର୍ଘ ୩ ବର୍ଷ ଧରି ରହୁଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୁଧବାର ରାତି ପ୍ରାୟ ୯ଟା ବେଳେ ସମସ୍ତ ପିଲା ଖାଇ ସାରି ହଷ୍ଟେଲରେ ପ୍ରବେଶ କରିଥିଲେ। ହେଲେ ଅଶ୍ୱିନୀ ମଳତ୍ୟାଗ ଆଳରେ ବାହାରକୁ ଯାଇଥିଲେ। ବିଳମ୍ବ ହେବାରୁ ସହପାଠୀମାନେ ତାଙ୍କୁ ଖୋଜାଖୋଜି କରିଥିଲେ। ଏହି ସମୟରେ ହଷ୍ଟେଲ ନିକଟ ଏକ ମହୁଲ ଗଛରେ ତାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେତେବେଳକୁ ରାତି ପ୍ରାୟ ୧୨ଟା ହୋଇଥିଲା। ହଷ୍ଟେଲରେ ଜଗୁଆଳି କି ହଷ୍ଟେଲ ସୁପରିନଟେଣ୍ଡେଣ୍ଟ ପାଖରେ ନଥିଲେ। ଖବର ପାଇ ଶିକ୍ଷକ ଆସି ତାଙ୍କୁ ହସ୍‌ପିଟାଲକୁ ନେଇଥିଲେ।

ଅଶ୍ୱିନୀ କିଛି ଦିନ ହେବ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ତାଙ୍କର ସାଙ୍ଗମାନେ ପ୍ରକାଶ କରିଛନ୍ତି। ଏହି ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାମଙ୍ଗଳ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ



ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଏସ୍‌ଡିପିଓ ସ୍ୱାଧୀନ ମିଶ୍ରଙ୍କ ନେତୃତ୍ୱରେ ପୁଲିସ୍‌ର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି। ଘଟଣା ସ୍ଥଳରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ସଭାପତି ଭାନୁପ୍ରତାପ ସିଂ ମାଝୀ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ସମ୍ପାଦକ ସୁଧୀର ମିଶ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପପୁ ଅହୀର ପ୍ରମୁଖ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି।

**ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଚିନ୍ତା**

## ହେଲ୍ପଲାଇନ ନମ୍ବର ଜାରି କଲା ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୧୭।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁ ଘଟଣା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚେତା ପଶିଛି। ଉଚ୍ଚ ଶିକ୍ଷାନୁଷ୍ଠାନ ପରି ବିଦ୍ୟାଳୟରେ ମଧ୍ୟ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ତତ୍ପରତା ପ୍ରକାଶ କରିଛି। କର୍ମ କ୍ଷେତ୍ରରେ ମହିଳାଙ୍କୁ

- ଆଇସିସି ଗଠନ କରିବାକୁ କଡ଼ା ନିର୍ଦ୍ଦେଶ
- ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଗୁରୁତ୍ୱ
- ପ୍ରମୁଖ ସ୍ଥାନରେ ଲାଗିବ ସଚେତନତା ପୋଷ୍ଟର

ଯୌନ ନିର୍ଯାତନା ଆଇନ ୨୦୧୩କୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶାନାମା ଜାରି କରିଛି। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯିବା ସହ ୪ଟି ହେଲ୍ପଲାଇନ ନମ୍ବର ଜାରି କରିଛି।

ବିଦ୍ୟାଳୟରେ ମହିଳା କର୍ମଚାରୀ ଏବଂ ଛାତ୍ରୀଙ୍କ ସୁରକ୍ଷା ପାଇଁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଓମେନ୍ସ ହେଲ୍ପଲାଇନ- ୧୮୧, ଶିଶୁ ହେଲ୍ପଲାଇନ-୧୦୯୮ ଓ ପୁଲିସ୍ ହେଲ୍ପଲାଇନ୍-୧୧୨କୁ ଯୋଗାଯୋଗ ପାଇଁ କୁହାଯାଇଛି। ସେହିପରି ସମସ୍ତ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଡିଇଓ ଏବଂ ଡିପିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ-ଭାବପ୍ରବଣ ସୁସ୍ଥତା ପାଇଁ ବିଦ୍ୟାଳୟଗୁଡ଼ିକରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି। ଲିଙ୍ଗଭିତ୍ତିକ ହିଂସା ଦୂର କରିବା ପାଇଁ ଉଦ୍ଦିଷ୍ଟ ଲିଙ୍ଗ ସମାନତା କାର୍ଯ୍ୟକ୍ରମ ପାଠ୍ୟକ୍ରମକୁ ରାଜ୍ୟର ସମସ୍ତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସାମାଜିକ ଅଧ୍ୟୟନ ପାଠ୍ୟକ୍ରମ ସହିତ ସମନ୍ୱୟ କରି କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ, ତୁରନ୍ତ ହେଲ୍ପଲାଇନ ନମ୍ବର ୧୮୦୦୩୪୫୬୭୨୨ ନମ୍ବରରେ ଯୋଗାଯୋଗ କରିପାରିବେ। ସମସ୍ତ ହେଲ୍ପଲାଇନ ନମ୍ବର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରାଯିବ। ଅନ୍ୟଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କୁହାଯାଇଛି।

**ସାଂସଦ ଅପରାଜିତାଙ୍କ ଉପରେ ବର୍ଷିଲା ବିଜେଡି**

## ନାରୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି

ଭୁବନେଶ୍ୱର,୧୭।୭(ସମିସ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଦେଇଥିବା ମନ୍ତବ୍ୟକୁ ବିଜେଡି କଡ଼ା ସମାଲୋଚନା କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ସାଂସଦ ଡଃ ରାଜଶ୍ରୀ ମଲ୍ଲିକ ଅପରାଜିତାଙ୍କ ଉପରେ ବର୍ଷିବା ସହ ତାଙ୍କୁ ନୈତିକତାର ପାଠ ପଢ଼ାଇଛନ୍ତି। ଶ୍ରୀମତୀ ଛୁରିଆ କହିଛନ୍ତି, ସାଂସଦ ଅପରାଜିତା ଜଣେ ନାରୀ ହୋଇ ଆଉ ଜଣେ ନାରୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଛନ୍ତି। ସେ ଆଜି ଦେଇଥିବା ମନ୍ତବ୍ୟ କେବଳ ନିଜ ଦଳର ସରକାରଙ୍କ ପିଠି ଥାପୁଡ଼ାଇବା ପାଇଁ ଉଦ୍ଦିଷ୍ଟ। ଯେତେବେଳେ, ସମଗ୍ର ରାଜ୍ୟର ଜନସାଧାରଣ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ମ୍ରିୟମାଣ, ସେତେବେଳେ ସାଂସଦ ଅପରାଜିତା ନିଜ ଦଳର ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମ୍‌ସିରେ ଯେତେବେଳେ ତାଙ୍କ ଦଳର ଗୁଣ୍ଡାମାନେ ଅତିରିକ୍ତ କମିସନରଙ୍କ ଉପରେ ଅମାନବୀୟ ଆକ୍ରମଣ କରିଥିଲେ, ଅପରାଜିତାଙ୍କ ମନ୍ତବ୍ୟ ଗୋଟିଏ ପ୍ରକାର ଥିଲା। ଏବେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ତାଙ୍କ ସ୍ୱର ଦବି ଯାଉଛି କାହିଁକି ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଛନ୍ତି। ଶ୍ରୀମତୀ ଛୁରିଆ କହିଥିଲେ, ଅନ୍ୟ ଦଳର ଲୋକ ସୌମ୍ୟାଶ୍ରୀଙ୍କୁ ବିରୋଧ କରି ଟାହିଟାପରା କରୁଥିଲେ। ଯାହା ତାଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ ବାଧ୍ୟକଲା ବୋଲି ବିଜେପି କହୁଛି। ଏହି ମନ୍ତବ୍ୟ କେବଳ ରାଜନୀତି ପାଇଁ ଉଦ୍ଦିଷ୍ଟ। ରାଜ୍ୟରେ ବିଜେପି ସରକାର ଅଛି, ଯିଏ ବି ଦୋଷୀ ତାଙ୍କୁ ଦଣ୍ଡ ଦିଆଯାଉ। ମାତ୍ର ଅନ୍ୟ ଉପରେ ଦୋଷ ଲଦି ଜନମାନସକୁ ବିଭ୍ରାନ୍ତ କରା ନ ଯାଉ। ଆରମ୍ଭରୁ ପୀଡ଼ିତାଙ୍କ ଏତଲା ଗ୍ରହଣ କରି କ'ଣ ପାଇଁ ପୁଲିସ ମାମଲା ରୁଜୁ କଲା ନାହିଁ। ସେତେବେଳେ ଶାସକ ଦଳର କେଉଁ ନେତା ପୁଲିସ ଉପରେ ଚାପ ପକାଇଥିଲେ ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ଅଛି ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଛାତ୍ରୀଙ୍କ ମୃତ୍ୟୁ ପରେ ଅପରାଜିତା ଶୂନ୍ୟସହନଶୀଳତା କଥା କହୁଛନ୍ତି। କିନ୍ତୁ ଯେତେବେଳେ ସେ ନ୍ୟାୟ ପାଇଁ ବାର ଦୁଆର ବୁଲୁଥିଲା, ସେତେବେଳେ ସରକାର କ'ଣ କୁମ୍ଭକର୍ଣ୍ଣ



ନିଦ୍ରାରେ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡିତା ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିବା ବ୍ୟତୀତ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସିଧାସଳଖ ଜଣାଇଥିଲେ ମଧ୍ୟ କେହି ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଅଭିଯୁକ୍ତ ଅଧ୍ୟାପକ ଯେତିକି ଦାୟୀ, ଯେଉଁମାନେ ଛାତ୍ରୀଙ୍କର ଅଭିଯୋଗକୁ ଅଣଦେଖା କରିଛନ୍ତି, ସେମାନେ ମଧ୍ୟ ସମପରିମାଣରେ ଦାୟୀ। ସାଂସଦ ଅପରାଜିତା ସେହିଦିଗ ପ୍ରତି ନିରବ କାହିଁକି ବୋଲି ବେଜେଡି ପ୍ରଶ୍ନ କରିଛି।

ସେହିପରି ଡଃ ରାଜଶ୍ରୀ ମଲ୍ଲିକ କହିଥିଲେ, ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ରାଜ୍ୟରେ ମହିଳାଙ୍କ ସମ୍ମାନ ବୃଦ୍ଧି କ୍ଷେତ୍ରରେ ଓ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଦେଶରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା।

- ଛାତ୍ରୀଙ୍କ ମୃତ୍ୟୁ ପୂର୍ବରୁ ସରକାରଙ୍କ ଶୂନ୍ୟସହନଶୀଳତା କେଉଁଠି ଥିଲା
- ଅନ୍ୟକୁ ଆକ୍ଷେପ ଛାଡ଼ି ପୀଡ଼ିତାଙ୍କୁ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରନ୍ତୁ

ଯେଉଁଥିପାଇଁ ଓଡ଼ିଶାର ଜନସାଧାରଣ ନବୀନଙ୍କୁ ପାଞ୍ଚ ପାଞ୍ଚ ଥର ଆଶୀର୍ବାଦ କରିଥିଲେ। ସାଂସଦ ଅପରାଜିତା ନବୀନ ପଟ୍ଟନାୟକଙ୍କ ଉପରେ ମନ୍ତବ୍ୟ ଦେବା ପୂର୍ବରୁ ନିଜ ଆଡ଼କୁ ଟିକେ ଦେଖନ୍ତୁ। ସାଂସଦ ଭାବେ ତାଙ୍କ ଉପଲବ୍ଧି କଣ ରହିଛି? କେବଳ ଏକ ଫୁଟ୍ ଓଭରବ୍ରିଜ ବ୍ୟତୀତ ଆଉ ବିଶେଷ କିଛି ନାହିଁ। ତେଣୁ ସେ ଅନ୍ୟକୁ ଆକ୍ଷେପ କରିବା ଛାଡ଼ନ୍ତୁ। ଜଣେ ନାରୀ ନେତ୍ରୀ ହିସାବରେ ପୀଡିତା ଛାତ୍ରୀ କିପରି ନ୍ୟାୟ ପାଇବେ ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ଡଃ ମଲ୍ଲିକ କହିଛନ୍ତି। ସୂଚନା ଥାଉ କି ଗୁରୁବାର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ବିଜେଡିକୁ ପ୍ରତିଆକ୍ଷେପ କରିବା ସହ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଛନ୍ତି।

**ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା**

## ଗାଁ ଦାଣ୍ଡରେ ୧୫ ପୁଲିସ୍ ୪ ଘଣ୍ଟା ଅଟକ

ପାଟଣାଗଡ଼, ୧୭।୭ (ସମିସ): ଅଭିଯୁକ୍ତମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ଏବଂ ତଦନ୍ତରେ ଅବହେଳା ଅଭିଯୋଗରେ ଗାଁ ଦାଣ୍ଡରେ ପୁଲିସ୍‌କୁ ଘଣ୍ଟାଘଣ୍ଟା ଧରି ଅଟକ। ବଲାଙ୍ଗିର ଜିଲ୍ଲା ଭଇଁଷା ଗାଁ ନୂଆପଡ଼ାରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମବାସୀମାନେ ପାଟଣାଗଡ଼ ଥାନାର ୧୫ କର୍ମଚାରୀଙ୍କୁ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖିଥିଲେ। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପରିସ୍ଥିତି କ୍ରମଶଃ ଜଟିଳ ଘଟଣାସ୍ଥଳରେ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ସମେତ ପୁଲିସ ଫୋର୍ସ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା। ପରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଗିରଫ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ଆନ୍ଦୋଳନକାରୀମାନେ ପୁଲିସ୍‌କୁ ଛାଡ଼ି ଦେଇଥିଲେ।

ସୂଚନାନୁଯାୟୀ, ନୂଆପଡ଼ାର ମଧୁସୁଦନ ବର୍ଗେଙ୍କ ନାବାଳିକା ଝିଅ ଭୂମିସୂତାଙ୍କ ଝୁଲନ୍ତା ମୃତଦେହ ଗତ ଜୁନ ୧୫ ତାରିଖରେ ତାଙ୍କ ଘରୁ ଉଦ୍ଧାର କରିଥିଲା। ତେବେ ପଡ଼ୋଶୀ ଘର ମାଆ-ଝିଅ ଓ ବୋହୂ ମିଶି ଝିଅକୁ ତଣ୍ଟି ଚିପି ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା



କରିଛନ୍ତି ବୋଲି ଭୂମିସୂତାର ବାପା ଓ ମାମୁ ଏହାର ପରଦିନ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିଲେ ହେଁ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏହାର ପ୍ରତିବାଦରେ ଗତ ୫ ତାରିଖରେ ଭୂମିସୂତାଙ୍କ ପରିବାର ସହ ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା ବଲାଙ୍ଗିର ଏସ୍‌ପି ଅଭିଲାଷଜୀଙ୍କୁ ଭେଟି ମାମଲାରେ ହସ୍ତକ୍ଷେପ କରିବାକୁ ଗୁହାରି କରିଥିଲେ। ପରେ ପାଟଣାଗଡ଼ ପୁଲିସର ଏକ ଟିମ୍ ପଡ଼ୋଶୀ ପରିବାରର ମା', ଝିଅ ଓ ବୋହୂଙ୍କୁ ସେହିଦିନ ସନ୍ଧ୍ୟାରେ ଥାନାକୁ ଉଠାଇ ଆଣି ଅଟକ ରଖିଥିଲା। କିନ୍ତୁ ପରଦିନ ସେମାନଙ୍କୁ ଛାଡ଼ି ଦେବାରୁ ଗ୍ରାମବାସୀମାନେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ତେବେ ଆଜି ମଧ୍ୟାହ୍ନ ପ୍ରାୟ ୧ଟାରେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ନେତୃତ୍ୱରେ ଦୁଇଟି ଗାଡ଼ିରେ ୧୫ରୁ ଊର୍ଦ୍ଧ୍ୱ ପୁଲିସ୍ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ଥାନା ଅଧିକାରୀଙ୍କ ସହ କିଛି କର୍ମଚାରୀ ଅଭିଯୁକ୍ତଙ୍କ ଘର ଭିତରକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ରୁଦ୍ଧଦ୍ୱାର ବୈଠକ କରିବାରୁ ଏହାକୁ ନେଇ ମୃତ ନାବାଳିକାଙ୍କ ପରିବାର ଏବଂ ପଡ଼ୋଶୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ଗାଁର ମହିଳାମାନେ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଅଭିଯୁକ୍ତଙ୍କ ଘର ଭିତରେ କ'ଣ ପାଇଁ ରୁଦ୍ଧଦ୍ୱାର ବୈଠକ ଚାଲିଛି ବୋଲି ପ୍ରଶ୍ନ କରିବା ସହ ପୁଲିସ ଗାଡ଼ି ସହ କର୍ମଚାରୀଙ୍କୁ ଘେରି ଯାଇଥିଲେ। ଏସ୍‌ପି ଏବଂ ଜିଲ୍ଲାପାଳ ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ କାହାରିକୁ ଛାଡ଼ିବେ ନାହିଁ ବୋଲି କହିଥିଲେ। ତେବେ ଖବର ପାଇ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ସହ ପୁଲିସ୍ ଫୋର୍ସ ପହଞ୍ଚି ଗ୍ରାମବାସୀଙ୍କୁ ପୁଲିସ ଗାଡ଼ି ସହ କର୍ମଚାରୀଙ୍କୁ ଛାଡ଼ି ଦେବାକୁ କହିଥିଲେ। ପୁଲିସ ଅଭିଯୁକ୍ତ ପରିବାରର ମାଆ ଭାରତୀ ବାରଲେଣ୍ଡି(୫୫), ବୋହୂ ଝରବାରଲେଣ୍ଡିଆ (୩୨) ଏବଂ ନାବାଳିକା ଝିଅଙ୍କୁ ଗିରଫ କରି ଥାନାକୁ ନେଇଥିବା ସହ ପରିବାରବର୍ଗ ଏବଂ ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନକାରୀ ପୁଲିସକୁ ଛାଡ଼ି ଦେଇଥିଲେ।

## ଜାଲରେ ପଡ଼ିଲା କ୍ୱିଣ୍ଟାଲ ଓଜନର ମାଛ

ବିନିକା,୧୭।୭(ସମିସ): ବିନିକା ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀରୁ ୧ କ୍ୱିଣ୍ଟାଲର ବୋଦା ମାଛ ମିଳିଛି। ଏହାକୁ ଦେଖିବା ପାଇଁ



ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିନିକାର ମତ୍ସ୍ୟଜୀବୀ ଅନ୍ତରାମ ମୁଦୁଲି ଓ ସୁଜିତ ସେଠୀ ଡଙ୍ଗାରେ ନଦୀକୁ ଯାଇ ମାଛ ମାରୁଥିଲେ। ଏହି ସମୟରେ ତାଙ୍କ ଜାଲରେ ଏକ ୬ଫୁଟ୍ ଲମ୍ବର ବୋଦା ମାଛ ପଡ଼ିଥିଲା। ସେମାନେ ଟିକିଏ ଭୟଭୀତ ହୋଇଥିଲେ ହେଁ ସାହସ କରି ମାଛକୁ ୩ଜଣ ବହୁ କଷ୍ଟରେ ଟେକି ଆଣିଥିଲେ। ମାଛଟିର ଓଜନ ୧କୁଇଣ୍ଟାଲ ହେବ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ମାଛକୁ ଦେଖିବା ପାଇଁ ଲୋକଙ୍କ ନାହିଁ ନଥିବା ଭିଡ଼ ଜମିଥିଲା। ଏହି ମାଛର ବହୁ ଔଷଧୀୟ ଗୁଣ ଥିବା କିଛି ମତ୍ସ୍ୟଜୀବୀ କହିଛନ୍ତି।

**ଲଗାଣ ବର୍ଷାରେ ବେହାଲ ଚାଷୀ**

## ଆର୍ଥିକ ମେରୁଦଣ୍ଡକୁ ମାଡ଼

ଭୁବନେଶ୍ୱର, ୧୭।୭(ସମିସ): ଖରିଫ ଧାନ ଅମଳ ପରେ କିଛି ରୋଜଗାର ଆଶାରେ ଚଳିତ ରବିଋତୁରେ ଚାଷୀ ପନିପରିବା ଚାଷ କରିଥିଲା। ଚାଷ ଆରମ୍ଭରୁ ପାଗ ଭଲ ରହିଲା। ଆବଶ୍ୟକ ବର୍ଷା-ଖରା ହେଲା। ଫଳରେ ଭଲ ପରିବା ଉତ୍ପାଦନ ହେବ ବୋଲି ଆଶା ଥିଲା। ହେଲେ ମୌସୁମୀ ଓ ଲଗାଣ ବର୍ଷା ଚାଷୀର ସେ ଆଶାକୁ ମାରିଦେଛି।

ଗତ ମାସେ ହେଲା ଲଗାଣ ବର୍ଷା ହେବା କାରଣରୁ ଜମିରେ ଲାଗିଥିବା ଅମୃତଭଣ୍ଡା, ଭେଣ୍ଡି,କାକୁଡି, ଜହ୍ନି, ଛଚିନ୍ଦ୍ରା, ବାଇଗଣ ଆଦି ବର୍ଷା ପାଣିରେ ପଚିଗଲାଣି। ବିଶେଷକରି ଅମୃତଭଣ୍ଡା ମୂଳରେ ବର୍ଷା ପାଣି ରହି ଗଛକୁ ନଷ୍ଟ କରୁଛି। ସେହିପରି ବାଇଗଣ ଫସଲ ମଧ୍ୟ ବିଶେଷ ନଷ୍ଟ ହେଉଛି। ବର୍ଷା ଯୋଗୁଁ ପନିପରିବା ଫସଲ ଜମିରୁ ପାଣି ସମ୍ପୂର୍ଣ୍ଣ ନିଷ୍କାସନ ହୋଇ ନ ପାରି ଫସଲ ମୂଳରେ ଜମି ରହୁଛି। ଏଥିସହ ବର୍ଷା ପ୍ରଭାବରେ ଫୁଲରେ ଫଳ ଆସିବା କମି ଯାଇଛି। ମେଘୁଆ ପାଗ ସାଙ୍ଗକୁ ମାଟିରେ ଆର୍ଦ୍ରତା କାରଣରୁ ଫସଲରେ ଅଧିକ ରୋଗପୋକଙ୍କ ଆକ୍ରମଣ ବି ଦାଉ ସାଧିଲାଣି। ଏଥିସହ ଚାଷୀ ବହୁ କମ୍ ପରିମାଣରେ ପରିବା ଅମଳ କରୁଛନ୍ତି। ଏହାର ପ୍ରଭାବ ବଜାର ଉପରେ ପଡୁଛି। ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ ହେଉଛି। ଆଗରୁ ଯେତିକି ପରିବା ଘରକୁ ନେଉଥିଲେ, ସେତିକି ନ ନେଇ ଅଳ୍ପରେ ସନ୍ତୁଷ୍ଟ ହେବାକୁ ପଡୁଛି ବୋଲି ଖାଉଟିମାନେ କହୁଛନ୍ତି। ରାଜଧାନୀ ଉପକଣ୍ଠ ବାଲିଅନ୍ତା, ବାଲିପାଟଣା, ବାଳକାଟି, ଝିଣ୍ଟି ସମେତ ରାଜ୍ୟର ପ୍ରମୁଖ କଞ୍ଚା ପରିବା ଉତ୍ପାଦନ କରୁଥିବା କଟକ, ବାଙ୍କୀ, ଅନୁଗୋଳ ସମେତ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର

- ବଢୁଛି ପନିପରିବା ଦର
- ଆହୁରି ଦୁଇ ମାସ କନ୍ଦେଇବ

ପର୍ଯ୍ୟନ୍ତ ସବୁଆଡେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି।

ଏବେ ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସ ପର୍ଯ୍ୟନ୍ତ ପ୍ରାୟତଃ ସ୍ଥାନୀୟ ପନିପରିବା ବଜାର ଚାହିଦା ମେଣ୍ଟାଇଥା'ନ୍ତି। ପରବର୍ତ୍ତୀ ସମୟରେ କାର୍ତ୍ତିକ ମାସ ବେଳକୁ ବାହାର ପରିବା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ମାତ୍ର ଏବେ ବର୍ଷାରେ ଫସଲ ନଷ୍ଟ ହୋଇଯିବାରୁ କଞ୍ଚାପରିବାର ଅଭାବ ଦେଖାଯିବ। ତେଣୁ ଆସନ୍ତା ଦୁଇ ତିନି ମାସ ପର୍ଯ୍ୟନ୍ତ ପରିବା ଦର ଉଚ୍ଚା ରହିବ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି।

ଏକ ନମ୍ବର ହାଟର ଗ୍ରାହକ ବିଶ୍ୱରଞ୍ଜନ ବେହେରା କହିଛନ୍ତି, ପରିବା ଫସଲ ପ୍ରଭାବିତ କାରଣରୁ ପରିବା ଚାଷୀମାନେ କ୍ଷତି ସହିବା ସାଙ୍ଗକୁ ବଜାରରେ ମଧ୍ୟ ପରିବା ଦର ବଢୁଛି। ଆମେ ଦରବୃଦ୍ଧିର ଶିକାର ହେଉଛୁ। ପରିବା ଦର ଆମ ପକେଟ ଖାଲି କରିଦେଉଛି। ସ୍ଥିତି ଏମିତି ହୋଇଛି ଯେ ପରିବା ମାର୍କେଟ୍‌ରେ ହାତ ମାରି ହେଉନି। ପରିବା କିଣିଲା ବେଳକୁ ବ୍ୟାଗ୍ ଭର୍ତ୍ତି ହେଉନି ବୋଲି ସେ କହିଛନ୍ତି। ବ୍ୟବସାୟୀ ନକୁଳନାଥ ସାହୁ କହିଛନ୍ତି, ଯେଉଁ ପରିବା ଦର କିଛିଦିନ ପୂର୍ବେ କେଜି ପ୍ରତି ୨୦, ୩୦ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୫୦ରୁ ୭୦ ଟଙ୍କା ହୋଇଛି। ବାଇଗଣ ୭୦ରୁ ୮୦ ଦର ପାର କରିଛି। ଝୁଡ଼ଙ୍ଗ ୬୦, କଲରା ୬୦ଟପିଛି। ଚାଷୀ ନଟବର ଗିରି କହିଛନ୍ତି, ବିଗତ ବର୍ଷ ବି ଏମିତି କ୍ଷତି ହୋଇଥିଲା। ଗଲା ଡିସେମ୍ବର ମାସ ଶେଷ ସପ୍ତାହରେ ଅଦିନିଆ ଲଗାଣ ବର୍ଷା ପରକୁ ଜାନୁଆରୀ ମାସର ପ୍ରଥମ ସପ୍ତାହରେ ଘନ କୁହୁଡି ପିଆଜ, ଫୁଲକୋବି, ବାଇଗଣ, କାକୁଡି ସମେତ ବିଭିନ୍ନ ପନିପରିବା ଚାଷକୁ କ୍ଷତିଗ୍ରସ୍ତ କରିଥିଲା। ତେଣୁ ଦଇବ ଯେଉଁଭଳି ଦାଉ ସାଧୁଛ. ଚାଷ ଆଉ କରିହେବନି ବୋଲି ସେ କହିଛନ୍ତି।

## ଜଙ୍ଗଲ ଭିତରେ ମାଓବାଦୀଙ୍କ ବଙ୍କର

ଭୁବନେଶ୍ୱର,୧୭।୭(ସମିସ): କାଶ୍ମୀର ଆତଙ୍କବାଦୀ ରାସ୍ତାରେ ଏବେ ମାଓବାଦୀ। ସୁରକ୍ଷାକର୍ମୀଙ୍କୁ ଚକମା ଦେବାକୁ ଯାଇ ସେମାନେ ମାଟିତଳେ ବଙ୍କର କରି ଲୁଚିରହୁଛନ୍ତି। ସେମାନଙ୍କୁ ନା ଡ୍ରୋନ୍ ଆକାଶ ମାର୍ଗରୁ ଠାବ କରିପାରୁଛି, ନା ସୁରକ୍ଷାକର୍ମୀ। ସେମାନେ ବଙ୍କର ଭିତରେ ଲୁଚି ରହି ଷଡ଼ଯନ୍ତ୍ର କରୁଛନ୍ତି। ତା ଭିତରେ ବୋମା ଏବଂ ଲ୍ୟାଣ୍ଡମାଇନ୍ ପ୍ରସ୍ତୁତ କରୁଛନ୍ତି। ବଙ୍କରରେ ନିଜର ସୁରକ୍ଷା ସହ ଅସ୍ତ୍ରଶସ୍ତ୍ରକୁ ସୁରକ୍ଷିତ ରଖୁଛନ୍ତି।

କନ୍ଧମାଳ ଜିଲ୍ଲା ଗୁମ୍ମା ସଂରକ୍ଷିତ ଜଙ୍ଗଲରେ ବାଓବାଦୀଙ୍କର ଏଭଳି ଠାବ କରାଯାଇଛି। ମାଟିତଳେ ନକ୍ସଲ ପୋତି ରଖିଥିଲେ ୬୦୦ ଡିଟୋନେଟର ସହ ରିମୋଟ୍। ମାଓବାଦୀ ବିସ୍ଫୋରକ ଲୁଚାଇ ରଖିଥିବା ସୂଚନା ଆଧାରରେ ଆରମ୍ଭ ହୋଇଥିଲା ବଡ଼ ଧରଣର ଅପରେସନ। ମାଟି ତଳେ ପୋତାଯାଇଥିବା ସମସ୍ତ ଡିଟୋନେଟର ଜବତ ହୋଇଛି। ଏହାପୂର୍ବରୁ ଗତ ସପ୍ତାହ ମାଓବାଦୀ ବଙ୍କରରୁ ମିଳିଥିଲା ବିପୁଳ ଅସ୍ତ୍ରଶସ୍ତ୍ର। ଝାଡ଼ଖଣ୍ଡ ଚାଇବାସା ଛୋଟାନାଗରାରେ ମଧ୍ୟ ନକ୍ସଲଙ୍କ ବଡ଼ ବଙ୍କର ଠାବ କରାଯାଇଥିଲା। ଏହି ବଙ୍କର୍ ତଳେ ବିସ୍ଫୋରକ ଖଞ୍ଜିଥିଲେ ମାଓବାଦୀ। ଏଭଳି ୫ଟି ବଡ଼ ବଡ଼ ବଙ୍କରକୁ ଠାବ କରି ଧ୍ୱଂସ କରିଛନ୍ତି ସୁରକ୍ଷା ଯବାନ। କରାଯାଉଛି। ଏହି ବଙ୍କର ଗେଟ୍‌ରେ ସେମାନେ ଜଙ୍ଗଲ ପତର ଏବଂ ମାଟି ଘୋଡାଇ ଦେଉଛନ୍ତି। ଯାହାଫଳରେ ଏହାକୁ ସୁରକ୍ଷାକର୍ମୀ ଠାବ କରିବା ସହଜ ହୋଇନଥାଏ। ଆନ୍ଧ୍ର କ୍ୟାଡର ମାଓବାଦୀ ଓଡ଼ିଶାର ମଙ୍ଗ ସମ୍ଭାଳିବା ପରେ ଏଭଳି ବଙ୍କର

- ଆକାଶ ମାର୍ଗରୁ ଡ୍ରୋନ୍ ଠାବ କରିପାରୁନି
- ଲ୍ୟାଣ୍ଡମାଇନ୍, ବନ୍ଧୁକ ବି ଲୁଚାଇ ରଖୁଛନ୍ତି
- ସୁରକ୍ଷା ବାହିନୀର ଚିନ୍ତା ବଢ଼ିଲା

ମିଳିଥିବା ସୂଚନା ଅନୁସାରେ ମାଓବାଦୀମାନେ ଜଙ୍ଗଲ କିମ୍ବା ଗୁମ୍ଫାରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କାରଣ ସେମାନେ ଜଙ୍ଗଲ କିମ୍ବା ଗୁମ୍ଫାରେ ରହିଲେ ପୁଲିସର ଡ୍ରୋନ୍ ଏବଂ ସାଟ୍‌ଲାଇଟ୍ ଇମେଜ ସେମାନଙ୍କୁ ଧରି ଦେଉଛି। ତେଣୁ ଏହାର ବିକଳ୍ପ ଭାବେ ଜଙ୍ଗଲରେ ମାଟି ଖୋଳି ବଙ୍କର ତିଆରି କରୁଛନ୍ତି। ତାହା ଭତରେ ରୋଷେଇ ଠାରୁ ଆରମ୍ଭ କରି ଅସ୍ତ୍ରଶସ୍ତ୍ର ଲୁଚାଇବା କାମ ପନ୍ଥା ଆପଣାଇଛନ୍ତି। କନ୍ଧମାଳ, ମାଲକାନଗିରି, କୋରାପୁଟ ଆଦି ମାଓ ପ୍ରବଣ ଅଞ୍ଚଳରେ ଏଭଳି ଅନେକ ବଙ୍କର ରହିଥିବା ସନ୍ଦେହ କରାଯାଉଛି।

ଆଣ୍ଟି ନକ୍ସଲ ଅପରେସନ ବେଳେ ଏଭଳି ବଙ୍କର ଉପରେ ଫୋକସ କରାଯାଉଥିବା କହିଛନ୍ତି ଏଡିଜି ସଞ୍ଜୀବ ପଣ୍ଡା। ସେ କହିଛନ୍ତି ଯେ ପୁଲିସ ପାଖରେ ଥିବା ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ଏହି ବଙ୍କର ଠାବ କରାଯାଉଛି ଏବଂ ସେଗୁଡ଼ିକୁ ଧ୍ୱଂସ କରାଯାଉଛି।

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ବନ୍ଦ

# ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନବଜାର ବନ୍ଦ କରି ସମର୍ଥନ

**ସମ୍ବଲପୁର, ୧୭।୭ (ସମିସ)**

ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କଂଗ୍ରେସ ଓ ବାମ ଦଳ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ବିଭିନ୍ନ ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବେ ହୋଇଥିଲା।

### ଟିଟିଲାଗଡ଼

**ଟିଟିଲାଗଡ଼:** ଟିଟିଲାଗଡ଼ର ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁରଜ ବେହେରା ପ୍ରମୁଖଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରି ବିଭିନ୍ନ ଛକରେ ଧାରଣା ଦେବା ସହ ଯାନବାହାନ ଚଳାଚଳ ଠପ କରିଦେଇଥିଲେ। କଂଗ୍ରେସ କର୍ମୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପିକେଟିଂ ସହ ବନ୍ଦ କରିଥିଲେ।ଦଳର ବରିଷ୍ଠ ନେତା ରଞ୍ଜନ ଦାଶ, ଦେବାନନ୍ଦ ସାହୁ, ବିଚିତ୍ର ବାଗ, ମହେଶ ରାଓ, ଅରୁଣ ହରପାଲ, ମଗନ ନାଗ, ଉତ୍ତମ ସୁନା, ନାରାୟଣ ନାଗ, ଲିଙ୍ଗ ସୁନା, ଲାଲଟୁ ତାଣ୍ଡି, ଲାଲୁ କୁମ୍ଭାର, ସୁବାଶ ଛତର ଦୁର୍ଯ୍ୟୋଧନ ସୁନା, ମୃତ୍ୟୁଞ୍ଜୟ ଦୀପ, ଦିଲେଶ୍ୱର ଜାଲ, କବିତା ରଣା, କିଷାନ ନାଗ, ମାଧବ ତାଣ୍ଡି, ଦୁର୍ଗା କବାଟ, କରଣ ସିଂ ହରପାଲ, ପ୍ରମୁଖ ସାମିଲ ହୋଇଥିଲେ। ବନ୍ଦ ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ନେଇ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ତଥା ଟିଟିଲାଗଡ଼ ତହସିଲଦାର ସୁଭାଶିଷ ଶତପଥିଙ୍କ ତତ୍ୱାବଧାନରେ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଆଇଆଇସି କଲ୍ୟାଣୀ ବେହେରାଙ୍କ ସମେତ ୩ ପ୍ଲାଟୁନ ପୁଲିସ ତଥା ଆଆରବି ଯବାନ ବିଭିନ୍ନ ଛକରେ ମୁତୟନ ହୋଇଥିଲେ।

### ଖପ୍ରାଖୋଲ

**ଖପ୍ରାଖୋଲ:** ସାରା ରାଜ୍ୟରେ ସୌମ୍ୟଶ୍ରି ଆତ୍ମାହୁତୀ ଘଟଣାକୁ ନେଇ ନ୍ୟାୟ ଦାବିରେ ଜାତୀୟ କଂଗ୍ରେସ ସହିତ ବାମପନ୍ଥୀ ଦଳଗୁଡ଼ିକର ସମର୍ଥନରେ ବନ୍ଦ ଡାକରା ଦେଇଥିବା ବେଳେ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ସଦର ବ୍ଲକ ମହକୁମାରେ ବନ୍ଦ ପ୍ରଭାବ ପଡ଼ିଥିବାର ଦେଖିବାକୁ ମିଳିଛି। ଖପ୍ରାଖୋଲରେ ଯାନ ବାହାନ ଚଳା ଚଳ ବନ୍ଦ ରହିଥିବା ବେଳେ ସମସ୍ତ ସରକାରୀ ବେସରକାରୀ ଶିକ୍ଷା ଅନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ଏହା ସହିତ ଖପ୍ରାଖୋଲର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ, ଉପର ସୁକତେଲ, ବାନାଞ୍ଚଳ କାର୍ଯ୍ୟାଳୟ ତଥା ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ ରହିଥିଲା। ଅନ୍ୟପକ୍ଷରେ ଖପ୍ରାଖୋଲ ଦୋକାନ ବଜାର ଗୁଡିକ କାଁ ଭାଁ ଖୋଲା ରହିଥିବା ଦେଖିବାକୁ ମିଳିଥିଲା।

### ଏଆଇଡିଏସ୍ଓ

**ବଲାଙ୍ଗିର:** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଛାତ୍ରୀଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନେଇନଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା, ଶିକ୍ଷାଅନୁଷ୍ଠାନ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ସାରା ଓଡ଼ିଶା ଛାତ୍ର ଧର୍ମଘଟ ଏଆଇଡିଏସଓ ରାଜ୍ୟ କମିଟି ତରଫରୁ ଡାକରା ଦିଆଯାଇଥିଲା ବଲାଙ୍ଗିରରେ ଏଆଇଡିଏସଓ ଜିଲ୍ଲା କମିଟି ପକ୍ଷରୁ ସକାଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ସମେତ ସମସ୍ତ ଶିକ୍ଷାନୁଷ୍ଠାନରେ ପିକେଟିଂ କରାଯାଇଥିଲା।ଏଆଇଡିଏସଓ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସମ୍ପାଦିକା ଗୌରୀ ରାଉତ, ଜିଲ୍ଲା ସଭାପତି ମଧୁସୂଦନ ବାଗଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନରେ ଆନ୍ଦୋଳନ କରାଯାଇଥିଲା।

### ଦେଓଗାଁ

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କଂଗ୍ରେସ ତରଫରୁ ଦେଓଗାଁରେ ବନ୍ଦ ସଫଳତା ସହ ପାଳନ ହୋଇଛି। ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ତତ୍ୱାବଧାନରେ ତଥା ଜିଲ୍ଲାକଂଗ୍ରେସ ସମ୍ପାଦକ ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ଜିଲ୍ଲା ସେବାଦଳର ଅସିତ କୁମାର ମିଶ୍ର, ବନ୍ଧପଡ଼ା ସମିତିସଭ୍ୟ କାନ୍ତେଶ୍ୱର ପଧାନ, ଜରାସିଂହା ସମିତିସଭ୍ୟ ଅମିତ ତ୍ରିପାଠୀ, ଯୁବ କଂଗ୍ରେସ ସଭାପତି ଜନ୍ମେଜୟ ସାହୁ, କିଷାନ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ଛାତ୍ର କଂଗ୍ରେସ ସଭାପତି ସମିର କୁମାର ସାହୁ, ଆର୍ତ୍ତ ଘିବେଲା, ଜ୍ୱାଳା ପୋଡ଼, ଜଗୁ ସାହୁ ତଥା ଅନ୍ୟାନ୍ୟ କର୍ମୀବୃନ୍ଦ ଉପସ୍ଥିତ ରହି ପ୍ରଥମେ ଦେଓଗାଁରେ ପିକେଟିଂ କରିବାସହ ସ୍ଥାନୀୟ ବସଷ୍ଟାଣ୍ଡ ଠାରେ ରାଜପଥକୁ ଅବରୋଧ କରି ନାରୀସୁରକ୍ଷାରେ ରାଜ୍ୟସରକାରଙ୍କ ଆପାରଗତା ନେଇ ଗର୍ଜିଥିଲେ। ଏହି ଦିନ ସ୍ୱତଃଭାବେ ଦୋକାନ ବଜାର ବନ୍ଦ ରହି ବନ୍ଦପାଳନକୁ ସମର୍ଥନ ଜଣାଇଥିବା ନଜରକୁ ଆସିଥିଲା।









### ବଙ୍ଗୋମୁଣ୍ଡା

**ବଙ୍ଗୋମୁଣ୍ଡା:** ବଙ୍ଗୋମୁଣ୍ଡା କଂଗ୍ରେସ କାର୍ଯ୍ୟକର୍ତ୍ତା ବାଇକ୍ ରାଲି କରି ଦୋକାନ ବଜାର ଓ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିବା ବେଳେ ବଙ୍ଗୋମୁଣ୍ଡା ସାପ୍ତାହିକ ବଜାର ବନ୍ଦ କରିବାରେ ବିଫଳ ହୋଇଛନ୍ତି। ବଜାର ଅଞ୍ଚଳର ଅନେକ ଦୋକାନ ଖୋଲିଥିବା ଦେଖାଦେଇଥିଲା।

ଯାହା ପାଇଁ ବଙ୍ଗୋମୁଣ୍ଡାରେ ବନ୍ଦର ପ୍ରଭାବ ଯେତେ ଦେଖିବାକୁ ମିଳିନଥିଲା। ପରେ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଆମ୍ବେଦକର ଛକ ଠାରେ ପ୍ରତିବାଦ ସଭା କରାଯାଇଥିଲା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ବରିଷ୍ଠ କଂଗ୍ରେସ ନେତା ଗୁରୁଚରଣ ବେହେରା, କେଶବ ନାରାୟଣ ଜୈନ, ଜିଲ୍ଲା ପରିଷଦ ଓମ୍ କୁମାର ସହ ସତାଧିକ କଂଗ୍ରେସ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

### କଣ୍ଟାବାଞ୍ଜିରେ ସିପିଆଇ

**କଣ୍ଟାବାଞ୍ଜି:** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ବୁଧବାର ସିପିଆଇ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ ଜଣାଇଥିବା ବେଳେ କଣ୍ଟାବାଞ୍ଜି ସିପିଆଇ କାର୍ଯ୍ୟାଳୟ ରୁ ଶତାଧିକ ଦଳୀୟ ନେତା କମଳ ଲୋଚନ ଭୋଇଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରା କରି ଦୋକାନ ବଜାର ବନ୍ଦ କରିଥିଲେ। ପରେ ସ୍ଥାନୀୟ ଇନ୍ଦ୍ରାଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରି ଯେଉଁ ଦିନ ଠାରୁ ଓଡ଼ିଶା ରେ ଡବଲ ଇଞ୍ଜିନ ସରକାର ଆସିଲା ଦିନ ଠାରୁ ରାଜ୍ୟରେ ନାରୀମାନଙ୍କ ପ୍ରତି ଡବଲ ନିର୍ଯାତନା ହେଉଛି ବୋଲି କହିଛନ୍ତି। ପ୍ରତ୍ୟେକ ଦିନ ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନେ ନିର୍ଯାତନାର ଶିକାର ହେଉଛନ୍ତି ହେଲେ ଡବଲ ଇଞ୍ଜିନ ସରକାରର ନିଘା ନାହିଁ। ସୌମ୍ୟଶ୍ରୀଙ୍କୁ ଡବଲ ଇଞ୍ଜିନ ସରକାର ନ୍ୟାୟ ଦେଇ ପାରିଲା ନାହିଁ ଯାହାଫଳରେ ଛାତ୍ରୀ ସୌମ୍ୟଶ୍ରୀ ଆତ୍ମହୁତି କଲେ।ସୌମ୍ୟଶ୍ରୀଙ୍କୁ ନ୍ୟାୟ ନମିଳିଲେ ଆଗାମୀ ଦିନ ରେ ଭୟାଭୟ ଆନ୍ଦୋଳନ ହେବ ବୋଲି ସିପିଆଇ ନେତା କମଳଲୋଚନ ଭୋଇ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଶ୍ରମିକ ନେତା ଗୋପାଳ ଭୋଇ, ରଶିକ ରଣା, ଜଏବଲ ମାଝୀ, ପାଣ୍ଡବ ଭୋଇ, ରୁପେଶ ତାଣ୍ଡି, ଜଗତ ଥାନାପତି, ବିକାଶ କୁଅଁର, ଶୁଶିଲ ଭୋଇ, ଲଳିତ ମାଝୀ, ଶୁକମନୀ କାଣ୍ଡ, ଉପାନନ୍ଦ ମାଝୀ, ପ୍ରକାଶ ରଣା, ରଜ କୁମାର ନାଏକ ସହ ସତାଧିକ ସିପିଆଇ ଦଳ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ମୁରିବାହାଲ

**ମୁରିବାହାଲ:** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ପିସିସି ଉପସଭାପତି ତଥା କଣ୍ଟାବାଞ୍ଜି ପୂର୍ବ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ତତ୍ୱାବଧାନରେ ହୋଇଥିବା ବନ୍ଦ ପାଳନକୁ ଅଞ୍ଚଳର ସମସ୍ତ ଜନସାଧାରଣ ସ୍ୱତଃ ପୂର୍ତ୍ତଭାବେ ସମର୍ଥନ କରି ଦୋକାନ ବଜାର ସବୁ ବନ୍ଦ କରିଥିଲେ। ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ ଗାଡ଼ି ମୋଟର ଚଳାଚଳ ଠପ୍ ହୋଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଯଦୁପତି ଅଗସ୍ତି, ବିଭିଷଣ ମହାନନ୍ଦ, ଗିରିଧାରୀ ସାହୁ, ପୂର୍ବତନ ସରପଞ୍ଚ ବିଦ୍ୟାଧର ହାତୀ, ସମିତି ସଭ୍ୟ ଭୀମସେନ ବାଗ, ପୂର୍ବତନ ଜିଲ୍ଲାପରିଷଦ ଈଶ୍ୱର ଭୋଇ, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର ହାତୀ, ବିଜୟ କିଷାନ, ପୂର୍ଣ୍ଣ ମାଝୀ, ବୁଲୁ କୁମ୍ଭାର, କମଳ ବୁଡେକ, ବୁଲୁ ବିଶି, ଯୁଧା ନାଗ, ଖଡଗଦ ମହାନନ୍ଦ, ଗୋପାଳ ପଟ୍ଟନାୟକ, ପାର୍ଥ ଭୋଇ, ନରେନ୍ଦ୍ର ବନଛୋର, ସାଗର ଛତ୍ରିଆ, ଅଶୋକ ନାଗ, ଦୀଲିପ ମାଝୀ, ଦୁର୍ବାସା ସାହୁ, ଗୁର୍ମେଲ ସିଂ ଭାଟିଆ, ରାଜେଶ ହେର୍ଣ୍ଣା, ବିଜୟ ପାତ୍ର, ମକୁନ୍ଦ ମାହାର, ତପି ନାଗ, ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ମୁରିବାହାଲ ସଦରମହକୁମା ସମେତ ହଲଦୀ, ଗୁଡିଘାଟ ଅଞ୍ଚଳରେ ପିକେଟିଂ କରିଥିଲେ।

### ଏସ୍ୟୁସିଆଇ

**ବଲାଙ୍ଗିର:** ବଲାଙ୍ଗିର ଏସୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ତଥା ମୃତ ଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ଦେବା, ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏହାର ରିପୋର୍ଟ ୭ଦିନ ମଧ୍ୟରେ ସର୍ବସାଧାରଣରେ ପ୍ରକାଶ କରିବା, ଘଟଣାରେ ସମ୍ପୃକ୍ତ ସମସ୍ତ ଅଧିକାରୀ ଏବଂ ଦୀର୍ଘ ମାସ ଧରି ଛାତ୍ରୀଙ୍କ ଯୌନ ନିର୍ଯାତନା, ମାନସିକ ନିର୍ଯ୍ୟାତନା ଓ ଏକାଡେମୀ ହାରାସମେଣ୍ଟ ସେଲର ଅଭିଯୋଗକୁ କର୍ଣ୍ଣପାତ କରିନଥିବା ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉକ୍ତ ଉଚ୍ଚ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା, ସମସ୍ତ ଶିକ୍ଷାନୁଷ୍ଠାନ ପରିସର ଭିତରେ ଏବଂ ବାହାରେ ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯାତନା ଏକାଡେମିକ ହାରାସମେଣ୍ଟର ଥ୍ରେଟ କଲଚର ବନ୍ଦ କରିବା ଏବଂ ଛାତ୍ରୀମାନଙ୍କୁ ସମସ୍ତ ପ୍ରକାର ନିରାପତ୍ତା ପ୍ରଦାନ କରିବା ଦାବିରେ ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ସାରା ଓଡ଼ିଶା ବନ୍ଦ ଆହ୍ୱାନରେ ଆଜି ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବନ୍ଦ ପାଳନ ଉପଲକ୍ଷେ ବକ୍ତବ୍ୟ ରଖିଥିଲେ ଏସୟୁସିଆଇ(ସି) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ଅଶୋକ ମିଶ୍ର। ଦଳର ଜିଲ୍ଲା ସମ୍ପାଦକ କମ୍ରେଡ ସୁନୀଲ ଭୋଇ, ଜିଲ୍ଲା କମିଟି ସଭ୍ୟ ତାମସ କୁମାର ବେହେରା, ମଧୁସୂଦନ ବାଗ, ଗୌରୀ ରାଉତ, ଅହଲ୍ୟା ସାହୁ, ସିନ୍ଧୁ ବନଗୁଲା ସହ ଶତାଧିକଲୋକ ସାମିଲ ଥିଲେ।

### କ୍ରାଇମବ୍ରାଞ୍ଚ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ତଦନ୍ତ କରିବ କି : ସାଲୁଜା

**କଣ୍ଟାବାଞ୍ଜି:** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ପରେ ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ତଥା ଓଡ଼ିଶା ପିସିସି ଉପସଭାପତି ସନ୍ତୋଷ ସିଂହ ସାଲୁଜାଙ୍କ ନେତୃତ୍ୱରେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରୁ କଣ୍ଟାବାଞ୍ଜି କଂଗ୍ରେସ ପକ୍ଷରୁ ଜୋରଦାର ପିକେଟିଂ କରି ଦୋକାନ ବଜାର ସରକାରୀ ବେସରକାରୀ ସ୍କୁଲ ଅଫିସ, ଦୋକାନ ବଜାର ବନ୍ଦ କରିବା ସହ ଅଖ, ଚଖ ବନ୍ଦ କରାଯାଇଥିଲା। ପରେ ସ୍ଥାନୀୟ ଇନ୍ଦ୍ରାଛକ ଠାରେ ଶତାଧିକ କଂଗ୍ରେସ କାର୍ଯ୍ୟକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାର ତଦନ୍ତ କରିବା ପାଇଁ ଆମେ ବିଚାର ବିଭାଗୀୟ ତଦନ୍ତ କରିବାକୁ ଆମ୍ଭେ ଦାବି କରିଛୁ, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତ୍ୟେକ ଦିନ ନାରୀଙ୍କୁ ଅତ୍ୟାଚାର କରାଯାଉଛି। ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଘଟଣା ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଡିଏସପି ମୁଖ୍ୟମନ୍ତ୍ରୀଙ୍କ ବିରୋଧ ତଦନ୍ତ କରି ପାରିବ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଜିଲ୍ଲାପାଳ, ଏସପିଙ୍କ ବିରୋଧ ତଦନ୍ତ କରି ପାରିବ କି ? । ଛାତ୍ରୀଙ୍କୁ ନ୍ୟାୟ ଦେବା ନାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି କରାଯାଇଛି ବୋଲି ଶ୍ରୀ ସାଲୁଜା କହିଛନ୍ତି।

### ପାଟଣାଗଡ଼

**ପାଟଣାଗଡ଼:** ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାରେ ପୀଡିତା ପରିବାରକୁ ନ୍ୟାୟ ଦାବି ନେଇ କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। କଂଗ୍ରେସ ଜିଲ୍ଲା କନଭେନର ଅନିଲ ମେହେର ଓ ପାଟଣାଗଡ଼ ବ୍ଲକ କଂଗ୍ରେସ ସଭାପତି ପତିତପାବନ ପ୍ରଧାନଙ୍କ ନେତୃତ୍ୱରେ କିଛି କଂଗ୍ରେସ କର୍ମୀ ରାମପୁର ଠାରୁ ବାଇକ ରାଲିରେ ବ୍ଲକ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲେ। ପରେ ସେମାନେ ପିକେଟିଂ କରି ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, କୋର୍ଟ, ପୋଷ୍ଟ ଅଫିସ, ବ୍ୟାଙ୍କକୁ ଯାଇ ବନ୍ଦ ପାଳନକୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଦୀର୍ଘ ଛଅ ମାସର ନ୍ୟାୟିକ ସଂଘର୍ଷ ପରେ ଭୋଗରାଇର ଛାତ୍ରୀ ଜଣକ ନିରୁପାୟ ହୋଇ ଆତ୍ମାହୁତି ଦେଇଥିଲେ। ତେବେ ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପାଟଣାଗଡ଼ର ସମସ୍ତ ଜନସାଧାରଣଙ୍କ ସହ ବ୍ୟବସାୟିକ ସଂଘ, ସିନିଅର ସିଟିଜେନ ସଂଘ ସମେତ ସହରର ଅନ୍ୟାନ୍ୟ ସଂଗଠନ ଏହି ବନ୍ଦକୁ ସମ୍ପୂର୍ଣ୍ଣ ଭାବରେ ସମର୍ଥନ ଜଣାଇଥିଲେ। ସମ୍ପୂର୍ଣ୍ଣ ବନ୍ଦ ସତ୍ତ୍ୱେ ସମସ୍ତ ଜରୁରୀକାଳୀନ ଜାରି ରହିଥିଲା। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ବିଭିନ୍ନ ଛକରେ ପୁଲିସ କର୍ମଚାରୀ ମୁତୟନ ଥିଲେ।

## ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ମୁଖ୍ୟମନ୍ତ୍ରୀ ଇସ୍ତାଫା ଦିଅନ୍ତୁ: ନରସିଂହ

**ବଲାଙ୍ଗିର, ୧୭।୭(ସମିସ):** ନାରୀ ନିର୍ଯାତନା, ଦୁର୍ଷ୍କର୍ମ, ଅତ୍ୟାଚାର ଘଟଣା ରାଜ୍ୟରେ ଚରମ ସୀମାରେ ପହଞ୍ଚିଛି। ସରକାରକୁ ବାରମ୍ବାର ସତର୍କ କଲେ ମଧ ସରକାର କର୍ଣ୍ଣପାତ କରୁନାହାନ୍ତି। ନିର୍ଯାତିତା କିମ୍ବା ପୀଡିତା ନାରୀଙ୍କୁ ସୁରକ୍ଷା ଦେବାର ଦୂରର କଥା ଏହି ସରକାରକୁ ନିର୍ଯାତିତା ନ୍ୟାୟ ପାଇଁ କରୁଥିବା ଗୁହାରିକୁ ମଧ ଅଣଦେଖା କରୁଛି ଏହାର ସଦ୍ୟ ଉଦାହରଣ ହେଲା ସୌମ୍ୟାଶ୍ରୀ ବିଶି ଘଟଣା। ମୃତା ସୌମ୍ୟାଶ୍ରୀ ତାଙ୍କୁ କରାଯାଇଥିବା ନିର୍ଯାତନା ସମସ୍ତଙ୍କୁ ଗୁହାରି କରିଛନ୍ତି।ରାଜ୍ୟର ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ, ବିଧାୟକ ଏବଂ ପୋଲିସ ବିଭାଗକୁ ପୀଡିତା କଲେଜରେ ତାଙ୍କୁ କରାଯାଇଥିବା ଅତ୍ୟାଚାରର ନ୍ୟାୟ ପାଇଁ ସମସ୍ତଙ୍କୁ ଜଣାଇଛନ୍ତି। ତାଙ୍କର ଅଭିଯୋଗକୁ କେହି କର୍ଣ୍ଣପାତ ନ କରିବାରୁ ଶେଷରେ ସେ ହତୋତ୍ସାହିତ ହୋଇ ନିଜ ଜିବନ ହାରିଲେ। ତେଣୁ ସରକାର ନାରୀ ନିର୍ଯ୍ୟାତନା ରୋକି ପାରୁନଥିବା ବେଳେ ଜଣେ ନିର୍ଯାତିତା ଛାତ୍ରୀ ସମସ୍ତଙ୍କୁ ବାରମ୍ବାର ନ୍ୟାୟ ପାଇଁ ଗୁହାରି କରିବା ସତ୍ତ୍ୱେ ମଧ ତାକୁ ନ୍ୟାୟ ଦେବାରେ ହେଳା କରିଥିବା ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତାଫା ଦିଅନ୍ତୁ ବୋଲି ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର କ୍ଷୋଭର ସହ ଦାବି ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଯେ ମୃତା ଛାତ୍ରୀ ସୌମ୍ୟଶ୍ରୀକୁ ନ୍ୟାୟ ଦାବିରେ ରାଜ୍ୟର ୭ଟି ଦଳ ଡାକରା ଦେଇଥିବା ୧୨ଘଣ୍ଟିଆ ହରତାଲ କୁ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ ଦେଇ ନିଜ ନିଜର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରି ଜନସାଧାରଣ ଏହି ହରତାଳରେ ସାମିଲ ହୋଇଥିବାରୁ ରାଜ୍ୟବାସୀଙ୍କୁ ଶ୍ରୀ ମିଶ୍ର ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ଏଭଳି ଅଭୁତପୂର୍ବ ଶାନ୍ତିପୂର୍ଣ୍ଣ ହରତାଳ ସୂଚାଉଛି ଯେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଶାସନ ଉପରେ ଲୋକଙ୍କର ଆଉ ଆସ୍ଥା ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତାଫା ଦିଅନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ର ଦାବି କରିଛନ୍ତି।



## ମହମବତି ଶୋଭାଯାତ୍ରା



**ଖପ୍ରାଖୋଲ, ୧୭।୭(ସମିସ):** ବାଲେଶ୍ୱର ଫକିର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରୁ ମହମବତି ଶୋଭାଯାତ୍ରା ଥାନା ଛକ ଯାଏଁ ଅନୁଷ୍ଠିତ ହୋଇଥିଲା। ପରେ ଚାରି ଛକ ଠାରେ ଶୋକ ସଭା ହୋଇଥିଲା। ମୃତ ଛାତ୍ରୀର ଆତ୍ମାର ଶାନ୍ତି ପାଇଁ ସମସ୍ତେ କାମନା କରିଥିଲେ।ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଥାନା ଅଧିକାରୀ ନରେନ୍ଦ୍ର ଛତର, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପବିତ୍ର ପଟେଲ, ଥାନା ଏସଆଇ ଲିଙ୍ଗରାଜ କିଷାନ, ସହକାରୀ ଯନ୍ତ୍ରୀ ରାଜ କିଶୋର ନାଏକ, ଉପେନ୍ଦ୍ର ଭୋଇ, ସତ୍ୟାନନ୍ଦ ସେନ୍ଦ୍ରିଆ, ତାପସ ରଞ୍ଜନ ବେହେରା, ବିମଳ ରଞ୍ଜନ ସାହୁ, ସରୋଜ ସାହୁ, ଅଶୋକ ବାଗ ସମେତ ବିଭିନ୍ନ ବର୍ଗ, ସାମାଜିକ ସଙ୍ଗଠନ, ଏସ୍ଓଜି ଯବାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ।

## ଡିଏଭି କଲେଜ ଛାତ୍ରୀ ନିର୍ଯାତନା ଘଟଣା

# ଅଧାପିକାଙ୍କ କଥା ବୁଝି ନପାରି କରିଥିଲେ ଅଭିଯୋଗ

### କଲେଜ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ


**ଟିଟିଲାଗଡ଼, ୧୭।୭(ସମିସ):** ସ୍ଥାନୀୟ ଡିଏଭି କଲେଜର ଜଣେ ଛାତ୍ରୀଙ୍କୁ ଅଧ୍ୟାପିକା ନିର୍ଯାତନା ଦେବା ଅଭିଯୋଗ ଉପରେ କଲେଜ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଗୁରୁବାର ଅପରାହ୍ନରେ କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟରେ ଆହୁତ ସାମ୍ବାଦିକ ସମ୍ମିଳନୀରେ କର୍ତ୍ତୃପକ୍ଷ ପ୍ରମୁଖ ଘଟଣା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ କହିଲେ ଯେ ଗତ ୧୫ତାରିଖ ଦିନ ବିଭିନ୍ନ ଖବରକାଗଜରେ ଛାତ୍ରୀ ଜଣକଙ୍କୁ ନିର୍ଯାତନା ସମ୍ପର୍କୀତ ଖବର ପ୍ରକାଶ ପାଇଥିଲା ସେଥିରେ ସତ୍ୟତା ନାହିଁ। ଛାତ୍ରୀର ଅଭିଯୋଗ ପାଇବା କ୍ଷଣି କଲେଜର ଆଭ୍ୟନ୍ତୀଣ ଅଭିଯୋଗ କମିଟି ଅଗ୍ରାଧିକାର ଭିତ୍ତିରେ ଅଭିଯୋଗକୁ ଗ୍ରହଣ କରି ବିଦ୍ଧିବଦ୍ଧ ଭାବେ ସମାଧାନ କରିଛି। ଉକ୍ତ କମିଟି ସମ୍ମୁଖରେ ଉଭୟ ଛାତ୍ରୀ ଓ ଅଭିଭାବକ ଉପସ୍ଥିତ ରହି କମିଟିର ବିବରଣୀ ଉପରେ ସନ୍ତୋଷ ପ୍ରକାଶ କରିଛନ୍ତି। କଲେଜ ଅଧକ୍ଷ ଚପାଇ ଦେବାର ଖବର ସତ୍ୟ ନୁହେଁ। ଅନୁସୂଚିତ ଜାତି, ଜନଜାତି, ଆର୍ଥିକ ଅନଗ୍ରସର ଓ ପଛୁଆବର୍ଗଙ୍କ ଶିକ୍ଷାର ଉନ୍ନତି ପାଇଁ କଲେଜ ଅଧକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଜନସାଧାରଣଙ୍କ ସହଯୋଗ ରହିଛି ବୋଲି ପ୍ରେସ ବିବୃତ୍ତିରେ କଲେଜ ଅଧକ୍ଷ ଗୋବିନ୍ଦ ମେହେର ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ସାମ୍ବାଦିକ ସହ ଆଲୋଚନାରେ ଛାତ୍ରୀ ଜଣକ ଅଧ୍ୟାପିକାଙ୍କ କଥାକୁ ବୁଝି ନପାରି ଅଭିଯୋଗ କରିଛି। ସେ ନିୟମିତ କ୍ଲାସକୁ ଆସୁନଥିଲା। ଫଳସ୍ୱରୁପ ସେ ଆକସ୍ମିକ ପରୀକ୍ଷା ସମ୍ପର୍କରେ ଜାଣିନଥିଲା। ତେଣୁ ଆକସ୍ମିକ ପରୀକ୍ଷା ସମୟରେ ସେ ବିଳମ୍ବରେ ଆସିଥିବାରୁ ପରୀକ୍ଷା ହଲରେ ପ୍ରବେଶ ଅନୁମତି ଦେଇନଥିଲେ। ସମ୍ପୃକ୍ତ ଅଧାପିକା କୌଣସି ନିର୍ଯାତନା ଦେଇ ନାହାନ୍ତି। ସମ୍ପୃକ୍ତ ଛାତ୍ରୀ ଜଣକ ଆକସ୍ମିକ ପରୀକ୍ଷାକୁ ପ୍ରାକ୍ଟିକାଲ ପରୀକ୍ଷା ଭାବି ନେଇଥିଲା। ଫଳରେ ଭୁଲ ବୁଝାମଣା ହୋଇଥିଲା। ବର୍ତ୍ତମାନ କଲେଜ କର୍ତ୍ତୃପକ୍ଷ ଆକସ୍ମିକ ପରୀକ୍ଷା ଦେଇ ପାରିବ ବୋଲି ଛାତ୍ରୀଙ୍କୁ ଜଣାଇବା ପରେ ଅଭିଯୋଗ ପ୍ରତ୍ୟାହାର ହୋଇଛି ବୋଲି ସ୍ପଷ୍ଟ କରିଥିଲେ। ପ୍ରକାଶ ଥାଉକି ଗତ ୧୫ ତାରିଖ ଦିନ ଡିଏଭି କଲେଜ ଛାତ୍ରୀଙ୍କୁ ନିର୍ଯାତନା ଶୀର୍ଷକ ଖବର ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବା ପରେ ତଥା ଏଫ୍ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ନେଇ ଆସନ୍ତା କାଲି ସାରା ଓଡ଼ିଶା ବନ୍ଦ ଆହ୍ୱାନ ନେଇ ଆଜି କଲେଜ କର୍ତ୍ତୃପକ୍ଷଙ୍କ ଚେତା ପଶିଚି ବୋଲି ଆଲୋଚନା ହେଉଛି। ଅଭିଯୋଗ ମତେ କଲେଜର ଜଣେ ବିଜ୍ଞାନ ଛାତ୍ରୀଙ୍କୁ ଜଣେ ଅଧାପିକା ସର୍ବସାଧାରଣରେ ଗାଳିଗୁଲଜ କରିବା, ବିଳମ୍ବରେ ଆସିଥିବା କହି ପ୍ରାକ୍ଟିକାଲ ପରୀକ୍ଷାରୁ ବାରଣକରି ପରୀକ୍ଷା ହଲରୁ ତଡ଼ି ଦେବା, ଛାତ୍ରୀଙ୍କ ଅଭିଯୋଗ ଶୁଣି ନ୍ୟାୟ ଦେବା ପରିବର୍ତ୍ତେ ମାମଲାକୁ ଚପାଇ ଦେବା ପାଇଁ କଲେଜ କର୍ତ୍ତୃପକ୍ଷ ଉଦ୍ୟମ କରିବା ଅଭିଯୋଗ ହୋଇଥିଲା।

## ହାତୀ ଆକ୍ରମଣରେ ମହିଳା ଗୁରୁତର



**ପାଟଣାଗଡ଼, ୧୭।୭ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଙ୍ଗିଗୁଡୁରାମୁଣ୍ଡା ଗାଁ ନିକଟରେ ଥିବା କିରିବାଞ୍ଜି ଜଙ୍ଗଲ ଭିତରେ ଜଣେ ମହିଳା ହାତୀ ଆକ୍ରମଣରେ ଗୁରୁତର ହୋଇ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଚିକିତ୍ସିତ ମହିଳା ଜଣକ କତରଲଗା ଗାଁର ଶାନ୍ତି ନାଏକ। ପ୍ରକାଶ ଯେ, କରମତଳା ଗାଁର ଦୈନିକ ମୁଲଲାଗି ପେଟ ପୋଷୁଥିବା କିଛି ପରିବାର ଗୁଡୁରାମୁଣ୍ଡା ଗାଁ ମୁଣ୍ଡରେ ଥିବା କେନ୍ଦୁପତ୍ର ଫଡିକୁ ପତ୍ର ବାନ୍ଧିବାକୁ ଆସିଛନ୍ତି। ସେଥି ମଧ୍ୟରୁ ଗୁରୁବାର ଭୋର ସକାଳୁ ୩ ଜଣ ମହିଳାଙ୍କ ସହ ଶାନ୍ତି ଜଙ୍ଗଲ ଭିତରେ ଥିବା ଏକ ଝରଣାକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ପଛପଟୁ ଏକ ହାତୀ ଆସି ଶୁଣ୍ଢରେ ଶାନ୍ତିକୁ ଟାଣି ଆଣିଥିଲା। ଗାଧେଇବାକୁ ଯାଇ ଥିବା ସାଥି ମହିଳା ମାନେ ଚିତ୍କାର କରିବାରୁ ହାତୀ ମହିଳାଙ୍କୁ ଛାଡି ଦେଇ ଏକ ବୁଦାମୁଳେ ଯାଇ ଠିଆ ହୋଇ ଯାଇଥିଲା। ସାଥୀରେ ଯାଇଥିବା ମହିଳାମାନେ ସାହସ ଜୁଟାଇ ଶାନ୍ତିକୁ ଉଦ୍ଧାର କରି ପଳାଇ ଆସିଥିଲେ। କିଛି ବାଟ ଆସିବା ପରେ ସେହି ରାସ୍ତାଦେଇ ଜଙ୍ଗଲ ଭିତରୁ ଏକ ୧୩ ଟିକିଆ ହାତୀପଲ ଆସୁଥିବା ସେମାନେ ଦେଖିବାକୁ ପାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମହିଳା ତାଙ୍କ ପିଠିରେ ଶାନ୍ତିକୁ ବୋହି କେନ୍ଦୁପତ୍ର ଫଡି ପର୍ଯ୍ୟନ୍ତ ଆଣିଥିଲେ। ପରେ ପରିବାର ବର୍ଗ ଶାନ୍ତିକୁ ଆହତ ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଶାନ୍ତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ରେ ସୁଧାର ଆସୁଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ, ଥାଉକି ଏହି ୧୩ ଟିକିଆ ହାତୀପଲ କିରିବାଞ୍ଜି ଜଙ୍ଗଲର ବିଭିନ୍ନ ଅଞ୍ଚଳରେ ଦୀର୍ଘ ଦିନ ହେଲା ରହିଆସୁଛନ୍ତି। ଏଥିସହ ସେମାନେ ଗାଁ ମୁହାଁ ହୋଇ ଲୋକଙ୍କ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗିଦେଉଥିଲେ ମଧ ବନବିଭାଗ କର୍ମଚାରୀ ମାନେ ଲୋକଙ୍କୁ ସର୍ତକ କରାଉନଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଭୟ କୁମାର ସ୍ୱାଇଁ
ଗୋଡା, ବୋରିକିନା, ଜଗତ୍‌ସିଂହପୁର
ଆବିର୍ଭାବ - ୨୪/୦୭/୧୯୬୯
ତିରୋଧାନ - ୦୮/୦୭/୨୦୨୫
ବାବା! ଏ ଯିବାର ବୟସ ନ ଥିଲା। ହେଲେ ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା? ଆମେ ଯଥାସମ୍ଭବ ଚେଷ୍ଟା କଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ଶୋକସନ୍ତପ୍ତ: ହତଭାଗ୍ୟ ଝିଅ- ଦୀପ୍ତି ପୁଅ- ଅରୁ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

### ■ କଣ୍ଟାବାଞ୍ଜି ରେଳ ଷ୍ଟେସନ ଅଞ୍ଚଳରେ ସକ୍ରିୟ ଡକାୟତ

# ୩ ଡକାୟତଙ୍କୁ କାବୁ କଲେ ଅଟୋ ଚାଳକ

**କଣ୍ଟାବାଞ୍ଜି, ୧୭।୭(ସମିସ)**

### ଷ୍ଟେସନ ଅଞ୍ଚଳରେ କଡ଼ା ସୁରକ୍ଷା ପାଇଁ ଦାବି

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଲବାଇ ଷ୍ଟେସନ ଅଞ୍ଚଳରେ ପ୍ରତ୍ୟେକ ଦିନ ଡକାୟତ ପାର୍ଦୁଭାବ ବୃଦ୍ଧି ପାଇବାରେ ଲାଗିଛି। ଗତ ୫ ତାରିଖ ଜଣେ ବ୍ୟକ୍ତିଙ୍କ ଠାରୁ ୧୧ ହଜାର ୯୦୦ ଶହ ଟଙ୍କା ଓ ବ୍ୟାଗ ନେଇ ଫେରାର ମାରିଥିବା ବେଳେ ବୁଧବାର ଭୋର ସକାଳୁ ଷ୍ଟେସନ ଭିତରୁ ମୋବାଇଲ ଓ ବ୍ୟାଗ୍ ଲୁଟି ଫେରାର ମାରୁଥିବା ବେଳେ କାବୁ କରିଛନ୍ତି ଅଟୋ ଚାଳକ। ସୂଚକ ଅନୁସାରରେ କଣ୍ଟାବାଞ୍ଜି ରେଳ ଷ୍ଟେସନ ଭିତରେ ଥିବା ରେଳ ବିଭାଗର ବିଶ୍ରାମ ଗୃହରେ ନୂଆପଡ଼ା ଜିଲ୍ଲା ଡୁଆଝର ଗାଁ ର ହୃଦୟ ମେହେର ମୋବାଇଲ ଚାର୍ଜ କରି ଟିକେ ଶୋଇପଡ଼ି ଥିଲେ। ସେ କିଛି ସମୟ ପରେ ଉଠି ଦେଖିବା ପରେ ମୋବାଇଲ ନଥିବା ଜାଣିବାକୁ ପାଇଥିଲେ। ଅନେକ ଖୋଯାଖୋଜି କରିବା ପରେ ମଧ ପାଇନଥିଲେ। ସେହିପରି ଖଡିଆଳ ତୁଲସିପଡ଼ାର ବାସୁଦେବ ନାମକ ଜଣେ ବ୍ୟକ୍ତି ବ୍ୟାଗ୍ ରଖି ଚା ପିଇ ବାକୁ ଯିବା ପରେ ସେଠାରୁ ତାଙ୍କ ବ୍ୟାଗ ନେଇ କିଏ ଫେରାର ହୋଇଯାଇଥିଲା। ସେ ଖୋଯାଖୋଜି କରିବା ବେଳେ ଷ୍ଟେସନ ବାହାରେ ଜଣେ ଯୁବକ ତାଙ୍କ ବ୍ୟାଗ ଧରି ଛିଡା ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ବ୍ୟାଗ ମାଗିବାକୁ ତାଙ୍କୁ ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିବା ପରେ ସେ ସ୍ଥାନୀୟ ଅଟୋ ଚାଳକ ବିନୋଦ ବାହାଦିଆକୁ ଜଣାଇବା ପରେ ସେ ସେହି ଡକାୟତଙ୍କୁ କାବୁ କରି ରେଳବାଇ ଅଟୋ ୟୁନିଅନକୁ ଜଣାଇଥିଲେ। ସମସ୍ତ ସଦସ୍ୟ ଆସି ଡକାୟତକୁ ବାନ୍ଧିଥିଲେ। ଡକାୟତ ମାନେ କଣ୍ଟାବାଞ୍ଜି ଆଶ୍ରମପଡ଼ାର ରାଧେ ସୁନା, ହିମାନ ସୁନା ଏବଂ ରାୟପୁର ଅଞ୍ଚଳର ସେଖ ଗୁଲାମ୍ ମୁଷ୍ଟଫା ବୋଲି ଜଣାପଡ଼ିଛି। ଏମାନେ ଅନେକ ଦିନ ହେଲେ ଷ୍ଟେସନ ଅଞ୍ଚଳକୁ ଆସୁଥିବା ଯାତ୍ରୀଙ୍କ ଠାରୁ ଲୁଟ କରୁଛନ୍ତି। ଏନେଇ କଣ୍ଟାବାଞ୍ଜି ଜିଆରପି ଥାନା ଅଭିଯୋଗ ହୋଇଥିଲେ ମଧ ଡକାୟତଙ୍କୁ କାବୁ କରିବାରେ ବିଫଳ ଜିଆର୍ପି ପୁଲିସ। ରେଳବାଇ ଅଟୋ ୟୁନିଅନ କାବୁ କରି ଜିଆରପି ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।



# ବନ୍ଦ ଡାକରାରେ ଅଟକିଗଲା ସାଧାରଣ ଜୀବନଯାତ୍ରା























**ଭବାନୀପାଟଣା,୧୭ ।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ସାରା ରାଜ୍ୟ ଉଠୁଛି ପଡୁଛି। ଗୁରୁବାର କଂଗ୍ରେସ ସମେତ ୮ଟି ବାମପନ୍ଥୀ ତଥା ବିରୋଧୀ ଦଳ ପକ୍ଷରୁ ଗୁରୁବାର ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। କଳାହାଣ୍ଡି, ନୂଆପଡ଼ା ଜିଲ୍ଲାରେ ଏହି ବନ୍ଦ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସକାଳୁ ସକାଳୁ ଭବାନୀପାଟଣାରେ ରାସ୍ତା ଶୂନ୍‌ଶାନ ହୋଇଯାଇଥିଲା। ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଯାନବାହାନ ଚଳାଚଳ ଏବଂ ବ୍ୟାଙ୍କ ଇତ୍ୟାଦି ସବୁ ବନ୍ଦ ରହିଥିଲା। ଭବାନୀପାଟଣା ସହର ସମେତ ଜିଲ୍ଲାର ଜୁନାଗଡ, ଧର୍ମଗଡ଼ କେସିଙ୍ଗା, ନର୍ଲା, ମଦନପୁର ରାମପୁର, କଲମପୁର, ଜୟପାଟଣା ଆଦି ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଭବାନୀପାଟଣା ସହରର ମେଡିକାଲ ଛକ, ଘୋଡାଘାଟ ପୋଲ, ପିପଲ ନାଲା ପୋଲ, ଦୟାନିଧି ଛକ, ନକଟିଗୁଡା ଛକରେ କଂଗ୍ରେସ ନେତା ଓ କର୍ମୀ ରାସ୍ତା ଅବରୋଧ କରି ରଖିଥିଲେ। କୌଣସି ଯାନବାହାନକୁ ଛଡା ଯାଉ ନ ଥିଲା। ବିଧାୟକ ସାଗର ଦାସଙ୍କ ସହ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ଏବଂ ଛାତ୍ର ନେତା ସୁଶାନ୍ତ ପ୍ରଧାନୀ ଓ ଅନ୍ୟ ଯୁବ ଶକ୍ତି ସହରସାରା ପ୍ରତି ଛକରେ ବନ୍ଦକୁ ସଫଳ କରିବାରେ ସମସ୍ତଙ୍କୁ ସଚେତନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଉପ ସଭାପତି ଉଛବ ସାହୁ, ସନ୍ତୋଷ ପ୍ରଧାନ, ଦ୍ରୌପଦୀ ମାଝୀ, ସୌଭାଗ୍ୟ ମଳିକ, ଲକ୍ଷ୍ମୀ ପ୍ରିୟା ନାୟକ, ସମାଜବାଦୀ ପାର୍ଟିର ଜିଲ୍ଲା ସଭାପତି ଜଗଦୀଶ ପ୍ରମୁଖ ନାରାବାଜି ଦେଇ ଅଫିସ ଅଚଳ କରିଥିଲେ। ନକଟିଗୁଡା ଛକରେ ପୂର୍ବତନ କାଉନସିଲର ସୁକାନ୍ତ ବିଶି, ସଂଜୟ ମଲିକ, ପିପଲ ନାଳରେ ସରୋଜ ବାଗ, ସୁବାଷ ପ୍ରଧାନ, ସୁକାନ୍ତି ସରାଫ, ମନ୍ଦାକିନୀ ବାଣୁଆ, ମହିଳାନେତ୍ରୀ ମାର୍ଜିନା ପ୍ରଧାନ, ବାବା ଅଲୀ ଖାଁ, ରଇମାଳା ମାଝୀ, ଲିଙ୍ଗରାଜ ନାୟକ, ଭାଗବତ ଲାଲ, କେତନ ସିଂହ, ପ୍ରମୂଖ ଉପସ୍ଥିତ ରହି ରାସ୍ତା ଅବରୋଧ କରିଥିଲେ। ମେଡିକାଲ ଛକରେ ନିମାଞ୍ଚଳ ନାଏକ, ଗଣପତି ନାୟକ, କୃଷ୍ଣଚନ୍ଦ୍ର ନାୟକ, ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ୍ ମହାକୁଡ, ପ୍ରଶାନ୍ତ ପ୍ରଧାନ, ସୁଦେଶ ନାୟକ, ଦାମୋଦର ମହାରଣା ପ୍ରମୁଖ ରାସ୍ତା ଅବରୋଧ କରିଥିଲେ। ସେହିପରି ସିପିଆଇ ଜିଲ୍ଲା ସହ ସମ୍ପାଦକ ସଞ୍ଜୟ ସୁନାନୀ କର୍ମୀମାନଙ୍କୁ ନେଇ ସହର ପରିକ୍ରମା କରିଥିଲେ।

**କର୍ଲାମୁଣ୍ଡା:** କର୍ଲାମୁଣ୍ଡା ବ୍ଲକରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ ସହ ଗାଡି ଚଳାଚଳ ବନ୍ଦ ରହିଥିଲା। ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ମିଶ୍ର, ରାଜକିଶୋର ଜୈନ, ଦୟା ମାଝୀ, ଚୈତନ୍ୟ ସାହୁ, ଗୋବର୍ଦ୍ଧନ କୁମାର, ମାର୍କଣ୍ଡ ସାହୁ, ବବୃ ବାହନ ଭୋଇ, ମହେଶ୍ୱର ଗହୀର, ରଶ୍ମିରଞ୍ଜନ ରଣା, ଲାଭି ରଣା, ରମେଶ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ବ୍ଲକ ସଦର, ରିଷିଡା, ଜୋରାଡ଼ବରା ଛକରେ ବନ୍ଦ କରାଯାଇଥିଲା।



**ଗୋଲାମୁଣ୍ଡା:** ଗୋଲାମୁଣ୍ଡାରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ସ୍କୁଲକଲେଜ, ସରକାରୀ ଅଫିସ, ଚାରି ଚକିଆ ଯାନବାହାନ ଚଳାଚଳ ବନ୍ଦ ଥିଲା। ଦୋକାନ ବଜାର ସ୍ୱାଭାବିକ ଥିଲା। ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ କଂଗ୍ରେସ କମିଟିର ଶତାଧିକ କର୍ମୀ ଗୋଲାମୁଣ୍ଡାରେ ଧର୍ମଗଡ ଓ ନୂଆପଡା ଜିଲ୍ଲାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ଫୋର ୱେ ରାସ୍ତାକୁ ଅବରୋଧ କରି ପ୍ରତିବାଦ କରିଥିଲେ।

**ଧର୍ମଗଡ:** ଧର୍ମଗଡ ସହରରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। ସହରର ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ, ବ୍ୟାଙ୍କ ସମେତ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତୁଷାର ରଞ୍ଜନ ପଟ୍ଟଯୋଷୀ, ସୁଲୋଚନା ବିଶି, ବେଣୁପାଣି ଦୁର୍ଗା, ପ୍ରେମଲାଲ ସାଗର, ସିପିଆଇର ଜଗଜ୍ଜୀବନ୍ ଦୁର୍ଗା, ଶ୍ୟାମସୁନ୍ଦର ଜାଲ, ମାଧବ ଚନ୍ଦ୍ର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

**କୋକସରା:** କୋକସରାରେ ସକାଳ ୬ରୁ କଂଗ୍ରେସ କର୍ମୀ ୧୨ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ବ୍ଲକ ସଦର ମହକୁମା ଥାନା ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। କର୍ମୀମାନେ ପିକେଟିଂ କରି ସରକାରୀ କାର୍ଯ୍ୟାଳୟ, ଦେକାନ ବଜାର ସବୁ ବନ୍ଦ କରିଥିଲେ। ଏହା ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଆମପାଣିଠାରେ ମଧ୍ୟ ବିଜୁ ଏକ୍ସପ୍ରେସୱେ ଏବଂ ୨୬ ନମ୍ବର ଜାତୀୟ ରାଜପଥ ଜିରୋ ପଏଣ୍ଟ ନିକଟରେ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରିଥିଲେ। କୋକସରାଠାରେ ବନ୍ଦ ପାଳନରେ ବରିଷ୍ଠ କଂଗ୍ରେସ ନେତା ପୁରୁଷୋତ୍ତମ ଗୁପ୍ତା, ତ୍ରିଭୁବନ ନାଏକ, ଲିଙ୍ଗରାଜ ବେହେରା, ନିମାଇଁ ଚରଣ ଧଙ୍ଗଡାମାଝୀ, ମହେନ୍ଦ୍ର ଧରୁଆ, ଅରୁଣ ମାଝୀ, ନାରିନେତ୍ରୀ ରଶ୍ମୀରେଖା ରାଉତ, ଫୁଲତୋଳା ଖମାରୀ, କେଶବ ଚନ୍ଦ୍ର ନାଏକ, କମଳ ନାଏକ, ହେମନ୍ତ ବାଗ, ଭୁଷଣ ମହାନନ୍ଦ, ରାମେଶ୍ୱର ପୁଞ୍ଜି, ପିତାମ୍ବର ଦାସ, ବାବୁଲାଲ ଦୁରିଆ ପ୍ରମୁଖ ସାମିଲ ହୋଇଥିଲେ। ଆମପାଣି ଠାରେ କୁମୁଦ ଚନ୍ଦ୍ର ପୁଝାରୀ, ହରିଶ୍ଚନ୍ଦ୍ର ନାଏକ, ଲକ୍ଷ୍ମଣ ବାଗ, ଗୋକୁଳ ବାରୀକ, ଧର୍ମୁ ଦୁର୍ଗା, କେଶବ ବେଣୁପାଣୀ, ନକୁଳ ବାଣୁଆ, ବଳରାମ ପାଣିଗ୍ରାହୀ ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

**ମ.ରାମପୁର:** ମ.ରାମପୁରରେ ଓଡିଶା ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀ ଓ ସିପିଏମ କର୍ମୀ ମିଶି ପିକେଟିଂ କରିଥିଲେ। ସମସ୍ତ ସରକାରୀ ବେସରକାରୀ ସ୍କୁଲ କଲେଜ, ଗାଡ଼ି ମୋଟର ଓ ଦୋକାନ ବଜାର ବନ୍ଦ କରିଥିଲେ। ବ୍ଲକ୍ କଂଗ୍ରେସ ସଭାପତି ରୁଦ୍ର ପ୍ରସାଦ ସିଂହ, ମହିଳା ସଭାନେତ୍ରୀ ଯଶୋଦା ନାଗ, ବରିଷ୍ଠ ଆଇନଜୀବୀ ପ୍ରଭାକର ନାଗ, ନାରାୟଣ ପ୍ରସାଦ ଅଗ୍ରୱାଲ, କିଶୋର ନାଗ, ଚିତ୍ତ ରଞ୍ଜନ ବାଗ, ପ୍ରକାଶ ମାଝୀ ଓ ସିପିଏମର ରାଜ୍ୟ କମିଟି ସଦସ୍ୟ ବିଶ୍ୱଜିତ ଚାଟାର୍ଜୀ ଜିଲ୍ଲା ସଂପାଦକ ସତ୍ୟଜିତ ଚାଟାର୍ଜୀ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ।

**କେସିଙ୍ଗା:** କେସିଙ୍ଗାରେ କଂଗ୍ରେସ କର୍ମୀ ସକାଳ ୬ରୁ ସ୍ଥାନୀୟ ଭେଟନେରି ଛକ ସମେତ ସହରର ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି ଗାଡିମଟର ଚଳାଚଳ ବନ୍ଦ କରିଥିଲେ। କଂଗ୍ରେସକୁ ସମର୍ଥନ କରି କେସିଙ୍ଗାର ସମସ୍ତ ଦୋକାନ ବଜାର ବନ୍ଦ ଥିଲା। ୨୬ ନମ୍ବର ଜାତୀୟ ରାଜପଥରେ ଗାଡ଼ିମଟରର ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ସହରରେ ଥିବା ସ୍କୁଲ କଲେଜ ସମେତ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କେସିଙ୍ଗା କଂଗ୍ରେସ ନଗର ସଭାପତି ସୁଭାଷ ଜୈନ, ବରିଷ୍ଠ କଂଗ୍ରେସ ନେତା ରାମ କୁମାର ଜୈନ, ମହେନ୍ଦ୍ର ନାଏକ, ବିଜୟ ଦୀପ, ରାମଲାଲ ସୁନାନୀ, ରାମଜୀ ମାତଖଣ୍ଡିଆ, ରୋହିତ ଜୈନ, ପ୍ରତାପ ବାଗ, ରତନ ଦୀପ, ବିଶ୍ୱାସୀ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଜୁନାଗଡ଼:** ଜୁନାଗଡ଼ ସହରରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଚିତ୍ତରଞ୍ଜନ ନିଆଲ, ତୁଲେଶ୍ୱର ନାଏକ, ପରମେଶ୍ୱର ମଟେଲ, ଅମିତ ଅଗ୍ରୱାଲ, ପ୍ରଭାତ ଦାଶ, ଦାମ ବେହେରା, ରାଜାରାମ ଡୋଙ୍ଗରି, ଅକ୍ଷୟ ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।

**କଲମପୁର:** କଲମପୁରରେ ମଦ୍ୟ ଗୁରୁବାର ବନ୍ଦ ପାଳନ କରାଯାଇଛି। କଂଗ୍ରେସ କମିଟି ସଦସ୍ୟ ପବିତ୍ର ବାଗ, ଜଗନ୍ନାଥ ନାଏକ, ପଦ୍ମକିଶୋର ନାଏକ, ଅହମ୍ମଦ ମହମ୍ମଦ, ପବନ ମାଝୀ, ନବ ସୁନାନୀ, ଶ୍ୟାମ ନାଗ, ଦଧି ବାହାନ ପ୍ରଧାନୀ, କଳାକାଁହୁ କଟା, ତାରିଣୀ ପଟେଲ, ଜଗମୋହନ ପୁଝାରୀ, ପ୍ରଦୀପ ଭୋଇ, ଟିକଚନ ମାଝୀ, ଗଣେଶ ନାଗ, ହରିଶଙ୍କର ଦୀପ, ଗଣେଶ ରଣା, ଜୟ ଶଙ୍କର ବନ୍ଦ ପାଳନର ନେତୃତ୍ୱ ନେଇଥିଲେ।

**ଥୁଆମୂଳ ରାମପୁର:** ଥୁଆମୂଳ ରାମପୁର ବ୍ଲକରେ ମଧ୍ୟ ବନ୍ଦ ଡାକରାର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି। ସକାଳୁ ବ୍ଲକର ସଦର ମହକୁମା ସମେତ ବଡଛତ୍ରଙ୍ଗ, କର୍ଲାପାଟ, ସାଇସୁରୁନି ଏବଂ ଡୁମେରପଦରରେ ସ୍ଥାନୀୟ କଂଗ୍ରେସ କର୍ମୀ ଓ ନେତା ଏକାଠି ହୋଇ ଏହି ବନ୍ଦ ଡାକରାରେ ସାମିଲ ହୋଇଥିଲେ। ଏଥିସହିତ ସିପିଆଇ ଏମ୍‌ଏଲ୍(ଲିବରେସନ) ସ୍ଥାନୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ। ଡାକ୍ତରଖାନା, ଔଷଧ ଦୋକାନ, ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ବ୍ୟତୀତ ଗାଡିମୋଟର ଚଳାଚଳ ବନ୍ଦ ଥଲା। ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା।

**ନର୍ଲା:** ନର୍ଲାରେ ବନ୍ଦ ପାଳନକୁ ସମର୍ଥନ ମିଳିଛି। ଦୀପୁ ପାତ୍ର, ଚୁଲମଣି ଗୌଡ଼ିଆ, ନିରଜ ଶର୍ମା, ରଜନୀ କୁମାର, ରିଚେକର ଦୀପ, ପିଣ୍ଟୁ ନାଗ, ଅଲେଖ ସେନାପତି, ଗଣପତି ପରାଭୋଇ, ଡୋଳାଧର ଜାନୀ, ସନ୍ତୋଷ ମାଝୀ, ଶିବରାମ ମାଝୀ, ଡିଙ୍ଗର ପାତ୍ର, ସୀମା ବେହେରା, କେଶବ ପଧାନ ଓ ଦୟାସାଗର ନାଏକ ପ୍ରମୁଖ ନେତତ୍ୱ ନେଇଥିଲେ।

**ଲାଞ୍ଜିଗଡ:** ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁର, ଲାଞ୍ଜିଗଡ଼, ସିକେରକୁପା, ଲାଞ୍ଜିଗଡ଼ ରୋଡ଼, ଛତ୍ରପୁର, କର୍ମଦ୍ଧା, ମୂଷାନାଳ, ବେନଗାଁ, ଲାଖବାହାଲି, ଗୋବର୍ଦ୍ଧନପୁରରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି। ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ମନୋଜ ରାଉତ, ପ୍ରଦୀପ ମାଝୀ, ଗଣେଶ ବେହେରା,ଗୋବିନ୍ଦ ପ୍ରଧାନୀ, ଦଶରଥ ପାତ୍ର, କର୍ଣ୍ଣ ସାହୁ, ମୁଲୁ ମାଝୀ, ଜୟରାମ ତାଣ୍ଡି, ସାଲେଶ କରୁଆଁ, ରାଜେନ୍ଦ୍ର ନାଏକ, ସନ୍ତୋଷ ତୁଳ, ଗୋପାଳ ଦାସ ମହାନନ୍ଦ, ମନୋଜ ମାଝୀ, ଭାସ୍କର ଚନ୍ଦନ, ସନ୍ୟାସୀ ବେହେରା, ରାଜେଶ କରୁଆଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ନୂଆପଡ଼ା:** ନୂଆପଡ଼ାରେ ମଧ୍ୟ ବନ୍ଦ ପ୍ରଭାବ ପଡିଛି। ଜିଲ୍ଲା ସଦର ମହକୁମାରେ ଘାସିରାମ ମାଝୀ, ସୁରେଶ ଆଜାଦ, ମୁରଲୀଧର ନାଏକଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଭରତ ଲାଲ ରାଉତ, ଆଲୋକ ଗୁରୁ, ଅଭୟ ଯୋଷୀ, ହରି ମାଝୀ, ଦେବଦତ୍ତ ଦିକ୍ଷୀତ, ତିୱାରୀ, କୁଲଦୀପ ସୁରଜ, ଖାମସିଂ ମାଝୀ, ହେମୁ ନିଆଲ, ବୁନୁ ପଟେଲ, ଅନୀଲ ପଟେଲ ପ୍ରମୁଖ୍ ଏଥିରେ ସାମିଲ ଥିଲେ। କୁରୁମପୁରୀ ନିକଟରେ ହୋଇଥିବା ଆନ୍ଦୋଳନରେ ପିଲେଶ୍ୱର ସାହୁ, ତୁଲାରାମ ଅହୀର, ରମେଶ ଶବର, ଅୱାନ ଦେୱାଙ୍ଗନ, ମୁକେଶ ସାହୁ, ପାନାଲାଲ ପଟେଲ ସାମିଲ ହୋଇଥିଲେ। ତରବୋଡ଼ରେ ପପୁ ଅହୀରଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ଉଦ୍ୟାନବନ୍ଧରେ ମଧ୍ୟ ବଜାର ସହ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ଏଥିରେ ବିରଞ୍ଚି ବାଗ, ଭଗବାନ ତାଣ୍ଡି, କ୍ଷେତ୍ର ମାଝୀ, ମୁନକୁ ସୁନାନୀ, ସୁଶାନ୍ତ ହଲୱାଇ, ଅରୁଣ ସୁନାନୀ, ନରେନ୍ଦ୍ର ଦୀପ, ସତ୍ୟତାନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଜାଣ୍ଟେତରାରେ ହୋଇଥିବା ଆନ୍ଦୋଳନରେ ଭକ୍ତ ଶବର, ବିରାଟ ତାଣ୍ଡି, ଲକ୍ଷପତି ସୋନା, ଦସ୍ତାଗିର ଖାନ, ସନ୍ତୁ ସତନାମୀ, ଉମେଶ ସତନାମୀ, ଗୁଣବନ୍ତ ସୁନାନୀ ପ୍ରମୁଖ ସାମିଲ ଥିଲେ। ବୋଡେନରେ ଫାରୁକ ମହମ୍ମଦ ନେତୃତ୍ୱ ନେଇଥିଲେ।

**କୋମନା:** ନୂଆପଡ଼ା ଜିଲ୍ଲା କୋମନାରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉଦ୍ୟାନବନ୍ଧ, ତରବୋଡ଼, କୁରୁମପୁରୀ ଆଦି ସହର ବନ୍ଦ ରହିଥିଲା। ଅଖଚକ ବନ୍ଦ ରହିବା ସହ ଦୋକାନ ବଜାର, ସ୍କୁଲ କଲେଜ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଶାହାରୁଖ ଖାନ ଓ ପାଶା ମହାନନ୍ଦଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାମିଲେ ହାଇ ଜାତୀୟ ରାଜପଥରେ ରାସ୍ତା ଅବରୋଧ କରିଥିଲେ।

**ସିନାପାଲି:** କଂଗ୍ରେସର ଓଡ଼ିଶା ବନ୍ଦ ପାଳନ ପ୍ରଭାବ ସିନାପାଲି ବ୍ଲକ୍‌ରେ ଦେଖିବାକୁ ମିଳିଥିଲା। ଭୀଷ୍ମରାଜ ସୁନାନୀ, ପଦ୍ମନାଭ ଜଗତ, ମାୟାଧର ଜଗତ, ଟୁନା ସୁନାନୀ, ମୁଣ୍ଟୁ ବାଗ, ଧର୍ମେନ୍ଦ୍ର ପଣ୍ଡା ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



କେତେକ ବ୍ୟକ୍ତି ପରିବର୍ତ୍ତନ ବିପକ୍ଷରେ ମତ ଦିଅନ୍ତି; କିନ୍ତୁ ବିପର୍ଯ୍ୟୟକୁ ଟାଳିବାକୁ ହେଲେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।
-ଏଲନ୍ ମସ୍କ

## ଭାରତକୁ ତ୍ରିମୈତ୍ରୀ ବିପଦ

ଇତିହାସ ସାକ୍ଷୀ, ଯେତେବେଳେ ଦୁଷ୍ଟ ରାଷ୍ଟ୍ରମାନେ ହାତ ମିଳାନ୍ତି ବା ଚୁକ୍ତି କରନ୍ତି ସେତେବେଳେ ବିଶ୍ୱଯୁଦ୍ଧ ଅବଶ୍ୟାମ୍ଭାବୀ ହୋଇପଡ଼େ କିମ୍ବା ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି ହୁଏ। ସମ୍ପ୍ରତି ଚୀନ୍-ପାକିସ୍ତାନ-ବାଂଲାଦେଶ ମଧ୍ୟରେ ଏଭଳି ଏକ ତ୍ରିମୈତ୍ରୀ ମେଣ୍ଟ ଗଠନର ଭିତ୍ତି ପଡ଼ିଛି, ଯାହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ଉପରେ ପଡ଼ିବାର କେତେକ ସଂକେତ ମିଳିସାରିଛି। ଗତ ମାସରେ ଏ ସମ୍ପର୍କିତ ବିଧିବଦ୍ଧ ତ୍ରିପାକ୍ଷିକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ପୃଷ୍ଠଭୂମିରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହିତ ସାକ୍ଷାତ ଆଲୋଚନା ଅନେକ ମହତ୍ତ୍ୱ ରଖେ।

ଚୀନ୍-ପାକିସ୍ତାନ ସମ୍ପର୍କ କାହାକୁ ଅଛପା ନୁହେଁ। ସିପିଇସି (ଚୀନ୍-ପାକିସ୍ତାନ ଇକନୋମିକ୍ କରିଡର) ଓ ବିଆରଆଇ(ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍) ମାଧ୍ୟମରେ ଦୁଇଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ଅର୍ଥନୈତିକ ସମ୍ପର୍କ କ୍ରମଶଃ ପ୍ରତିରକ୍ଷା କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଛି, ଯାହାର କିଛିଟା ଝଲକ୍ 'ଅପରେସନ୍ ସିନ୍ଦୂର' ବେଳେ ଦେଖିବାକୁ ମିଳିଛି। ଚୀନ୍ ସବୁବେଳେ ଭାରତକୁ ପ୍ରତିବେଶୀ ରୂପେ ଗ୍ରହଣ ନ କରି ପ୍ରତିଦ୍ୱନ୍ଦ୍ୱୀ ଦୃଷ୍ଟିରେ ଦେଖିଆସିଛି। ତେଣୁ ପ୍ରାୟ ସବୁକ୍ଷେତ୍ରରେ ଭାରତକୁ ପରାଭବ ଦେବା ପାଇଁ ସୁବିଧା ସୁଯୋଗର ଅପେକ୍ଷାରେ ରହୁଛି। ଏହି ପୃଷ୍ଠଭୂମିରେ ଭାରତକୁ ଦୁଇ ପଟରୁ ଘେରିବାକୁ ଚୀନ୍‌କୁ ପାକିସ୍ତାନ ଓ ବାଂଲାଦେଶ ଭାବରେ ଦୁଇଟି ମୋହରା ମିଳିଯାଇଛି। ଗତ ମାର୍ଚ୍ଚ ମାସରେ ୟୁନୁସ୍‌ଙ୍କ ଚୀନ୍ ଗସ୍ତ ସମୟରେ ଚୀନ୍-ବାଂଲାଦେଶ ମଧ୍ୟରେ ୯ଟି ଅର୍ଥନୈତିକ ଓ ବୈଷୟିକ କ୍ଷେତ୍ରରେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ତୀସ୍ତା ନଦୀ ପ୍ରକଳ୍ପ ନିର୍ମାଣ ଲାଗି ଚୀନ୍ କମ୍ପାନୀଙ୍କୁ ୟୁନୁସ୍ ଆମନ୍ତ୍ରଣ କରିଛନ୍ତି। ଭାରତର ସିଲିଗୁଡ଼ି କରିଡରରୁ ମାତ୍ର ୧୩୫ କିମି ଦୂରରେ ଥିବା ବାଂଲାଦେଶର ଲାଲ୍‌ମୋନିରହାଟ୍ ବିମାନ ଘାଟିର ବିକାଶ ଦାୟିତ୍ୱ ଚୀନ୍ ନେଇଛି। ଦୁଇ ଦେଶ ମଧ୍ୟରେ କିପରି ସାଂସ୍କୃତିକ ଓ ଜନଭାବଗତ ସମ୍ପର୍କରେ ବୃଦ୍ଧି ଘଟିବ ସେ ଦିଗରେ ଚୀନ୍ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

ଅପରପକ୍ଷରେ ଶେଖ୍ ହସିନାଙ୍କ ପତନ ଓ ଦେଶାନ୍ତର ପରେ ଭାରତ-ବାଂଲାଦେଶ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ବାଂଲାଦେଶର କାମଚଳା ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଚୀନ୍ ପଟକୁ ଅଧିକ ଢଳିବା ସହିତ ଭାରତଠାରୁ କ୍ରମଶଃ ଦୂରେଇ ଯାଉଛନ୍ତି। ଦଲାଇ ଲାମାଙ୍କୁ ଆଶ୍ରୟ ଦେବା ପରେ ଚୀନ୍ ଭାରତ ସମ୍ପର୍କରେ ଯେପରି ତିକ୍ତତା ଆସିଥିଲା, ତାହାର ପୁନରାବୃତ୍ତି ବାଂଲାଦେଶ କ୍ଷେତ୍ରରେ ଘଟିଛି। ଶେଖ୍ ହସିନାଙ୍କୁ ଭାରତ ରାଜନୈତିକ ଆଶ୍ରୟ ଦେବା ପରେ ବାଂଲାଦେଶର ଭାରତ-ଅସୂୟା ବଢ଼ୁଛି। ୟୁନୁସ୍ ଅନେକ ସମୟରେ ଭାରତ ବିରୋଧୀ ମନ୍ତବ୍ୟମାନ ଦେଉଛନ୍ତି। ସେହିଭଳି ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ଏବେ ପାକିସ୍ତାନ ବାଂଲାଦେଶ ପ୍ରତି ଅଧିକ ସହାନୁଭୂତିଶୀଳ ଓ ଦୟାଶୀଳ ହେବାର ଉପକ୍ରମ ଆରମ୍ଭ କରିଛି। ଏ ଦିଗରେ ଏକଦା ଭାଇ-ଭାଇ ସମ୍ପର୍କ ଏବଂ ଇସ୍‌ଲାମୀୟ ଭାବାବେଗ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ପ୍ରାୟ ୧୨ ବର୍ଷ ପରେ ବାଂଲାଦେଶର ନୌସେନା କରାଚୀରେ ଅନୁଷ୍ଠିତ 'ଅମନ୍ ୨୦୨୫'(ସାମରିକ ଅଭ୍ୟାସ)ରେ ଗତ ଫେବୃଆରୀରେ ଯୋଗ ଦେଇଥିବା ବେଳେ ପ୍ରାୟ ୫୪ ବର୍ଷ ପରେ ପ୍ରଥମ ଥର ପାଇଁ ବାଂଲାଦେଶ(ସେତେବେଳେ ପୂର୍ବପାକିସ୍ତାନ) ସହିତ ପାକିସ୍ତାନର ପ୍ରତ୍ୟକ୍ଷ ବାଣିଜ୍ୟ କାରବାର ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଛି। ବାଂଲାଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଓ ବିମାନ ଘାଟିର ଭିତ୍ତିଭୂମି ବିକାଶ କାର୍ଯ୍ୟ ପାକିସ୍ତାନ ହାତକୁ ଯାଇଛି।

ଏହି ପରିବର୍ତ୍ତିତ ଭୂରାଜନୈତିକ ସମୀକରଣରେ ଚୀନ୍-ପାକିସ୍ତାନ-ବାଂଲାଦେଶ ବ୍ୟୂହରେ ଭାରତର ସ୍ଥିତି ପ୍ରାୟତଃ ଅଭିମନ୍ୟୁ ତୁଲ୍ୟ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଏହା ମଧ୍ୟ ଭୁଲିଯିବା ଉଚିତ ହେବ ନାହିଁ ଯେ ଭାରତ ଆଉ ବିଗତ ଶତାବ୍ଦୀରେ ନାହିଁ। ଅର୍ଥନୀତି, କୂଟନୀତି, ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଭାରତ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥା ଓ ବଜେଟ୍ ବ୍ୟୟବରାଦ ମଧ୍ୟ ବଳିଷ୍ଠ ହୋଇଛି। ତେଣୁ ତ୍ରିମୈତ୍ରୀ ବ୍ୟୂହ ଭେଦ କରିବାର ଶକ୍ତି ଭାରତ ପାଖରେ ରହିଛି। ତଥାପି ଯେତେବେଳେ ପଡ଼ୋଶୀମାନେ ଅସ୍ଥିରତା ସୃଷ୍ଟି କରନ୍ତି ସେତେବେଳେ ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ ହେବା ସହିତ ପ୍ରଗତି ବାଧାପ୍ରାପ୍ତ ହୁଏ। ଆଗକୁ ଭାରତ ଏଭଳି କିଛି ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଥିବା ଜଣାପଡୁଛି।

ଭାରତ ଆଗରେ ଏବେ ବହୁବିଧ ଆହ୍ୱାନ ରହିଛି, ଯାହାକୁ ସମ୍ମୁଖୀନ ହେବାରେ ଉପରୋକ୍ତ ତ୍ରିମୈତ୍ରୀ ମେଣ୍ଟ ବାଧା ସୃଷ୍ଟି କରିପାରନ୍ତି। ଉଦାହରଣତଃ, ଭାରତ ଇତିମଧ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ସମୟସୀମାର ବହୁ ପୂର୍ବରୁ ହାସଲ କରିସାରିଛି। ୨୦୩୦ ସୁଦ୍ଧା ମୋଟ ବିଦ୍ୟୁତ ଚାହିଦାର ୪୦% ଅଣ-ଜୀବାଶ୍ମ ଇନ୍ଧନରୁ ହାସଲ କରିବ ବୋଲି ୨୦୧୫ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିନାମାରେ ଭାରତ ସ୍ୱାକ୍ଷର କରିଥିବା ବେଳେ ୨୦୨୫ ଜୁନ୍ ସୁଦ୍ଧା ଉତ୍ପାଦନ ପରିମାଣ ମୋଟ ବିଦ୍ୟୁତ ଚାହିଦାର ୫୦ ପ୍ରତିଶତ ଅତିକ୍ରମ କରିସାରିଛି। ଭାରତ ପ୍ରାୟ ୫ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିସାରିଥିବାରୁ କାର୍ବନ ନିର୍ଗମନ ହ୍ରାସ ଓ ସବୁଜ ବିକାଶର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ। କିନ୍ତୁ ଅକ୍ଷୟଶକ୍ତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳତା ଦିଗରେ ଥିବା ମୁଖ୍ୟ ପ୍ରତିବନ୍ଧକ ହେଉଛି ଏହାର ଭଣ୍ଡାରଣ। ଅକ୍ଷୟ ଶକ୍ତିକୁ ଗଚ୍ଛିତ କରି ତିରୋଟ ସମୟରେ ବ୍ୟବହାର କରିବା ପାଇଁ ଯେଉଁ ବୈଜ୍ଞାନିକ ଓ ବୈଷୟିକ ଉପକରଣ ଆବଶ୍ୟକ ତାହାର ଆଧାର ବା କଞ୍ଚାମାଲ୍ ହେଉଛି ଲିଥିୟମ, ବିରଳ ମୃତ୍ତିକା, ଡିଏପି ଆଦି ରାସାୟନିକ ଉପାଦାନ। ଏଥିପାଇଁ ଭାରତ ଅଧିକାଂଶ ଚୀନ୍ ଉପରେ ନିର୍ଭରଶୀଳ ଥିବା ବେଳେ ବିରଳ ମୃତ୍ତିକା ଓ ଡିଏପିର ଭାରତ ରପ୍ତାନୀ ଅଂଶକୁ ଚୀନ୍ ବହୁ କାଣ୍ଟଛାଣ୍ଟ କରିଦେଇଛି। ତେଣୁ ଭାରତରେ ଅକ୍ଷୟ ଶକ୍ତି ଓ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ ନିରୁତ୍ସାହିତ ହୋଇପାରେ। ସେହିପରି ସେପଟେ ପାକିସ୍ତାନ କାଶ୍ମୀରରେ ଏବଂ ଏପଟେ ବାଂଲାଦେଶ ପଟୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ସୀମାପାର ଆତଙ୍କବାଦ ଓ ଅନୁପ୍ରବେଶ ସମସ୍ୟା ଉତ୍କଟ ହୋଇ ଭାରତର ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ ହୋଇପାରେ।

ତେଣୁ କୁହାଯାଇପାରେ ଯେ ଭାରତ ପାଇଁ ଆଗକୁ ତ୍ରିମୈତ୍ରୀ ମେଣ୍ଟ ଭାରତର ଶାନ୍ତି, ପ୍ରଗତି, ସ୍ଥିରତା ସମେତ କୂଟନୈତିକ ଓ ବୈଦେଶିକ ନୀତି ପ୍ରତି ଏକ ବୃହତ୍ ଆହ୍ୱାନ ସୃଷ୍ଟି କରିଛି, ଯାହାର ପ୍ରଭାବ ସୁଦୂର ବିସ୍ତାରୀ ହେବା ନିଶ୍ଚିତ। ଏହାକୁ ପ୍ରତିହତ କରିବା ଲାଗି ସମୟୋପଯୋଗୀ ରଣନୀତିର ଆବଶ୍ୟକତା ଜରୁରୀ। ଚୀନ୍ ଓ ପାକିସ୍ତାନର ପଞ୍ଝାରୁ ବାଂଲାଦେଶକୁ ମୁକ୍ତ ରଖିବାକୁ ହେଲେ ଭାରତ ପରିସ୍ଥିତି ସହିତ ସାଲିସ୍ କରିବା ଦୂରଦର୍ଶୀର ପରିଚାୟକ ହେବ। ଚୀନ୍‌କୁ ମଧ୍ୟ ଭାରତର ବିଶାଳ ବଜାର ସମ୍ଭାବନା ବିଷୟରେ ପୁଣି ଥରେ ଚେତାଇ ଦେବାକୁ ପଡ଼ିବ। ଆଶା ଏଦିରେ ଜୟଶଙ୍କରଙ୍କ ଚୀନ୍ ଗସ୍ତ କିଛି ନୂଆ ସମ୍ଭାବନା ସୃଷ୍ଟି କରିବ। ●

## ଜୀବନର ଲକ୍ଷ୍ୟ: ମୃତ୍ୟୁ ନୁହଁ, ଅମୃତପ୍ରାପ୍ତି

ମନୋରଞ୍ଜନ ମହାନ୍ତି

ନିକଟରେ ଓଡ଼ିଶାର ଏକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନର ଜଣେ ଛାତ୍ରୀ ନିର୍ଯାତନା, ଅବହେଳା ଓ ଅନ୍ୟାୟର ଶିକାର ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଦେଇ ମୃତ୍ୟୁବରଣ କରିଥିବା ଖବର ସାରା ଦେଶରେ ଚର୍ଚ୍ଚିତ ହୋଇଛି। କିଛିଦିନ ତଳେ ଓଡ଼ିଶାର ଜଣେ ଛାତ୍ରୀ ପରୀକ୍ଷା ହଲ୍‌ରେ ଅପମାନିତ ହୋଇ ଆତ୍ମହତ୍ୟା କରିଥିବାର ଦୁଃଖଦ ଖବର ମଧ୍ୟ ଆସିଛି। ଏଭଳି ଘଟଣା କେବଳ ଶିକ୍ଷାନୁଷ୍ଠାନରେ ନୁହେଁ, ବରଂ ଗ୍ଲାମର, କର୍ପୋରେଟ୍ ଓ ଅନ୍ୟ କେତେକ ମର୍ଯ୍ୟାଦାପୂର୍ଣ୍ଣ ପେସାଦାର କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ଗତବର୍ଷ କାମ ଚାପରେ ଜଣେ ମହିଳା ଚାର୍ଟେଡ୍ ଆକାଉଣ୍ଟାଣ୍ଟ ଆତ୍ମହତ୍ୟା କରିଥିବା ବେଳେ କିଛିବର୍ଷ ତଳେ ଜଣେ ଲୋକପ୍ରିୟ ଉଦୀୟମାନ ଅଭିନେତା ଉତ୍କଟ ମାନସିକ ଅବସାଦର ଶିକାର ହୋଇ ଆତ୍ମହତ୍ୟା କରିଥିବା ଖବର ହୃଦୟ ବିଦାରକ ଥିଲା। ଏସବୁ କ୍ଷେତ୍ରରେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ଅଭାବ ପରିଲକ୍ଷିତ ହୁଏ। କିଛି ଲୋକ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ୍‌ମାନଙ୍କୁ ଈର୍ଷା କରୁଥିବା ଏବଂ ସେମାନଙ୍କ ପଥରୋଧ ପାଇଁ ଉଦ୍ୟମ କରୁଥିବା ଲକ୍ଷ୍ୟ କରାଯାଏ। ତା'ବୋଲି ପ୍ରତିଭାବାନ୍‌ମାନେ ବିଚଳିତ ହେବା, ମାନସିକ ଅବସାଦଗ୍ରସ୍ତ ହୋଇ ଜୀବନ ନାଶ କରିଦେବା ଆଦୌ ଠିକ୍ ନୁହେଁ। ବରଂ ଆତ୍ମବିଶ୍ୱାସର ସହିତ ଧୈର୍ଯ୍ୟ ଧରି ଜୀବନ-ସଂଗ୍ରାମରେ ନିରତ ହେବା ଉଚିତ।

ମହାଭାରତ ଯୁଦ୍ଧରେ ଅର୍ଜୁନ ବିଷାଦମଗ୍ନ ହୋଇଛନ୍ତି। ଆବ୍ରାହାମ୍ ଲିଙ୍କନ୍, ଏର୍‌ନେଷ୍ଟ ହେମିଂୱେ, ସିଗ୍‌ମଣ୍ଡ ଫ୍ରଏଡ୍, ମାଇକେଲ୍ ଫେଲ୍‌ପ୍ସ, ବ୍ରାଡ୍ ପିଟ୍, ଜେ.କେ. ରାଓଲିଂ, ଲେଡି ଗାଗା ପ୍ରମୁଖଙ୍କ ଜୀବନରେ କିଛି ସମୟ ଅବସାଦର ଅନୁଭବ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଆତ୍ମବିଶ୍ୱାସ ବଳରେ ସେମାନେ ସେଥିରୁ ମୁକୁଳି ଆସିଛନ୍ତି ଏବଂ ଜୀବନ-ଯୁଦ୍ଧରେ ବିଜୟୀ ହୋଇଛନ୍ତି। ରିଲାଏନ୍ସ କମ୍ପାନୀର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ, ୱିପ୍ରୋ ପ୍ରତିଷ୍ଠାତା ଅଜିମ୍ ପ୍ରେମ୍‌ଜୀ, ଆଦାନୀ ଗ୍ରୁପ୍‌ର ଗୌତମ ଆଦାନୀ, ଫେସ୍‌ବୁକ୍‌ର ପ୍ରତିଷ୍ଠାତା ମାର୍କ୍ ଯୁକର୍‌ବର୍ଗ, ମାଇକ୍ରୋସଫ୍ଟର ବିଲ୍ ଗେଟ୍ସ, ଆପଲ୍‌ର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍‌ସ୍ ପ୍ରମୁଖ କଲେଜର ପାଠପଢ଼ା ଛାଡ଼ି ଦେଇଥିଲେ। ଆଲବର୍ଟ୍ ଆଇନ୍‌ଷ୍ଟାଇନ୍ ଛାତ୍ର ଜୀବନରେ କେମେଷ୍ଟ୍ରି ଓ ବାୟୋଲୋଜି ପରୀକ୍ଷାରେ ଫେଲ୍ ହେଇଥିଲେ। ଛାତ୍ରାବସ୍ଥାରେ ନିଉଟନ୍‌ଙ୍କ ପାଠପଢ଼ା ଅତି ନିମ୍ନ ମାନର ଥିଲା ବୋଲି ଶିକ୍ଷକମାନେ କହୁଥିଲେ। କ୍ରିକେଟର୍ ସଚିନ୍ ତେନ୍ଦୁଲ୍‌କର୍, ଚଳଚ୍ଚିତ୍ର ତାରକା ଅମୀର ଖାଁ, ଦୀପିକା ପାଦୁକୋନ୍ ପ୍ରମୁଖ ସ୍କୁଲ ଶିକ୍ଷା ଛାଡ଼ି କ୍ରିକେଟ୍ ଓ ଚଳଚ୍ଚିତ୍ରରେ ନିଜ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ। କେବଳ ଗଭୀର ଆତ୍ମବିଶ୍ୱାସ, ଏକାଗ୍ରତା ଓ ସାଧନା ବଳରେ ସେମାନେ ସମସ୍ତେ ନିଜ ନିଜ କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ସମର୍ଥ ହୋଇପାରିଲେ।

ମଣିଷର ଜୀବନରେ ଆତ୍ମବିଶ୍ୱାସ ସବୁଠାରୁ ବଡ଼ କଥା। ଆତ୍ମବିଶ୍ୱାସ ହିଁ ମଣିଷକୁ ସକାରାତ୍ମକ ଦୃଷ୍ଟିସମ୍ପନ୍ନ କରେ। ବୈଜ୍ଞାନିକ ଟମାସ୍ ଏଡିସନ୍ ଯେକୌଣସି ବିଷୟରେ ବାରମ୍ବାର ପରୀକ୍ଷା କଲା ପରେ କହୁଥିଲେ, 'ମୁଁ ବିଫଳ ହୋଇନାହିଁ; ମୋ ଆଖି ଆଗରେ ମୁଁ ଦଶହଜାର ବାଟ ଦେଖିବାକୁ ପାଇଛି, ମୋତେ ଆହୁରି ପରୀକ୍ଷା କରିବାକୁ ହେବ।' ବାରମ୍ବାର ବିଫଳ ହୋଇ ମଧ୍ୟ 'ବିଫଳ ହୋଇଛି' ବୋଲି ସେ କେବେ କହୁନଥିଲେ, ପ୍ରତ୍ୟେକ ବିଫଳତା ତାଙ୍କୁ ଗୋଟିଏ ଗୋଟିଏ ନୂଆ ନୂଆ ବାଟ ଦେଖାଇ ଦେଉଥିଲା, ଆହୁରି ଉତ୍ସାହରେ ସେ ପ୍ରଚେଷ୍ଟା ଜାରି ରଖିଥିଲେ ସଫଳତା ପାଇବା ପର୍ଯ୍ୟନ୍ତ।

ଡ. ଫ୍ରାନ୍‌ସିସ୍ କଲିନ୍ସ ହେଉଛନ୍ତି ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ। ବିଜ୍ଞାନ ଓ ବିଶ୍ୱାସର ପରିପୂରକତ୍ୱ ସମ୍ପର୍କରେ ଗବେଷଣା କରି ୨୦୨୦ ବର୍ଷରେ ସେ ପାଇଛନ୍ତି ଜନ୍ ଟେମ୍ପଲ୍‌ଟନ୍ ପୁରସ୍କାର। ସେ ଲେଖିଥିବା ବହି 'ଦି ଲାଙ୍ଗୁଏଜ୍ ଅଫ୍ ଗଡ୍: ଏ ସାଇଣ୍ଟିଷ୍ଟ ପ୍ରେଜେଣ୍ଟସ୍ ଏଭିଡେନ୍ସ ଫର୍ ବିଲିଫ୍' ଏବେ ପୃଥିବୀରେ ବହୁସଂଖ୍ୟାରେ ବିକ୍ରି ହେଉଛି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ବିଜ୍ଞାନ ପ୍ରଶ୍ନ ପଚାରେ 'କିପରି?' ଯଥା 'ଜିନ୍‌ଗୁଡ଼ିକ ପ୍ରୋଟିନ୍ ପାଇଁ କିପରି କୋଡିଂ ହୁଅନ୍ତି?' ଅଥଚ ବିଶ୍ୱାସ ପଚାରେ 'କାହିଁକି?'। ଯଥା 'ଶୂନ୍ୟ ପରିବର୍ତ୍ତେ କିଛି କାହିଁକି ଅଛି? ଗଡ୍(ଈଶ୍ୱର) କାହିଁକି ଅଛନ୍ତି?' ଇତ୍ୟାଦି। ଏତଦ୍ୱାରା ସେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ବିଜ୍ଞାନ ଓ ବିଶ୍ୱାସ ପରସ୍ପର ପରିପୂରକ। ଜଣେ ଖ୍ରୀଷ୍ଟିୟାନ୍ ଭାବରେ ସେ ବିଶ୍ୱାସ କରନ୍ତି ଆମେ ମଣିଷମାନେ ସ୍ୱତନ୍ତ୍ର ପ୍ରାଣୀ, ଯାହାଙ୍କର ଗଡ୍‌ଙ୍କ ସହିତ ଏକ ସ୍ୱତନ୍ତ୍ର ସମ୍ବନ୍ଧ ରହିଛି। କେତେକ କହନ୍ତି, ବିବର୍ତ୍ତନ ଏକ ତତ୍ତ୍ୱ ମାତ୍ର। କିନ୍ତୁ ଡ. କଲିନ୍‌ସଙ୍କ ମତରେ ମାଧ୍ୟାକର୍ଷଣ ଭଳି ବିବର୍ତ୍ତନ ଏକ ସୁପ୍ରତିଷ୍ଠିତ ତତ୍ତ୍ୱ। ଗଡ୍ ୧୪୦୦ କୋଟି ବର୍ଷ ତଳେ ବସ୍ତୁ, ଶକ୍ତି ଓ ପ୍ରାକୃତିକ ନିୟମଗୁଡ଼ିକ ସହିତ ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟି କଲେ। ତା'ପରେ ସୃଷ୍ଟି ହେଲେ ପ୍ରାଣୀମାନେ। ସ୍ରଷ୍ଟା ଗଡ୍ ସ୍ଥାନ ଓ ସମୟରେ ସୀମିତ ନୁହନ୍ତି। ଆମେ ମଣିଷମାନେ ସେହି 'ଅସୀମ'ଙ୍କୁ ବସ୍ତୁ, ଶକ୍ତି, ପ୍ରାକୃତିକ ନିୟମ ଓ ପ୍ରାଣୀମାନଙ୍କ ମଧ୍ୟରେ ଉପଲବ୍ଧି କରିପାରିବା, ଯେହେତୁ ମଣିଷର ଶକ୍ତି ଅସୀମ। ନିଜର ଅସୀମ ଶକ୍ତିକୁ ଉପଲବ୍ଧି କଲେ ଯାଇ ମଣିଷ ଆଉ ମାନସିକ ଅବସାଦ, ନୈରାଶ୍ୟରେ ଆକ୍ରାନ୍ତ ହେବ ନାହିଁ, ଜୀବନ ନାଶ କରିବାର କଠୋର ନିଷ୍ପତ୍ତି ନେବ ନାହିଁ। ଡ. କଲିନ୍ସ ଜଣେ ଡାକ୍ତର, ବୈଜ୍ଞାନିକ, ଅଧ୍ୟାତ୍ମବାଦୀ ହେବା ସହିତ ଜଣେ ସଙ୍ଗୀତଜ୍ଞ ମଧ୍ୟ। ତାଙ୍କ ମତରେ, ସଙ୍ଗୀତ ମଣିଷର ଚେତନାକୁ ବହୁ ଊର୍ଦ୍ଧ୍ୱକୁ ଉତ୍ତୋଳନ କରାଇ ପାରିବ। ସଙ୍ଗୀତ ଚିକିତ୍ସା (ମ୍ୟୁଜିକ୍ ଥେରାପି) ଜରିଆରେ ପି.ଟି.ଏସ୍.ଡି (ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିସ୍‌ଅର୍ଡ଼ର୍), ପାର୍କିନ୍‌ସନ୍ ରୋଗ, ଉତ୍କଟ ଯନ୍ତ୍ରଣା, ଅବସାଦ, ନୈରାଶ୍ୟ ଇତ୍ୟାଦିକୁ ଲାଘବ କରାଯାଇପାରିବ। ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ କିଛି ସ୍ନାୟୁ-ବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ), ସଙ୍ଗୀତଜ୍ଞ (ମ୍ୟୁଜିସିଆନ୍), ସଙ୍ଗୀତ ଜରିଆରେ ଚିକିତ୍ସା କରୁଥିବା ଚିକିତ୍ସକ (ମ୍ୟୁଜିକ୍ ଥେରାପିଷ୍ଟ)ମାନଙ୍କୁ ନେଇ ଏ ଦିଗରେ ଅଧିକତର ଗବେଷଣା ଜାରି ରଖିଛି।

ଆମେରିକାର ରବର୍ଟ ଥର୍‌ମାନ୍ ହେଉଛନ୍ତି ପ୍ରଥମ ତିବ୍ବତୀୟ ବୌଦ୍ଧ ସନ୍ନ୍ୟାସୀ। ଜଟିଳ ତିବ୍ବତୀୟ ବୌଦ୍ଧ ସାହିତ୍ୟକୁ ସେ ଇଂରାଜୀରେ ଅନୁବାଦ କରିଛନ୍ତି। ନ୍ୟୁୟର୍କସ୍ଥିତ ତିବ୍ବତ ଭବନର ପ୍ରତିଷ୍ଠାତା ସଭାପତି ସେ। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଇଣ୍ଡୋ ତିବ୍ବତୀୟ ବୌଦ୍ଧ ସାହିତ୍ୟରେ ଅଧ୍ୟାପନା କରନ୍ତି। ୨୦୧୯ ବର୍ଷରେ ଭାରତ ଭ୍ରମଣରେ ଆସିଥିଲା ବେଳେ ଏକ ସାକ୍ଷାତ୍‌କାରରେ ସେ କହିଥିଲେ ଯେ, ବୌଦ୍ଧ ଚିକିତ୍ସା ପଦ୍ଧତି ଆୟୁର୍ବେଦ ସହିତ ସମାନ୍ତରାଳ। 'ଆୟୁ'ର ଅର୍ଥ 'ଦୀର୍ଘ ଜୀବନ'। ସବୁବେଳେ ବ୍ୟଗ୍ର, ବିଚଳିତ, ମାନସିକ ଅବସାଦଗ୍ରସ୍ତ, ନୈରାଶ୍ୟ-ଜର୍ଜରିତ ମଣିଷକୁ ବାର୍ଦ୍ଧକ୍ୟ ଖୁବ୍ ଶୀଘ୍ର ଗ୍ରାସ କରିଯାଏ। ଅବସାଦ, ନୈରାଶ୍ୟ ହେଉଛି ମଣିଷର ଅନ୍ତର୍ନିହିତ ଶତ୍ରୁ। ସେହି ଶତ୍ରୁକୁ ଦମନ କଲେ ଯାଇ ମଣିଷ-ଶରୀରର କୋଷ ଓ ମାଇକ୍ରୋଅର୍ଗାନିଜମ୍‌ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ କରେ, ମଣିଷ ଆନନ୍ଦ ଅନୁଭବ କରେ ଓ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିପାରେ। ୫୩ବର୍ଷ ଧରି ବୈବାହିକ ଜୀବନଯାପନ କରିଥିବା ଥର୍‌ମାନ୍ ଭାରତୀୟ ଓ ତିବ୍ବତୀୟ ତନ୍ତ୍ର ସାହିତ୍ୟର ସୂଚନା ଦେବା ସହିତ 'ବିମଳାକୀର୍ତ୍ତି ସୂତ୍ର'ରେ ବର୍ଣ୍ଣିତ ଦେବୀ ପ୍ରଜ୍ଞା ପାରମିତା ଓ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଉଦାହରଣ ଦେଇ କହିଲେ ଯେ, ମଣିଷ ଅସୀମ ଶକ୍ତି ଧାରଣ କରିଛି। ତେବେ ଅବସାଦ, ନୈରାଶ୍ୟ ବଳରେ ନୁହଁ, କେବଳ ଆନନ୍ଦ ଓ ବିଶ୍ୱାସ ବଳରେ ହିଁ ସେହି ଶକ୍ତିକୁ ଉପଲବ୍ଧି କରି ହେବ, ଉପଯୁକ୍ତ ଭାବରେ ଉପଯୋଗ କରି ଯାବତୀୟ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିଯାଇ ହେବ। ଆତ୍ମବିଶ୍ୱାସ ହିଁ ଭଗବତ୍ ବିଶ୍ୱାସ, ଯାହା ବଳରେ ମଣିଷ ଜୀବନକୁ ଭଲପାଇବ, ଜଗତରେ ତା'ର ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ ପ୍ରେରଣାଟିଏ ପାଇବ ଏବଂ ମୁକ୍ତକଣ୍ଠରେ ସ୍ୱୀକାର କରିବ ଯେ, ମୃତ୍ୟୁ ନୁହଁ, ଅମୃତ ପ୍ରାପ୍ତି ହିଁ ତା' ଜୀବନର ସର୍ବଶେଷ ଲକ୍ଷ୍ୟ।

କୌଣସି କ୍ଷେତ୍ରରେ ଜଣେ ପ୍ରତିଭାବାନ୍ ମଣିଷ ଅନ୍ତତଃ ଏତିକି ସ୍ମରଣ ରଖିଲେ ଯାଇ କାହାରି ଈର୍ଷା, ସହଯୋଗ, ନିର୍ଯାତନା, ଅପମାନ ଓ ଅସହିଷ୍ଣୁତାରେ ଆଦୌ ବିଚଳିତ ହେବ ନାହିଁ, ନିଜ ଜୀବନ ନାଶ କରିବାର ନିଷ୍ପତ୍ତି ନେବ ନାହିଁ, ବରଂ ସିଦ୍ଧିର ଅମୃତମୟ ସୋପାନକୁ ସ୍ପର୍ଶ କରିବାକୁ ଅଧିକରୁ ଅଧିକ ସାଧନାରେ ପ୍ରବୃତ୍ତ ହେବ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଆମ କୃଷକ କେତେ ସଶକ୍ତ?

କମଳା ପ୍ରସାଦ ମହାପାତ୍ର

ଅଦ୍ୟାବଧି କୃଷି କ୍ଷେତ୍ରରେ ଆମ ଦେଶ ଅପାର ସଫଳତା ହାସଲ କରିବାରେ ସକ୍ଷମ ହୋଇପାରିଛି। ଏହି ସଫଳତାର ଶ୍ରେୟ ସରକାରଙ୍କୁ ଯେତିକି ଯାଉଛି ତା' ଠାରୁ ଅଧିକ ଯାଏ କୃଷି ବୈଜ୍ଞାନିକ ଏବଂ ସଚେତନ କୃଷକ ସମାଜକୁ। କିନ୍ତୁ ଆଜିର ଦିନରେ ଯଦି ପ୍ରଶ୍ନ ହୁଏ କୃଷିକୁ ଜଣେ ବ୍ୟକ୍ତି ବୃତ୍ତି ରୂପେ ଗ୍ରହଣ କରେ ତେବେ ତା' ପାଇଁ କ'ଣ ସୁଯୋଗ ରହିଛି? ଏହାର ନିର୍ଭରଯୋଗ୍ୟ ଉତ୍ତର ମିଳିବ ନାହିଁ। କୃଷିକୁ ବୃତ୍ତି କରି ତିଷ୍ଠି ରହିବାକୁ ହେଲେ କେତେକ ମୌଳିକ ପ୍ରସଙ୍ଗରେ ଧ୍ୟାନ ଦେବାକୁ ହୋଇଥାଏ। ଯଥା ଉନ୍ନତ କୃଷି ପ୍ରଣାଳୀ, ବୈଜ୍ଞାନିକ ପଦ୍ଧତିରେ ଚାଷ, ଉନ୍ନତ ମାନର ଯନ୍ତ୍ରପାତି, ଉନ୍ନତ ବିହନ, ଜଳସେଚନ, ଶୀତଳ ଭଣ୍ଡାର ଆଦିର ଆବଶ୍ୟକତା ପଡ଼ିଥାଏ। ପାରମ୍ପରିକ ରୀତିରେ ଚାଷ କଲେ ଜଣେ କୃଷକ ଅନେକ କ୍ଷତିର ସମ୍ମୁଖୀନ ହୋଇଥାଏ। ଯଦି ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ପରିସ୍ଥିତି ଉପୁଜେ ତେବେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ବିପୁଳ ଆର୍ଥିକ କ୍ଷତି ସହି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥା'ନ୍ତି। ଯଦିଓ ସରକାର ଚାଷ ଓ ଚାଷୀର କଲ୍ୟାଣ ପାଇଁ ଅନେକ ଯୋଜନା ଗ୍ରହଣ କରିଛନ୍ତି ଏବଂ ଅନେକ ଆର୍ଥିକ ଓ ବୈଷୟିକ ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ଦେଉଛନ୍ତି କିନ୍ତୁ ରୂପାୟନରେ ତ୍ରୁଟି ଯୋଗୁଁ ତାହା ଫଳପ୍ରଦ ହେଉନାହିଁ।

କେବଳ ଓଡ଼ିଶା କଥା ଦେଖାଯାଉ। ଏବେ ଆମ ରାଜ୍ୟର ଯୁବପିଢ଼ି କୃଷିକୁ ବୃତ୍ତି ରୂପେ ଗ୍ରହଣ କରିବାକୁ ନାପସନ୍ଦ କରିବା ପଛରେ ଅନେକ କାରଣ ରହିଛି। କେବଳ ଗତ ଏକବର୍ଷର ସ୍ଥିତି ଉପରେ ଦୃଷ୍ଟି ପକାଯାଉ। ରାଜ୍ୟ ସରକାର କୃଷକ ସଶକ୍ତୀକରଣ ଓ ଓଡ଼ିଆ ଅସ୍ମିତା ନାରା ଦେଇ ନିର୍ବାଚନ ବୈତରଣୀ ପାର ହେଲେ ସତ, ମାତ୍ର ବିଗତ ପ୍ରାୟ ବାର ମାସ ମଧ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ସେପରି କିଛି ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି।

କୃଷି କ୍ଷେତ୍ରରେ ଚରମ ସରକାରୀ ଉଦାସୀନତା ସାମନାକୁ ଆସୁଛି। ଧାନ ମଣ୍ଡି କଥା ଆଗେ ବିଚାରକୁ ନେବା। ନିର୍ବାଚନରେ ସରକାର ଘୋଷଣା କଲେ ଧାନ ବିକ୍ରୟ ସହାୟକ ମୂଲ୍ୟ ପୁନଃ ନିର୍ଦ୍ଧାରଣ ହେବ। କୁଇଣ୍ଟାଲ ପିଛା ଜଣେ ଚାଷୀକୁ ୨୩୦୦ ଟଙ୍କା ସହ ରାଜ୍ୟ ସରକାରଙ୍କ ତରଫରୁ ରିହାତି ଆକାରରେ ୮୦୦ ଟଙ୍କା - ଏହିପରି କୁଇଣ୍ଟାଲ୍ ପିଛା ସର୍ବମୋଟ ୩୧୦୦ ଟଙ୍କା ମିଳିବ। ମଣ୍ଡିରେ ସବୁପ୍ରକାର ବ୍ୟବସ୍ଥା କରାଯିବ, କୌଣସି କଟ୍‌ନି ଛଟନି ହେବ ନାହିଁ। ଅଖାର ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯିବ। ଧାନ ବିକ୍ରି ବାବଦ ମୂଲ୍ୟ ୨୪ ଘଣ୍ଟାରେ ଚାଷୀ ବ୍ୟାଙ୍କଖାତାକୁ ଯିବ ଇତ୍ୟାଦି। ଆଳୁ ପିଆଜ ସମସ୍ୟା ଆମ ରାଜ୍ୟରେ ଉପୁଜିବ ନାହିଁ କିମ୍ବା ଆମକୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ ନାହିଁ। ପିଆଜ ଓ ଆଳୁ ଚାଷକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଉନ୍ନତ ମାନର ବିହନ ବ୍ଲକ ଜରିଆରେ ସୁଲଭ ମୂଲ୍ୟରେ ପ୍ରଦାନ କରାଯିବ। ପ୍ରତି ଜିଲ୍ଲାରେ ଅନ୍ୟୂନ ଗୋଟିଏ ବା ସ୍ଥଳବିଶେଷରେ ଦୁଇଟି ଉଚ୍ଚକ୍ଷମତା ସମ୍ପନ୍ନ ଶୀତଳଭଣ୍ଡାର ସ୍ଥାପନ କରାଯିବ। ନିର୍ବାଚନ ପୂର୍ବରୁ ଏଭଳି ଯେଉଁ ପ୍ରତିଶ୍ରୁତିର ପାହାଡ଼ ଜନସାଧାରଣଙ୍କ ପାଖରେ ରଖା ଯାଇଥିଲା, ନିର୍ବାଚନ ପରେ ସେହି ପ୍ରତିଶ୍ରୁତିଗୁଡ଼ିକ କେବଳ ପ୍ରହସନ ବୋଲି ଜଣାପଡ଼ିଛି।

ଧାନ ସଂଗ୍ରହ ସମୟରେ ମିଲରମାନଙ୍କ ମନମାନୀ, ଯୋଗାଣ ବିଭାଗ ଅଧିକାରୀ ସମବାୟ ସମିତି ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ କୃଷକମାନେ ହତାଶ ହେଲେ। ଗତ ଡିସେମ୍ବର ମାସରେ ଲଗାଣ ବର୍ଷାରେ ଚାଷୀମାନଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଲା। ସରକାରୀ ସ୍ତରରେ କ୍ଷତିପୂରଣ ଘୋଷଣା ହେଲା। କ୍ଷତିପୂରଣ ଦେବା ତ ଦୂରର କଥା ଫସଲ କ୍ଷୟକ୍ଷତି ଆକଳନ କରିବାକୁ ମଧ୍ୟ କୃଷି ବିଭାଗ ବା ରାଜସ୍ୱ ବିଭାଗ ଅଧିକାରୀ ଯାଇ ନଥିବା ଅଭିଯୋଗ ହେଉଛି। ଅନ୍‌ଲାଇନ ପୋର୍ଟାଲ ଓ ଟୋଲ ଫ୍ରି ନମ୍ବରରେ ପଞ୍ଜୀକରଣ କରିବାକୁ ଜଣାଇ ସରକାର ଚୁପ୍‌ଚାପ ବସିଗଲେ। ସେହି ଅନ୍‌ଲାଇନ୍ ପୋର୍ଟାଲ ଖୋଲିଲା ନାହିଁ କି ସେ ଟୋଲ ଫ୍ରି ଫୋନ ନମ୍ବର ଲାଗିଲା ନାହିଁ। ସବୁସମୟରେ ବ୍ୟସ୍ତ ଅଛି ବୋଲି ଉତ୍ତର ମିଳିଲା। ଏହା ହେଲା ରାଜ୍ୟ ସରକାରଙ୍କର କୃଷକମାନଙ୍କ ପ୍ରତି ଦିଆଯାଇଥିବା ପ୍ରତିଶ୍ରୁତି। ଏହି ବ୍ୟବସ୍ଥାରେ କୃଷକମାନେ କେତେ ସଶକ୍ତ ହୋଇପାରିବେ ଏବଂ ଯୁବ ପିଢ଼ି ଶିକ୍ଷା ସମାପନ କଲା ପରେ କୃଷିକୁ ବୃତ୍ତି ରୂପେ ଆପଣେଇବାକୁ କେତେ ଆଗ୍ରହ ପ୍ରକାଶ କରିବେ, ତାହା ବିଚାର୍ଯ୍ୟ।

ବାସ୍ତବ କ୍ଷେତ୍ରରେ ଦେଖିବା ସରକାରଙ୍କ ଲୋଭନୀୟ ଗୋଲାପୀ ପ୍ରତିଶ୍ରୁତି କେତେ କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହୋଇଛି। ଧାନ ମଣ୍ଡି ଟୋକନ୍ ଆସିବା ବେଳେ ଯେଉଁ ତାରିଖ ବା ଦିନ ଧାର୍ଯ୍ୟ କରାଯାଇଥାଏ, ତା'ର ପ୍ରାୟ ଏକ ମାସ ପରେ ଧାନ ବିକ୍ରି କରିବାର ସୁଯୋଗ ମିଳେ। କାରଣ ପଚାରିଲେ ଉତ୍ତର ମିଳେ ମିଲର ଗାଡ଼ି ପଠାଇବାରେ ବିଳମ୍ବ ହେଉଛି। ଜଣେ ଚାଷୀକୁ ଅନୁଭବ ହୁଏ ଯେପରି ମିଲର ଦୟା ପ୍ରଦର୍ଶନ କରି ଧାନ ସଂଗ୍ରହ କରୁଛି ଏବଂ ଧାନ ମୂଲ୍ୟ ଖଇରାତ ଦାନ ସୂତ୍ରରେ ଚାଷୀଙ୍କୁ ପ୍ରଦାନ କରୁଛି। ମିଲରଙ୍କ ଟ୍ରକ ଆସିବା ପରେ ଧାନ ଓଜନ କରିବାକୁ ବସ୍ତା ପିଛା ୨୫ ଟଙ୍କା ଦେବାକୁ ହୁଏ। ଧାନର ମାନ ପରୀକ୍ଷଣ କଲା ବେଳେ ବସ୍ତା ପିଛା ପ୍ରାୟ ଅଧା କିଲୋ ଧାନ ଚାଷୀକୁ ହରାଇବାକୁ ପଡ଼େ। ତା' ପରେ ପ୍ରତି କୁଇଣ୍ଟାଲ ଧାନରେ ୪ କିଲୋ କଟନି ଛଟନିରେ ମଜୁରା ଦେବାକୁ ହୁଏ। ଅର୍ଥାତ୍ ୧୦୦ କିଲୋ ଧାନରୁ ଚାଷୀକୁ ୯୬ କିଲୋ ଧାନର ମୂଲ୍ୟ ମିଳେ। ଧାନ ବିକ୍ରି ଅର୍ଥ ପଇଠ କରିବାକୁ ଯେଉଁ ୨୪ ଘଣ୍ଟା ଧାର୍ଯ୍ୟ କରାଯାଇଥିଲା ତାହା ପାଣିର ଗାର ସାବ୍ୟସ୍ତ ହେଲା। ଧାନ ମୂଲ୍ୟ ପୈଠ ହେବାକୁ ଅନ୍ୟୂନ ଏକ ସପ୍ତାହ ସମୟ ଲାଗୁଛି। ଆଳୁ ପିଆଜ ବିହନ ବ୍ଲକ ମାଧ୍ୟମରେ ଏପର୍ଯ୍ୟନ୍ତ ଉପଲବ୍ଧ ହେଉନାହିଁ। ଜିଲ୍ଲାସ୍ତରୀୟ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ କୌଣସି ସର୍ବେକ୍ଷଣ, ସ୍ଥାନ ନିର୍ଦ୍ଧାରଣ ଏପର୍ଯ୍ୟନ୍ତ କରାଯାଇ ନାହିଁ।

ଚବିଶ ବର୍ଷର ସରକାରକୁ ହଟାଇ ଯେଉଁ ପ୍ରଗତିର ସ୍ୱପ୍ନ ଦେଖି ରାଜ୍ୟବାସୀ ନୂତନ ସରକାରଙ୍କୁ ଗାଦିନସୀନ କରାଇଥିଲେ ସେଥିରୁ ପାଇଲେ କ'ଣ? କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ଛଡ଼ା ଆଉ କିଛି ନୁହେଁ। ବିଶ୍ୱସନୀୟତା ହାସଲ କରିବାକୁ ହେଲେ ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟରେ ରୂପାୟନ କରିବାର ଆବଶ୍ୟକତା ରହିଛି। ●

ଜଗତସିଂହପୁର, ମୋ: ୭୩୮୧୦୭୩୧୩୬

## ହାଡ଼ଯୋଡ଼ା ହନୁମାନ

ଓଜସ୍ୱିନୀ

କୌଣସି ଦୁର୍ଘଟଣା କିମ୍ବା କ୍ୟାଲସିୟମ୍ ଅଭାବରେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଥିଲେ କିମ୍ବା ଅଷ୍ଟିଓପୋରୋସିସ୍ ନାମକ ରୋଗାକ୍ରାନ୍ତ ହୋଇଥିଲେ ଶରୀରର ହାଡ଼ ଭାଙ୍ଗିଯାଏ। ଏହା ଅତ୍ୟନ୍ତ କଷ୍ଟଦାୟକ ଏବଂ ଏହାର ଚିକିତ୍ସା ମଧ୍ୟ ବ୍ୟୟସାପେକ୍ଷ। ବର୍ତ୍ତମାନର ଚିକିତ୍ସା ବିଜ୍ଞାନ ଏ କ୍ଷେତ୍ରରେ ଅନେକ ଅଗ୍ରଗତି କରିଛି, ଯାହାଦ୍ୱାରା ହାଡ଼ଜନିତ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରାଯାଇପାରୁଛି। କିନ୍ତୁ ବିଜ୍ଞାନର ବିକାଶ ସତ୍ତ୍ୱେ ମଣିଷ ଭଗବାନଙ୍କ ଶରଣାପନ୍ନ ହେଉଛି। ଏମିତିକି ଭଗବତ୍ ବିଶ୍ୱାସ ଯୋଗୁଁ ଭଙ୍ଗା ହାଡ଼ ମଧ୍ୟ ଯୋଡ଼ି ହୋଇ ଯାଉଛି ଏବଂ ଯନ୍ତ୍ରଣା ନିମିଷେକ ଦୂର ହୋଇଯାଉଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ଭାରତରେ ରାମଭକ୍ତ ହନୁମାନଙ୍କର ଏଭଳି ଗୋଟିଏ ଚମତ୍କାରୀ ମନ୍ଦିର ଅଛି, ଯେଉଁଠି ଭଙ୍ଗାହାଡ଼କୁ ଯୋଡ଼ି ଦେବା ସହିତ ଯନ୍ତ୍ରଣାମୁକ୍ତ କରିବା ପାଇଁ ରୋଗୀମାନେ ପ୍ରାର୍ଥନା କରିଥା'ନ୍ତି ଏବଂ ରୁଦ୍ରାବତାର ଆଶୁତୋଷ ହନୁମାନଙ୍କ କୃପା ଯୋଗୁଁ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ।

ମଧ୍ୟପ୍ରଦେଶର କଟନି ଜିଲ୍ଲାର ରିଠି ତହସିଲ୍ ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ମୁହାସ୍ ଗାଁରେ ଏହି ହନୁମାନ ମନ୍ଦିର ରହିଛି। ମନ୍ଦିରର ଚମତ୍କାରିତା ଦେଶବିଦେଶରେ ଚର୍ଚ୍ଚିତ। ଏପରିକି ରୋଗୀମାନେ ଷ୍ଟ୍ରେଚର୍‌ରେ ମନ୍ଦିରକୁ ଆସିଥା'ନ୍ତି ଏବଂ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରନ୍ତି। ତେଣୁ ଏହି ମନ୍ଦିର 'ହାଡ଼ଯୋଡ଼ା ହନୁମାନ' ବା ସ୍ଥାନର ନାମାନୁସାରେ 'ରିଠି ହନୁମାନ' ମନ୍ଦିର ଭାବେ ପ୍ରସିଦ୍ଧି ଲାଭ କରିଛି। ରୋଗୀମାନେ ଭକ୍ତି ଓ ବିଶ୍ୱାସର ସହିତ ହନୁମାନଙ୍କୁ ଶ୍ରଦ୍ଧାପୂର୍ବକ ପ୍ରାର୍ଥନା କରିବା ସହିତ ଅବିରତ ରାମନାମ ସ୍ମରଣ ବା ଉଚ୍ଚାରଣ କରିବା ପାଇଁ ମନ୍ଦିରର ପୂଜାରୀ ରୋଗୀକୁ କହିଥା'ନ୍ତି। ଏଭଳି ନାମ ସ୍ମରଣ କରୁଥିବା ସମୟରେ ପୂଜାରୀ ନିଜ ହାତରେ ପ୍ରସ୍ତୁତ କରିଥିବା ଜଡ଼ିବୁଟି ଶରୀରରେ ଲେପ ଦେଇଥା'ନ୍ତି ଏବଂ କିଛି ଜଡ଼ିବୁଟି ସେବନ କରିବାକୁ ଦେଇଥା'ନ୍ତି। ହନୁମାନଙ୍କ କୃପାପୂର୍ବକ ଅବିଳମ୍ବେ ରୋଗୀର ଯନ୍ତ୍ରଣା ଦୂର ହୁଏ ଏବଂ ଭଙ୍ଗା ହାଡ଼ ଯୋଡ଼ି ହୋଇଯାଏ। ଅନ୍ୟ କେତେଜଣ ଗମ୍ଭୀର ରୋଗୀଙ୍କୁ ଦୁଇରୁ ତିନିଥର ମନ୍ଦିରକୁ ଆସି ଚିକିତ୍ସିତ ହେବା ପାଇଁ ମନ୍ଦିରର ପୂଜାରୀ ଉପଦେଶ ଦେଇଥା'ନ୍ତି। ଏହାସହିତ କିଛିଦିନ ସେମାନଙ୍କୁ ଘରେ ରହି ବିଶେଷ ଦିନଚର୍ଯ୍ୟା ଓ ଖାଦ୍ୟପେୟର ନିୟମ ପାଳନ କରିବା ସହିତ ରାମନାମ ଜପ କରିବାକୁ ପରାମର୍ଶ ଦିଆଯାଏ। ଯେଉଁ ରୋଗୀମାନେ ବସି ପାରନ୍ତି ନାହିଁ, ସେମାନେ ଶୋଇରହି ରାମନାମ ଜପ କରିବାକୁ ପରାମର୍ଶ ଦିଆଯାଏ। ପ୍ରତିଦିନ ଅନେକ ରୋଗୀ ଏଠାକୁ ଆସୁଥିଲେ ହେଁ ମଙ୍ଗଳବାର ଓ ଶନିବାର ଦିନ ଏଠାରେ ବିଶେଷ କୃପା ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି।

**ବିଶ୍ୱାସ ଓ ବିଜ୍ଞାନ**

ମନ୍ଦିରର ମହିମା ହେଉଛି ଯେ, ମନ୍ଦିର ଭିତରେ ରହି ରାମନାମ ସ୍ମରଣ କରୁଥିବା ସମୟରେ ଏହି ଜଡ଼ିବୁଟି ପ୍ରଭାବଶାଳୀ ହୋଇଥାଏ। ଯଦି ରୋଗୀ ବା ରୋଗୀର ସମ୍ପର୍କୀୟ ଏହାକୁ ନିଜ ଘରେ ଉପଯୋଗ କରନ୍ତି, ତା'ହେଲେ ଫଳପ୍ରଦ ହୋଇନଥାଏ।

ରାମଭକ୍ତ ହନୁମାନଙ୍କର ନାମ ହାଡ଼ଯୋଡ଼ା ହନୁମାନ କିଭଳି ହେଲା ଏ ସମ୍ପର୍କରେ ଗୋଟିଏ ଲୋକକଥା ଅଛି। ବର୍ତ୍ତମାନ ସେଠାରେ ଯେଉଁ ପୂଜାରୀ ଅଛନ୍ତି, ତାଙ୍କର ବାପାଙ୍କୁ ଜଣେ ସନ୍ନ୍ୟାସୀ ଜଡ଼ିବୁଟି ଦେଇ ଗାଁ ଲୋକଙ୍କର ସେବା କରିବା ପାଇଁ କହିଥିଲେ। ସନ୍ନ୍ୟାସୀଙ୍କଠାରୁ ହାଡ଼ ଯୋଡ଼ିବାର ଚିକିତ୍ସା ବିଦ୍ୟା ମଧ୍ୟ ସେ ଲାଭ କରିଥିଲେ। ଏହି ବିଦ୍ୟା ଓ ଜଡ଼ିବୁଟି ସାହାଯ୍ୟରେ ସେ ପ୍ରଥମେ ତାଙ୍କ ଘରେ ଥିବା ଗୋଟିଏ ଗାଈର ଭଙ୍ଗା ହାଡ଼ ଯୋଡ଼ିବାରେ ସଫଳ ହେଲେ। ଏହାପରେ ସେ ଗାଁରେ ଥିବା ହନୁମାନଙ୍କ ମନ୍ଦିର ପିଣ୍ଡି ଉପରେ ବସି ଲୋକଙ୍କ ସ୍ୱାସ୍ଥ୍ୟ ସେବା କଲେ। ସେହି ହନୁମାନ ମନ୍ଦିର ସମୟକ୍ରମେ ଭବ୍ୟ ମନ୍ଦିରରେ ପରିଣତ ହୋଇଛି।

ତ୍ରେତୟାଯୁଗରେ ସଙ୍କଟମୋଚନ ହନୁମାନ ଲକ୍ଷ୍ମଣଙ୍କୁ ଇନ୍ଦ୍ରଜିତର ଶକ୍ତିଭେଦ ଜନିତ ପ୍ରଭାବରୁ ମୁକ୍ତ କରିବା ପାଇଁ ସଞ୍ଜୀବନୀ ଥିବା ଗନ୍ଧମାର୍ଦ୍ଦନ ପର୍ବତକୁ ଭୂମିରୁ ଉଠାଇ ନେଇ ଆସିଥିଲେ, ସେପରି ଏ ଯୁଗରେ ରିଠି ହନୁମାନ ଭକ୍ତଙ୍କୁ କୃପାଦୃଷ୍ଟିରେ ଆରୋଗ୍ୟ ପ୍ରଦାନ କରୁଛନ୍ତି ବୋଲି ସୁସ୍ଥ ହୋଇ ଫେରିଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରାୟଗଡ଼ା ରେଳବାଇ ୟାର୍ଡରେ ଅଘଟଣ

# ଟ୍ରେନ୍ ଧକ୍କାରେ ଠିକା ଶ୍ରମିକ ମୃତ, ଦୁଇ ଆହତ

ରାୟଗଡ଼ା,୧୭।୭(ସମିସ): ରାୟଗଡ଼ା ରେଳବାଇ ୟାର୍ଡରେ ଗୁରୁବାର ଦିନ ଏକ ଅଘଟଣ ଘଟିଛି। ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଶ୍ରମିକ ଏବଂ ଅନ୍ୟ ଜଣେ ଟ୍ରଲିମ୍ୟାନ୍ ଆହତ ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଠିକା ଶ୍ରମିକଜଣଙ୍କ ହେଲେ, ସୁନ୍ଦରଗଡ



ଜିଲ୍ଲା ଧରୁଡିହି ଥାନା ଅନ୍ତର୍ଗତ ଅଁଳାଜୋର ଗ୍ରାମର ଦେବର୍ଷି କିଶାନ(୨୦)। ଅନ୍ୟ ଦୁଇ ଆହତ ହେଲେ, ଟ୍ରଲି ମ୍ୟାନ୍ ସୁଶାନ୍ତ ଦାସ ଓ ଠିକା ଶ୍ରମିକ ବାବୁଲା ସାହୁ। ଅପରପକ୍ଷେ, ଟ୍ରେନ୍ ଧକ୍କାରେ ପୁସ ଟ୍ରଲିଟି ଭାଙ୍ଗିରୁଜି ଯାଇଛି। ରେଳବାଇ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଆଜି ସକାଳେ ରାୟଗଡ଼ା ୟାର୍ଡର ୪ ଓ ୫ ନମ୍ବର ଲାଇନ ମଧ୍ୟରେ ଏକ ପୁସ୍ ଟ୍ରଲି ରହିଥିବା ବେଳେ ଏହା କୌଣସି ଟ୍ରାକ୍‌ରେ ନଥିଲା। ଏହି ସମୟରେ ରାୟଗଡ଼ାରୁ ବିଶାଖାପାଟଣମ ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ୍‌ର ୱାଗନ୍ ସହ ଟ୍ରଲିର ଛତା ଫସି ଯାଇଥିଲା। ଫଳରେ ଟ୍ରଲିରେ ଥିବା ଠିକା ଶ୍ରମିକ ଦେବର୍ଷି ଟ୍ରେନ୍ ଚକା ତଳକୁ ଛିଟିକି ପଡ଼ିଥିଲେ ଏବଂ ଟ୍ରେନ୍‌ଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯିବା ସହ ସେ ପ୍ରାଣ ହରାଇଥିଲେ। ସେହିପରି, ଏହି ଅଘଟଣରେ ଟ୍ରଲିରେ ଥିବା ଟ୍ରଲିମ୍ୟାନ୍ ସୁଶାନ୍ତ ଏବଂ ଠିକା ଶ୍ରମିକ ବାବୁଲା ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

**ଚଳନ୍ତା ଟ୍ରେନ୍‌ର ୱାଗନରେ ଫସିଗଲା ପୁସ୍ ଟ୍ରଲି ଛତା**

ବରିଷ୍ଠ ରେଳ ଅଧିକାରୀ ଓ ଆରପିଏଫ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଠିକାଦାରଙ୍କ ଦ୍ୱାରା ମୃତାହତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଇଥିବା କୁହାଯାଇଛି।

**ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳି**

# ଦୁଇ ଝିଅଙ୍କ ସହ ବିଷ ପିଇଦେଲା ମା'

ରାଉରକେଲା/ବଣାଇଁ, ୧୭।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନାର ବନ୍ଧବେର୍ଣ୍ଣା ଗ୍ରାମରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବା ପରେ ଅତିଷ୍ଠ ହୋଇ ମାଆ ତା'ର ଦୁଇ ଝିଅଙ୍କୁ ବିଷ ପିଆଇ ନିଜେ ପିଇଦେଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଲହୁଣୀପଡ଼ା ଥାନା ଅଧୀନ ବନ୍ଧବେର୍ଣ୍ଣା ଗ୍ରାମରେ ଘରୋଇ କଳିକୁ ନେଇ ମଦ୍ୟପ ସ୍ୱାମୀ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପ୍ରତିଦିନ ଝଗଡ଼ା ହେଉଥିଲା। ଆଜି ମଧ୍ୟ ମଦ୍ୟପ ସ୍ୱାମୀ ଘରକୁ ଫେରି ପତ୍ନୀ ତାରିଣୀକୁ ନିସ୍ଥୁକ ମାଡ଼ ମାରିଥିଲା। ଏଥିରେ ଅତିଷ୍ଠ ହୋଇ ତାରିଣୀ ଘରେ ଥିବା କୀଟନାଶକ ଆଣି ଥଣ୍ଡା ପାନୀୟରେ ମିଶାଇ ଦୁଇ ଝିଅ ସୋନାଲି (୧୪) ଓ ଜ୍ୟୋସ୍ନାମୟୀ(୧୨)ଙ୍କୁ ପିଆଇ ଦେଇଥିଲେ। ଏବଂ ତାରିଣୀ ନିଜେ ମଧ୍ୟ ବିଷ ମିଶ୍ରିତ କୋଲ୍ଡ୍ରିଙ୍କସ୍ ପିଇ ଦେଇଥିଲା। ପରିବାରଲୋକେ ଜାଣି ସେମାନଙ୍କୁ ବଣାଇଁ ଡାକ୍ତରଖାନା ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସେମାନଙ୍କୁ ରାଉରକେଲା ସ୍ଥାନାନ୍ତରିତ କରିଥିଲେ। ପୁଲିସ ପହଞ୍ଚି ତଦନ୍ତ କରିଛି।



# ୬୦୯.୪୧ ଫୁଟ୍‌ରେ ପହଞ୍ଚିଲା ହୀରାକୁଦ ଜଳସ୍ତର

ସମ୍ବଲପୁର,୧୭।୭(ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ପୁଣି ବୃଦ୍ଧି ପାଇ ଆଜି ୬୦୯.୪୧ ଫୁଟ୍‌ରେ ପହଞ୍ଚିଛି। ବର୍ତ୍ତମାନ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୬ ତାରିଖ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ଅତିକ୍ରମ କରିବା ପରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ସମୟରେ ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇଥିବା ବେଳେ ଜଳସ୍ତର ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାଟନା ହସ୍ପିଟାଲ୍‌ରେ...

ଅପରାଧୀଙ୍କୁ ପିସ୍ତଲ ସହ ଦେଖିବାକୁ ମିଳିଛି। ସେମାନଙ୍କର ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ। ପିସ୍ତଲ ବାହାର କରି ସେମାନେ ହସପିଟାଲ ୱାର୍ଡ ଭିତରେ ପଶି ଚନ୍ଦନ ମିଶ୍ରାକୁ ଗୁଳି କରି ହତ୍ୟା କରିଥିଲେ। ୩୦ ସେକେଣ୍ଡ ମଧ୍ୟରେ ହତ୍ୟାକାଣ୍ଡ ଘଟାଇ ହସପିଟାଲରୁ ବାହାରି ଯାଇଥିଲେ। ଏମାନେ ଚନ୍ଦନକୁ ଗୁଳି ମାରୁଥିବାର ଭିଡିଓ ମଧ୍ୟ ରେକର୍ଡ କରିଥିବା କୁହାଯାଉଛି। ଚନ୍ଦନ ବକ୍ସର ଜେଲ୍‌ରୁ ଭାଗଲପୁର ଓ ଭାଗଲପୁରରୁ ପାଟନାର ବେଉର ଜେଲରେ ସଜା କାଟୁଥିଲା।

ବିହାରର ବକ୍ସରରେ ରହୁଥିବା ଚନ୍ଦନ ଜଣେ ବଡ଼ ଗ୍ୟାଙ୍ଗଷ୍ଟର ଥିଲା। ତା ବିରୋଧରେ ୧୨ରୁ ଅଧିକ ହତ୍ୟା ମାମଲା ରୁଜୁ ହୋଇଛି ବୋଲି ପୁଲିସ କହିଛି। ସେ ଅପହରଣ କରିବା ସହ ଦାଦା ବଟି ଆଦାୟ କରିଥାଏ। ସେ ବିହାରର କେତୋଟି ସହରରେ ଖୋଲାଖୋଲି ଭାବେ ଘୋଷଣା କରି ହତ୍ୟା କରିଥାଏ। ବକ୍ସରର ଜଣେ ଜଣାଶୁଣା ବ୍ୟବସାୟୀଙ୍କୁ ହତ୍ୟା କରିଥିଲା। ଏହି ହତ୍ୟାକାଣ୍ଡରେ ଚନ୍ଦନର ସାଙ୍ଗ ଶେରୁ ସିଂ ବି ସାମିଲ ଥିଲା। ପରେ କୌଣସି କାରଣ ପାଇଁ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିଲେ। ଏହାପରେ ଶେରୁ ପୃଥକ ଭାବେ ନିଜର ଗ୍ୟାଙ୍ଗ୍ ଗଠନ କରିଥିଲା। ବର୍ତ୍ତମାନ ଶେରୁ ଗ୍ୟାଙ୍ଗ ଚନ୍ଦନକୁ ମାରିଛି ବୋଲି ପୁଲିସ ସନ୍ଦେହ କରୁଛି। ଚନ୍ଦନ ପାରୋଲ୍‌ରେ ୧୫ ଦିନ ପାଇଁ ଜେଲ ବାହରକୁ ଆସିଥିଲା। ଶୁକ୍ରବାର ତା'ର ପାରୋଲ ଶେଷ ହୋଇଥାନ୍ତା। କିନ୍ତୁ ଏହା ପୂର୍ବରୁ ସେ ହତ୍ୟାର ଶିକାର ହୋଇଛି। ଅସୁସ୍ଥ ହେବାରୁ ତାକୁ ପାଟନାର ପାରସ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।

## ବନ୍ଦ ସ୍ୱତଃସ୍ଫୂର୍ତ୍ତ...

ସଭାପତିଙ୍କ ସମେତ କଂଗ୍ରେସ ଓ ବାମ ଦଳର ବହୁ ନେତା ରାଜରାସ୍ତାକୁ ଓହ୍ଲାଇଥିଲେ। ବନ୍ଦ ପାଳନ ସହ କୌଣସି ସ୍ଥାନରେ ଯେପରି ହିଂସାତ୍ମକ ସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ରାଜନୈତିକ ଦଳମାନେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ଦଳର ନେତାମାନେ ଭାଗ ଭାଗ ହୋଇ ରାଜଧାନୀର ଛକ ଛକରେ ପିକେଟିଂ କରିଥିଲେ କଂଗ୍ରେସ କର୍ମୀ। କିଛି ସ୍ଥାନରେ ଗୋଲାପ ଓ ଚକଲେଟ୍ ଦେଇ ସାଧାରଣ ଲୋକଙ୍କୁ ସହଯୋଗ କରିବାକୁ ନେତାମାନେ ନିବେଦନ କରିଥିଲେ। ରେଳ ଷ୍ଟେସନରେ ପଶିବାକୁ ଉଦ୍ୟମ କରୁଥିବା ବେଳେ କଂଗ୍ରେସ କର୍ମୀଙ୍କ ସହ ସୁରକ୍ଷାକର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଭିତରେ ଯୁବ କଂଗ୍ରେସର କର୍ମୀମାନେ ଏକ ବାଇକ ରାଲିରେ ଆସି ଲୋକସେବା ଭବନ ଘେରାଉ ପାଇଁ ଉଦ୍ୟମ କରିଥିଲେ। ବ୍ୟାରିକେଡ୍ ଡେଇଁ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପିସିସି ସଭାପତିଙ୍କ ସମେତ ଅନ୍ୟ ନେତାମାନଙ୍କୁ ପୁଲିସ ଗାନ୍ଧୀମାର୍ଗରୁ ଉଠାଇ ନେଇଥିଲା। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସରକାରଙ୍କୁ କଂଗ୍ରେସ ଚେତାବନୀ ଦେଇଥିବା ବେଳେ ଛାତ୍ର କଂଗ୍ରେସ ଜାତୀୟ ସଭାପତି ବରୁଣ ଚୌଧୁରୀ ଓ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ମଧ୍ୟ ବନ୍ଦରେ ଅଂଶଗ୍ରହଣ କରିଥିଲେ। ୩୦ ଟି ଜିଲ୍ଲାରେ କଂଗ୍ରେସ ନେତୃବର୍ଗ ସରକାରଙ୍କ ବିରୋଧରେ ପ୍ରତିବାଦର ସ୍ୱର ଶାଣିତ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଏ ଲଢ଼େଇ କେବଳ କଂଗ୍ରେସର ନୁହେଁ ଓଡ଼ିଶାବାସୀଙ୍କର ଲଢ଼େଇ। ଆଜି ସବୁ ବିରୋଧୀ ଦଳ ଏକଜୁଟ ହୋଇ ଛାତ୍ରୀକୁ ନ୍ୟାୟ ଦେବା ପାଇଁ ଆଗେଇ ଆସିଛନ୍ତି। ଏ ସଂଗ୍ରାମର ଅବଧି ଯେତେ ଦୀର୍ଘ ହେଉ ପଛେ ଆମ ଝିଅ ପାଇଁ ଆମେ ଲଢ଼ିବା। ରାଜ୍ୟ ସରକାରଙ୍କ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ପିସିସି ସଭାପତି କହିଛନ୍ତି। ସେହିପରି ଓଡ଼ିଶା ବନ୍ଦ ଆନ୍ଦୋଳନରେ ସାମିଲ ହୋଇ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ କହିଛନ୍ତି, ଜଣେ ଛାତ୍ରୀ ନ୍ୟାୟ ନପାଇ ଆହୁତି ଦେଲା ଏବଂ ଶେଷରେ ଜୀବନ ଚାଲିଗଲା। ଏ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛି। କଂଗ୍ରେସ ଛାତ୍ରୀକୁ ନ୍ୟାୟ ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇଛି। ଆଗକୁ ଏ ଆନ୍ଦୋଳନକୁ ଅଧିକ ତୀବ୍ର କରିବ କଂଗ୍ରେସ। ଛାତ୍ରୀ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି।

ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ଆଗରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରତିବାଦ ଜଣାଇଛନ୍ତି। ମୁଖ୍ୟତଃ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ବନ୍ଦ ବେଳେ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବା ସହ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ଦିଆଯାଇଥିଲା ବୋଲି ମିଳିତ ବିରୋଧୀଦଳ ପକ୍ଷରୁ କୁହାଯାଇଛି।

## କେନ୍ଦ୍ର ପାଇଁ...

ସଂସଦରେ ଉଠାଇବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଆସନ୍ତା ମୌସୁମୀ ଅଧିବେଶନରେ ୮ ଟି ବିଲ୍ ଆଗତ କରିବାକୁ ସରକାର ଯୋଜନା କରିଥିବା ବେଳେ ବିଭିନ୍ନ ପ୍ରସଙ୍ଗ ନେଇ ସରକାର ଓ ବିରୋଧୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ଗ୍ରହଣ କରାଯାଇଥିବା 'ଅପରେସନ ସିନ୍ଦୂର' ଏବଂ ଅସ୍ତ୍ରବିରତିରେ ମଧ୍ୟସ୍ଥତା କରିଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ଏହି ଅଧିବେଶନରେ କଂଗ୍ରେସ ନିଶାଣ କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ସାରା ଦେଶରେ ଭୋଟର ତାଲିକା ସଂଶୋଧନରେ ବିହାର ଢାଞ୍ଚା ଅବଲମ୍ବନ ପାଇଁ ନିର୍ବାଚନ କମିସନଙ୍କ ଯୋଜନାକୁ ବିରୋଧୀମାନେ ବିରୋଧ କରୁଛନ୍ତି। ଭୋଟର ତାଲିକା ସଂଶୋଧନ ନାମରେ ଲକ୍ଷ ଲକ୍ଷ ଭୋଟରଙ୍କୁ ସେମାନଙ୍କର ମତାଧିକାରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୧୯ ତାରିଖରେ ଏ ସଂକ୍ରାନ୍ତରେ ରଣନୀତି ପ୍ରସ୍ତୁତ ନିମନ୍ତେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏହି ମେଣ୍ଟ ବୈଠକ ଡାକିଛନ୍ତି।

## କ୍ରାଇମବ୍ରାଞ୍ଚ ଟିମ୍‌ର...

ପେଟ୍ରୋଲ ପମ୍ପରୁ ପେଟ୍ରୋଲ କିଣିଥିବା ଅନୁମାନ କରି କ୍ରାଇମବ୍ରାଞ୍ଚ ସେ ଦିଗରେ ମଧ୍ୟ ତଦନ୍ତ କରିଛି। ସେହିପରି ପୀଡ଼ିତାଙ୍କୁ କିଏ ଦିଆସିଲି ଦେଇଥିଲେ, ତାହା ଜାଣିବାକୁ ଚେଷ୍ଟା କରିଛି। ଏଥିପାଇଁ କଲେଜ ପରିସର ଓ ବାହାରେ ଲାଗିଥିବା ସିସିଟିଭି ଏବଂ ନିକଟସ୍ଥ ପେଟ୍ରୋଲ ପମ୍ପର ସିସିଟିଭି ଉପରେ କ୍ରାଇମବ୍ରାଞ୍ଚ ଟିମ୍ ଅଧିକ ଗୁରୁତ୍ୱାରୋପ କରିଛି।

ଅନ୍ୟପଟେ, ଘଟଣା ଦିନ କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୀଡ଼ିତା ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଉଥିବା ବେଳେ ତାଙ୍କୁ କାହିଁକି କେହି ବାରଣ କରିନଥିଲେ, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏପରିକି, ଛାତ୍ରୀଜଣଙ୍କ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କଠାରୁ କିଛି ଦୂରରେ ଜଣେ ଛାତ୍ର ଠିଆ ହୋଇ ମୋବାଇଲରେ ଭିଡିଓ ରେକର୍ଡିଂ କରୁଥିଲେ, ଯାହାକି ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଛି। ଏହି ସିସିଟିଭି ଫୁଟେଜକୁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ପରିସରକୁ ନେଇଛି।

ଅପରପକ୍ଷେ, ଘଟଣା ଘଟିବାର କିଛି ଘଣ୍ଟା ପୂର୍ବରୁ ଗିରଫ ଅଧକ୍ଷ ଦିଲ୍ଲୀପ ଘୋଷଙ୍କ କାର୍ଯ୍ୟାଳୟରେ ଛାତ୍ରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ବାହାରକୁ ଆସି ଛାତ୍ରୀଜଣଙ୍କ ହଠାତ ଏଭଳି ଘଟଣା କାହିଁକି ଘଟାଇଲେ, ତା' ଉପରେ ମଧ୍ୟ ଟିମ୍ ଅଧିକ ଗୁରୁତ୍ୱ ଦେଇଛି। ସେହିପରି, ଛାତ୍ରୀଙ୍କ ଅଭିଯୋଗର ଶୁଣାଣି ପାଇଁ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସମସ୍ତ ସଦସ୍ୟଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରିଛି।

କ୍ରାଇମବ୍ରାଞ୍ଚ ଟିମ୍‌ର ଡିଏସ୍‌ପି ଶ୍ରୀମତୀ ନାୟକ କହିଛନ୍ତି ଯେ ଆମେ ତଦନ୍ତ ଆରମ୍ଭ କରିଛୁ। ସମସ୍ତ ତଥ୍ୟ ଯୋଗାଡ଼ ଚାଲିଛି। ସବୁ ଦିଗ ଉପରେ ଗୁରୁତ୍ୱାରୋପ କରାଯିବ। ଆଇସିସି କମିଟିର ସମସ୍ତ ସଦସ୍ୟ ସାଙ୍ଗକୁ ଛାତ୍ର ଏବଂ କଲେଜ କର୍ମଚାରୀଙ୍କୁ ପଚରାଉଚରା କରାଯିବ।

ଅପରପକ୍ଷେ ଏସ୍‌ସିବି ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଚିକିତ୍ସାଧୀନ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚରା କରିଛି। ପ୍ରାୟ ୩ ଘଣ୍ଟା ଧରି କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ଆଜି ବର୍ଣ୍ଣ ୟୁନିଟରେ ରହିଥିଲେ। ଅପରାହ୍ନ ୧ଟାରେ ବଡ଼ ମେଡ଼ିକାଲରେ ପହଞ୍ଚି ୪ଟାରେ ଫେରିଥିଲେ। ସମ୍ପୃକ୍ତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେବା ସମୟରେ ଜ୍ୟୋତିପ୍ରକାଶ ସେଠାରେ ଉପସ୍ଥିତ ଥିଲେ। ଏପରିକି, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ଶରୀରର ୧୫ ପ୍ରତିଶତ ପୋଡ଼ି ହୋଇଛି। ସୌମ୍ୟାଶ୍ରୀ ଦେହରେ ନିଆଁ ଲଗାଇବା ପୂର୍ବରୁ ଜ୍ୟୋତିପ୍ରକାଶ ସେଠାରେ ଛିଡ଼ା ହୋଇ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ସିସି କ୍ୟାମେରା ଫୁଟେଜରୁ ସ୍ପଷ୍ଟ ହୋଇଛି। ପ୍ରାଧ୍ୟାପକଙ୍କଠାରୁ ନିର୍ଯାତନା ପାଇବାରୁ ଆରମ୍ଭ କରି ବାରମ୍ବାର ନ୍ୟାୟ ଭିକ୍ଷା କରି ବିଫଳ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ସୌମ୍ୟାଶ୍ରୀଙ୍କ ବାବଦରେ ବିଭିନ୍ନ ତଥ୍ୟ ଯୋଗାଡ଼ କରିବାକୁ କ୍ରାଇମବ୍ରାଞ୍ଚ ଚେଷ୍ଟା କରିଥିବା କୁହାଯାଇଛି।

ପ୍ରକାଶଯୋଗ୍ୟ, ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବଞ୍ଚାଇବାକୁ ଯାଇ ପୋଡ଼ି ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଘଟଣା ଦିନ ସେ ସୌମ୍ୟାଶ୍ରୀଙ୍କୁ ରକ୍ଷା କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲେ। ଏଥିରେ ତାଙ୍କର ଦୁଇଟି ହାତ, ବାହୁ ଓ ମୁହଁ ପୋଡ଼ିଛି। ତାଙ୍କର ଶ୍ୱାସନଳୀ ମଧ୍ୟ ସାମାନ୍ୟ ପୋଡି ହୋଇଛି। ସ୍ପାଇରୋମିଟ୍ରି ଏକ୍ସରସାଇଜ୍ କରାଯାଉଥିବା ବେଳେ ହାତର ସ୍କିନ ଗ୍ରାଫଟିଂ ହେବ ବୋଲି ଏସ୍‌ସିବି ଡାକ୍ତର କହିଛନ୍ତି। ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଜ୍ୟୋତିପ୍ରକାଶଙ୍କ ଚିକିତ୍ସା କରୁଛି।

## ଆଜିଠୁ ଉଚ୍ଚସ୍ତରୀୟ...

କରିବ। କାହାର ଦାୟିତ୍ୱହୀନତା ପାଇଁ ଛାତ୍ରୀ ନିଜକୁ ଜାଳିଦେଲେ ତାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ।

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବାଲେଶ୍ୱର ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଉଚ୍ଚସ୍ତରୀୟ କମିଟି ଶୁକ୍ରବାର ଓ ଶନିବାର କଲେଜରେ ତନାଘନା କରିବ। ତଦନ୍ତ କମିଟିରେ ଅଧକ୍ଷା ଥିବା ସହକାରୀ ପ୍ରାଧ୍ୟାପକ ଡ. ଜୟଶ୍ରୀ ମିଶ୍ରଙ୍କ ସମେତ ମୋଟ ୯ ଜଣଙ୍କୁ ବିଭିନ୍ନ ପ୍ରଶ୍ନ କରିବ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ କୁହାଯାଇଛି। ଅପରପକ୍ଷରେ, ସଦସ୍ୟ ଥିବା ଅନ୍ୟ ଜଣେ ଛାତ୍ର ମଧ୍ୟ ଆଂଶିକ ପୋଡ଼ି ଯାଇଥିବାରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତଦନ୍ତ କମିଟି ଆଗରେ ସେ ହାଜର ହେବେନାହିଁ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଗତ ଜୁଲାଇ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ୩ଜଣିଆ ଉଚ୍ଚସ୍ତରୀୟ କମିଟି ପ୍ରାଥମିକ ତଦନ୍ତ କରି ଅନ୍ତରୀଣ ରିପୋର୍ଟ ଦାଖଲ କରିଛି।

## ଛାତ୍ରୀଙ୍କୁ ଯୌନ...

ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ତାଙ୍କୁ ନିଲମ୍ବିତ କରାଯାଇଛି। ଅଧ୍ୟାପକଙ୍କ ଏହି କଳା କାରନାମା ପଦାକୁ ଆସିବା ପରେ ବୁଦ୍ଧିଜୀବୀ, ସମାଜସେବୀ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ଇସ୍ତଫା ଦେବାକୁ ନାରାବାଜି କରିଥିଲେ।

## ନ୍ୟାୟ ଅପେକ୍ଷାରେ...

ପ୍ରକାଶ ଯେ, ଗତ ଫେବୃଆରୀ ୧୯ ତାରିଖ ଦିନ ପଟ୍ଟାମୁଣ୍ଡାଇ କଲେଜରେ ପରୀକ୍ଷା ଚାଲିଥିବା ସମୟରେ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକ ଦୁର୍ବ୍ୟବହାରର ଶିକାର ହେବା ପରେ ମାନସିକ ଭାରସାମ୍ୟ ହରାଇ ୨୪ ତାରିଖରେ ଆତ୍ମହତ୍ୟା କରିଥିଲେ। ଘଟଣାରେ ମୃତା ଛାତ୍ରୀଙ୍କ ମାଆ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେବାକୁ ଚାହିଁଥିଲେ। ହେଲେ ପୁଲିସ କଲେଜ ବିରୁଦ୍ଧରେ ଏତଲା ନଦେବାକୁ ତାଙ୍କ ଉପରେ ଚାପ ପକାଇଥିବା ମୃତା ଛାତ୍ରୀଙ୍କ ମାଆ ଅଭିଯୋଗ କରିଥିଲେ। ଘଟଣାରେ ଏବିଭିପି ରାଜ୍ୟ ସଂଗଠନ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଘେରଉ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷାମନ୍ତ୍ରୀ ଘଟଣାର ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାମଲାରେ ଅଧକ୍ଷଙ୍କୁ ପକ୍ଷଭୁକ୍ତ କରି ତାଙ୍କ ଗିରଫ ଦାବି କରିଥିଲା ଏବିଭିପି ରାଜ୍ୟ ସଂଗଠନ।

ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ପାଳନ ହୋଇନାହିଁ। ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ସାମ୍ବାଦିକ ସମ୍ମିଳନୀ କରାଯିବା ସହିତ ମୃତା ଛାତ୍ରୀଙ୍କ ପରିବାରକୁ ଭେଟିଥିଲା ସଂଗଠନ। ପୁନଶ୍ଚ ରାଜ୍ୟ ମାନବିକ ଅଧିକାର ପରିଷଦ ସଭାନେତ୍ରୀ ସସ୍ମିତା ଦାସ ଓ ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ପାଢୀ ମଧ୍ୟ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଘଟଣାକୁ ୫ ମାସ ବିତି ଯିବା ପରେ ମଧ୍ୟ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଯିବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।


**AFFIDAVIT**

By virtue of an affidavit no. 64, dtd. 08.04.2025 in the Court of Executive Magistrate, Bhubaneswar, I, Bhaskar Digal, RAY-137, Biseswar Basti, Bani Vihar, Bhubaneswar-751004 have changed my minor son's name from Papun Digal to Madhaba Digal. Henceforth, he shall be known as **Madhaba Digal** for all purposes.

Sd/- Bhaskar Digal

**AFFIDAVIT**

I, Madhumita Agrawal, W/o: Sushil Kumar Agarwal, Resident of Plot No.: 691, Digital Door No.: 074, Keuta Sahi (K11), Choudhury Bazar, PO: Chandnichowk, PS: Purighat, Dist.: Cuttack, Odisha, declared by this affidavit No.: 72AA 494850 dtd 16.07.2025 that now onwards I shall be known as **MADHUMITA AGARWAL** for all future purposes.

**AFFIDAVIT**

I **Kalwant Kaur**, ages about 68years, W/o – Santokh Singh, resident of At-LIG-116, Brit Colony, Near Debray College, PS-Nayapalli, Bhubaneswar-751012, declare by this Affidavit No-447 dated 15/07/2025 that now onwards I shall be known as **Kulwant Kaur** for all future purposes.

**AFFIDAVIT**

I, Sushil Kumar Agrawal, S/o: Motilal Agarwal Resident of Plot No.: 691, Digital Door No.: 074, Keuta Sahi (K11), Choudhury Bazar, PO: Chandnichowk, PS: Purighat, Dist.: Cuttack, Odisha, declared by this affidavit No.: 73AA 111901 dtd 16.07.2025 that now onwards I shall be known as **SUSHIL KUMAR AGARWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Darpan, Dhanamandala and Affidavit no.2325 dated 09.07.25. I Amrit Mahanta, S/o- Bhajamana Mahanta, Village/ Purnachandrapur, Po- Kalakala, PS- Byree, Dist.- Jajapur, Pin-754082 have changed my name from Ambrit Mahanta to **Amrit Mahanta.** Henceforth, I shall be known as **Amrit Mahanta** for all purposes.

**NOTICE**

By virtue of an affidavit sworn before the Executive Magistrate, Cuttack, dated 07.07.2025 I, Jyoshnamayee Barik, W/o- Pravakar Barik, resident of At-Mathasahi, Tulasipur, VTC, Cuttack Sadar, Cuttack, Pin-753008 have changed my name from Jyotshnamayee Barik to Jyoshnamayee Barik. Henceforth, I shall be known as **Jyoshnamayee Barik** for all purposes.

Jyoshnamayee Barik

**AFFIDAVIT**

I, Manasa Kumar Das, S/o- Late, Surendra Nath Das, resident of ward No.- 8, Panchughanta, Po/Ps. - Jaleswar, Dist. - Baleswar, Pin.-756032, Odisha declare by this affidavit No.- 650 Dtd. - 02/05/2025 that now onwards I Shall be known as **MANAS KUMAR DAS** for all future purposes.

**AFFIDAVIT**

I, Seemarani Nayak, aged about 61 years, W/o- Dharanidhar Nayak, resident of At-Mardarajapur, Po-Rasol, Dist- Dhenkanal Pin-759021, Odisha declared by this affidavit No. 590, dtd- 16/07/2025 that now onwards I shall be known as **SIMARANI NAYAK** for all future purposes.

B-307

GOVERNMENT OF ODISHA

OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI

E-Procurement Notice

Bid Identification No. S.E (R&B)- MLK-06/2025-26

No. 3953 Date. 14.07.2025

| | |
|---|---|
| 1. Name of the work: | Building Work |
| 2. Total No. of Works: | Civil & E.I Work 02 Nos. |
| 3. Estimated cost: | Rs.15.18 to 43.54 lakhs |
| 4. Period of completion: | 01 (one) months To 03 (Three) Month |
| 5. Date & time of availability of bid document in the portal: | From 11.00 hrs. Of 21.07.2025 To 16.00 hrs. of 01.08.2025 |
| 6. Last date / Time for receipt of bids in the Portal; | 16.00 hours of 01.08.2025 |
| 7. Date of opening of Tender; | 11.00 hours of 02.08.2025 |
| 8. Name and address of the Officer Inviting Bid: | Superintending Engineer Malkangiri(R&B) Division |

Further details can be seen from the e-procurement portal https://tendersorissa.gov.in

Superintending Engineer
Malkangiri (R&B) Division

OIPR-34063/11/0016/2526

**AFFIDAVIT**

I, Somyashree Biswal, aged about 46 years, W/o- Jitendra Biswal, resident of Jorabaga, Belpahar, Dist-Jharsuguda, Pin-768217, Odisha declared by this affidavit No. CF-1070, dtd- 02/05/2025 that now onwards I shall be known as **CHINMAYEE BISWAL** for all future purposes.

**VEER SURENDRA SAI UNIVERSITY OF TECHNOLOGY**

PO- ENGINEERING COLLEGE BURLA, DIST-SAMBALPUR,ODISHA-768018

www.vssut.ac.in

No.VSSUT/PGS&R/ 968/2025 Date: 17.07.2025

**ADMISSION NOTICE**

**M.Tech Programme (Aerospace Engineering)**

The Veer Surendra Sai University of Technology, Burla invites application for admission into the following Full Time Regular M.Tech. Programme in Aerospace Engineering w.e.f. 19.07.2025, offered by Centre for Space Sciences. The last date for applying online is **29.07.2025**. The interested candidates may apply online. Candidates have to pay a non-refundable application fee **of Rs.500/- (Rs.200/- in case of SC/ST candidates) for completing online application form.** The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Centre for Space Sciences | Aerospace Engineering | AICTE approved B.Tech., B.E., B.Sc. Engg., AMIE or equivalent in Aerospace / Aeronautical /Civil / Mechanical / Electrical / Electronics / Instrumentation /Chemical Engineering / any Allied discipline of Engineering or Technology. |

The envelope containing the application should be superscribed as "**Application for M.Tech Programme in Aerospace Engineering 2025**". ***Detailed link for online application and information regarding eligibility and selection process of the programme, is available in University website www.vssut.ac.in***, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
REGISTRAR

OIPR-14072/11/0029/2526 KK-142

**AFFIDAVIT**

I, Sasmita Devi, aged about 53 years, W/o- Basant Kumar Agrawal, resident of 12, Plot No-1534, Avalon valley, Kalyani Nagar, Raghunathpur Jalli, Po-KIIT, Bhubaneswar, Dist-Khurda, Pin- 751024, Odisha declared by this affidavit No. 496, dtd-05/08/2016 that now onwards I shall be known as **SASMITA DEVI AGRAWAL** for all future purposes

**VEER SURENDRA SAI UNIVERSITY OF TECHNOLOGY**

PO- ENGINEERING COLLEGE BURLA, DIST-SAMBALPUR,ODISHA-768018

www.vssut.ac.in

No.VSSUT/PGS&R/ 970/2025 Date: 17.07.2025

**ADMISSION N OTICE**

**Executive M.Tech Programme (Industrial Safety)**

The Veer Surendra Sai University of Technology, Burla invites application for admission into the following Full Time Regular Executive M.Tech Programme (Industrial Safety), 2nd shift in self-financing mode w.e.f. 19.07.2025, offered by Chemical and Bio-Sciences. The last date for applying online is 29.07.2025. The interested candidates may apply online. Candidates have to pay a non-refundable application fee of Rs.500/- (Rs.200/- in case of SC/ST candidates) for completing online application form. The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Chemical and Bio-Sciences | Industrial Safety (2nd shift in self-financing mode) | AICTE approved B.Tech., B.E., B.Sc. Engg., AMIE or equivalent programmes in Engineering or Technology with minimum of 2 years of experience in industry / teaching at the level of Assistant Engineer/ Lecturer/ Assistant Professor or above. The candidates are required to apply through proper channel or with NOC from the employer. |

The envelope containing the application should be superscribed as "Application for Executive M.Tech Programme in Industrial Safety 2025". Detailed link for online application and information regarding eligibility and selection process of the programme, is available in University website www.vssut.ac.in, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
REGISTRAR

OIPR-14072/11/0027/2526 KK-141

**AFFIDAVIT**

I, Ashis Ranjan Mohpatra, aged about 54 years, S/o- Gourang Charan Mohapatra, resident of At-Rekha Nivas, Subhadra Nagar, Ps- Bidanasi, Dist-Cuttack, Odisha, Pin-753014 declare by this affidavit No. 1401, dtd. 17/07/2025, that now onwards I shall be known as **ASHIS RANJAN MOHAPATRA** for all future purposes.

### ସମସ୍ୟା ଘେରରେ ବଡ଼ବଣ୍ଡେଲ କଲୋନୀପଡ଼ା

# ଲୋକଙ୍କ ପ୍ରଶ୍ନ କେବେ ଶୁଣିବ ସରକାର

ଥୁଆମୂଳ ରାମପୁର, ୧୭।୭(ସମିସ)

କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ସଦର ପଞ୍ଚାୟତ ବଡବଣ୍ଡେଲ ଗ୍ରାମର କଲୋନୀପଡ଼ା ଏବେ ବି ବହୁ ସମସ୍ୟା ଘେରରେ ରହିଛି। ବ୍ଲକ ସଦର ମହକୁମାରୁ ପ୍ରାୟ

**ରାସ୍ତା, ପୋଲକୁ ଅନେଇ ବସିଛନ୍ତି**

**୪୦ ଘରକୁ ଗୋଟିଏ ନଳକୂପ**

**ବସୁଧା ପ୍ରକଳ୍ପ ଅସମ୍ପୂର୍ଣ୍ଣ**

୭ କିମି ଦୂରରେ ଏହି ପଡ଼ା ରହିଛି। ଏଠାରେ ପ୍ରାୟ ୪୦ ଆଦିବାସୀ ପରିବାର ୩୦ ବର୍ଷରୁ ଅଧିକ ହେବ ରହି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ପଡ଼ାକୁ ଯିବା ପାଇଁ ଭଲ ରାସ୍ତା ନାହିଁ। ବର୍ଷା ଦିନ ଆସିଲେ ଏଠିକାର ବାସିନ୍ଦାଙ୍କ ପାଇଁ ଦୁର୍ଦ୍ଦଶା ବଢ଼ିଯାଏ।



ଥୁଆମୂଳ ରାମପୁରଠାରୁ ମେଲକୁନ୍ଦେଲ ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକର ବଡବଣ୍ଡେଲ ଗୁଡିପଡ଼ାଠାରୁ ମାତ୍ର ୪୦୦ ମିଟର ଦୂରରେ କଲୋନୀପଡ଼ା ଅବସ୍ଥିତ। ଗୁଡିପଡ଼ା ଏବଂ କଲୋନୀପଡ଼ା ମଝିରେ ଆଜିବସା ନାମକ ଏକ ନାଳ ପ୍ରବାହିତ ହେଉଛି। ବର୍ଷା ଦିନେ ଏହି ନାଳ ଯୋଗୁଁ ଗମନାଗମନରେ ବାଧକ ସାଜିଥାଏ। ଅନ୍ୟପକ୍ଷେ କଲୋନୀପଡ଼ାରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ରହିଛି; ଯେଉଁଠି ଉଭୟ ପଡ଼ାର ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଯାଇଥାନ୍ତି। ତେବେ ବର୍ଷା ଦିନେ ଏହି ନାଳ ପଡ଼ାବାସୀଙ୍କ ପାଇଁ ମଧ୍ୟ ବିପଦ ସାଜିଥାଏ। ରାସ୍ତା ଓ ପୋଲ ନିର୍ମାଣ ପାଇଁ ବ୍ଲକ ଓ ଜିଲ୍ଲା ପ୍ରଶାସନ ପାଖରେ ଲୋକେ ବାରମ୍ବାର ଜଣାଇଛନ୍ତି। ସମାଧାନ ହେଇପାରି ନ ଥିବା ଯୋଗୁଁ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ବିଶୁଦ୍ଧ ପାନୀୟଜଳ ଟୋପାଏ ଏହି ଆଦିବାସୀ ଇଲାକା ପାଇଁ ସ୍ୱପ୍ନ ହୋଇ ରହିଯାଇଛି। ଏଠାରେ ବସୁଧା ଯୋଜନାର ପ୍ରକଳ୍ପରେ ୫୦ ହଜାର ଲିଟର କ୍ଷମତା ସମ୍ପନ୍ନ ପାଣି ଟାଙ୍କି ଲାଗି ଟ୍ରାନ୍ସଫର୍ମର ବସିଛି। ପାଇପ୍ ବିଛା ଯାଇଛି; ହେଲେ ୨ ବର୍ଷ ହେବ ସମ୍ପୂର୍ଣ୍ଣ ହେବାର ପ୍ରାୟତଃ ଶେଷ ପର୍ଯ୍ୟାୟରେ ଯାଇ ଅଟକି ଯାଇଛି। କେବେ ଏହା ସମ୍ପୂର୍ଣ୍ଣ ହେବ ଏବଂ ଲୋକେ ଘରେ ଘରେ ପାଇପ୍ ପାଣି ପାଇବେ ତାହା ଚାତକ ପରି ଅନାଇ ରହିଛନ୍ତି। ଏନେଇ ବାରମ୍ବାର ସମ୍ପୃକ୍ତ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଉଥିଲେ ସୁଦ୍ଧା ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି କଲୋନୀପଡ଼ାବାସୀ ଅଭିଯୋଗ ଆଣିଛନ୍ତି।

# ମରାମତି ପାଇଁ ସମ୍ବଳ ନାହିଁ; ପାଲ ଭରସା

**ବୌଦ୍ଧ, ୧୭।୭(ସମିସ):** ବୌଦ୍ଧ ସଦର ବ୍ଲକର ବଢ଼ିଗାଁ ପଞ୍ଚାୟତ ଗିରାସିଙ୍ଗା ଗ୍ରାମର ଗୋଟିଏ ପରିବାରର ଦୁଃଖ କହିଲେ ସରିବନି। ଗିରାସିଙ୍ଗା ଗାଁ ମୁଣ୍ଡରେ ଧୀବର ସମ୍ପ୍ରଦାୟର ଜୈରୁ ମାଝୀ ଓ ପତ୍ନୀ ସୁରେଖା ମାଝୀ ବସବାସ କରୁଛନ୍ତି। ତେବେ ବିଶେଷ

**ପରିବାରର ଭାର ସମ୍ଭାଳିଛନ୍ତି ସୁରେଖା**

**ପକ୍ଷାଘାତ ସ୍ୱାମୀଙ୍କ ଚିକିତ୍ସା ପାଇଁ ଅର୍ଥ ଅଭାବ**



ଜମିବାଡ଼ି ନ ଥିବାରୁ ଏମାନେ ମୁଲ ଲାଗି ପରିବାର ଚଳୁଛନ୍ତି। ଏମାନଙ୍କ ସହ ଘରେ ବୃଦ୍ଧା ମା' ବୁଧୁବାରୀ ମାଝୀ ଓ ଅବିବାହିତ ବୟସ୍କ ଭଉଣୀ ଦଶ ମାଝୀ ରହୁଛନ୍ତି। ଜୈରୁଙ୍କ ୪ ଝିଅ ବିବାହିତ। ୨ ବର୍ଷ ହେଲା ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ। ସେବେଠୁ ଏହି ପରିବାର ଉପରେ ଦୁଃଖର କଳା ବାଦଲ ଛାଇ ଯାଇଛି। ଚାଳ ଘରଟି ଭାଙ୍ଗିରୁଜି ଗଲାଣି। ଘର ଚଳାଇବା ଲାଗି ଜୈରୁଙ୍କ ପତ୍ନୀ ସୁରେଖା ବହୁ କଷ୍ଟ କରୁଛନ୍ତି। ତେଣୁ ବାଧ ହୋଇ ନିଜ ଏକମାତ୍ର ପୁଅକୁ ଦାଦନ ଖଟିବାକୁ ତାମିଲନାଡୁ ପଠାଇଛନ୍ତି। ଗୋଟିଏପଟେ ଜୈରୁଙ୍କ ଚିକିତ୍ସା ଚିନ୍ତା ଏବଂ ଆରପଟେ ରାତି ପାହିଲେ ପେଟ ଚିନ୍ତା। ଏଣୁ ଚାଳ ଘରର ମରାମତି ଚିନ୍ତା କରିବାକୁ ବେଳ ମିଳୁନି। ତେବେ ମୁଣ୍ଡ ଉପରେ ଛାତ ଖଣ୍ଡିଏ ପାଇଁ ସୁରେଖା ଅନେକଙ୍କୁ ଗୁହାରି କରି ସାରିଲେଣି; ହେଲେ କୌଣସି ସୁଫଳ ମିଳିପାରୁନି। ବିଡ଼ିଓ ଯୁଧିଷ୍ଠିର ମେହେର ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବୌଦ୍ଧ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା ତୁରନ୍ତ ବଢ଼ିଗାଁ ଆରଆଇଙ୍କୁ ପଲିଥିନ ସହାୟତା ସହ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## କଣ୍ଟାବାଞ୍ଜିରେ ଟ୍ରେନ୍ ଯାନ୍ତ୍ରିକ ତ୍ରୁଟିରୁ ରେଳଯାତ୍ରୀ ହନ୍ତସନ୍ତ




**କଣ୍ଟାବାଞ୍ଜି, ୧୭।୭(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳବାଇ ଷ୍ଟେସନରେ ବୁଧବାର ରାୟପୁର - ବିଶାଖପାଟଣା ପାସେଞ୍ଜର ଟ୍ରେନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଘଣ୍ଟା ଘଣ୍ଟା ଧରି ଅଟି ରହିଥିଲା। ପ୍ରତ୍ୟେକ ଦିନ ଏହି ଟ୍ରେନ କଣ୍ଟାବାଞ୍ଜି ଷ୍ଟେସନକୁ ସକାଳ ୯ ସମୟରେ ଆସିଥାଏ କିନ୍ତୁ ବୁଧବାର ଟ୍ରେନ ପ୍ରାୟ ୧୧ ଟା ସମୟରେ ଆସିଥିଲା। ହେଲେ ଷ୍ଟେସନକୁ ଆସି ବା ପରେ ଏକ ବୋଗିର ତିନିଟି ଚକ ଖରାପ ହୋଇ ଯାଉଥିଲା ଯାହାଫଳ ରେ ଟ୍ରେନ ଆଗକୁ ଗଡ଼ି ପାରିନଥିଲା। ପରେ ରେଳ ବିଭାଗ କର୍ମଚାରୀ ଆସି ମରାମତି କରିଥିଲେ। ବୁଧବାର ଓଡ଼ିଶାରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଉଥିବା ବେଳେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା ଯାହାଫଳରେ ଲୋକେ ଟ୍ରେନ ଯାତ୍ର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ରାୟପୁର-ବିଶାଖପାଟଣା ପାସେଞ୍ଜର ଟ୍ରେନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ରେଳ ଯାତ୍ରୀ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଘଣ୍ଟା ଘଣ୍ଟା ଧରି ଅଟକି ରହିବା ପରେ ଟ୍ରେନ ଟି ପ୍ରାୟ ୨ ଟା ସମୟରେ ଯାଇଥିବା ଜଣାପଡ଼ିଛି।

## ସ୍ୱାସ୍ଥ୍ୟ ଶିବିର ପାଇଁ ବରିଷ୍ଠ ନାଗରିକ ମଞ୍ଚର ଆଲୋଚନା

**ବଲାଙ୍ଗିର, ୧୭।୭(ସମିସ):** ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସ୍ୱାସ୍ଥ୍ୟ ଶାଖାର ସଂଯୋଜକ ଅଶୋକ କୁମାର ମିଶ୍ରଙ୍କ ଆବାହକତ୍ୱରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ଲାଗି ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର ଅଧକ୍ଷା ଡା. ମାନସୀ ପଣ୍ଡାଙ୍କ ସହିତ ଆଲୋଚନା ସହ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସଚେତନତା ଓ ରୋଗୀଙ୍କ ନାମ ପଞ୍ଜୀକରଣ ତଥା ପ୍ରସୂତି ବିଭାଗ, ଶିଶୁ ବିଭାଗକୁ ଶିଘ୍ର ସ୍ଥାନାନ୍ତରଣ ସହ ୬୫୦ ଶଯ୍ୟାର କାର୍ଯ୍ୟକ୍ଷମ ନିମନ୍ତେ ଅଧକ୍ଷାଙ୍କୁ ଅନୁରୋଧ କରାଗଲା। ଆଲୋଚନାରେ ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀ, ସଭାପତି ପ୍ରଭାକର ମିଶ୍ର, ସମ୍ପାଦକ କପିଳେଶ୍ୱର ଖମାରୀ, ସଂଗଠନ ସମ୍ପାଦକ ବିନୟ କୁମାର ମିଶ୍ର, କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ମେହେର, ଡ. ପ୍ରମୋଦ କୁମାର ମିଶ୍ର, ଧନଞ୍ଜୟ ମିଶ୍ର, କୈଳାସ ଚନ୍ଦ୍ର ମହାପାତ୍ର, ବିଜୟ ଚନ୍ଦ୍ର କର, ଭିକ୍ଷାକାରି ପାତ୍ର, ପ୍ରଦ୍ୟୁମ୍ନ ଗଡ଼ତ୍ୟା, ବ୍ରଜ କିଶୋର ପଣ୍ଡା, ଗଣେଷ ଚନ୍ଦ୍ର ପାଢ଼ୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜମାଟଙ୍କା ଫେରସ୍ତ ଦାବି କଲେ ସାହାରା ଜମାକାରୀ

**କଣ୍ଟାବାଞ୍ଜି, ୧୭।୭ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ସରପଞ୍ଚ ଅଜିତ ଯୋଶୀଙ୍କ ନେତୃତ୍ୱରେ ସାହାରା ଜମାକାରୀମାନେ ସାମ୍ବାଦିକ ସମ୍ମିଳନୀରେ ଜମାଟଙ୍କା ଶୀଘ୍ର ପ୍ରଦାନ ଦାବି କରିବା ସହ ଆନ୍ଦୋଳନର ଚେତାବନୀ ଦେଇଥିଲେ। ବଙ୍ଗୋମୁଣ୍ଡା ଗାଁ ଶହ ଶହ ଜମାକାରୀଙ୍କ ଜମା ଟଙ୍କା ବର୍ଷ ବର୍ଷ ପରେ ମଧ୍ୟ ମିଳିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିର୍ବାଚନ ସମୟରେ ଡବଲ ଇଞ୍ଜିନ ସରକାର ନେତାମାନେ ରାଜ୍ୟ ସରକାର ଆସିଲେ ପ୍ରଥମେ ସମସ୍ତ ସାହାରା ଜମାକାରୀଙ୍କୁ ତାଙ୍କ ଟଙ୍କା ଫେରସ୍ତ କରାଯିବ ପରେ ଅନ୍ୟ କାମ କରାଯିବ ବୋଲି କହୁଥିଲେ। କିନ୍ତୁ ଆସି ସେହି ପ୍ରତିଶ୍ରୁତି ପାଳନ କଲେ ନାହିଁ ତେଣୁ ଆଗାମୀ କିଛି ଦିନ ପରେ ବଙ୍ଗୋମୁଣ୍ଡା ତହସିଲଙ୍କ ଜରୀଆରେ ରାଜ୍ୟ ସରକାରକୁ ଦାବିପତ୍ର ଦିଆଯିବ ସେ ଉପରେ କୌଣସି ପ୍ରକାର ନଜର ଦେଲେ ବଙ୍ଗୋମୁଣ୍ଡା ବ୍ଲକ ସମସ୍ତ ସରକାରୀ କାର୍ଯ୍ୟାଳୟ ଅଚଳ କରିଦେବା ପାଇଁ ଚେତାବନୀ ଦେଇଥିଲେ। ନିଜର କଷ୍ଟ ଉପାର୍ଜିତ ଟଙ୍କାକୁ ସାହାରା ରେ ଜମା କରିଥିଲେ। ବର୍ଷ ବର୍ଷ ପରେ ମଧ୍ୟ ଟଙ୍କା ପାଇ ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି।




## କାର୍ ଧକ୍କାରେ ଶିକ୍ଷକ ଗୁରୁତର

**କୋକସରା, ୧୭।୭(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା କୁସୁମଖୁଣ୍ଟି-ମୋଟେର ରାସ୍ତାରେ ଗୁରୁବାର କାର-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ନର୍ଲା ବ୍ଲକ କେର୍ବାଣ୍ଡି ଗ୍ରାମର ଭାରତଭୂଷଣ ନାଏକ ଗୁରୁତର ହୋଇଛନ୍ତି। ସେ କୋରାପୁଟ ଜିଲ୍ଲା ଗୁପ୍ତେଶ୍ୱର ହାଇସ୍କୁଲରେ ଶିକ୍ଷକ ଅଛନ୍ତି। ବାଇକ୍ ଯୋଗେ ସେ ନିଜ ଗାଁ କେର୍ବାଣ୍ଡିକୁ ଫେରୁଥଲେ। ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା କୁସୁମଖୁଣ୍ଟି-ମୋଟେର ମଝିରେ ଥିବା ରାଇସ୍ ମିଲ୍ ନିକଟରେ ଦୁର୍ଘଟଣା ଘଟିଥିଲା। ମୋଟେର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର (ଓଡ଼ି-୦୮-କେ ୭୩୧୩) ତାଙ୍କ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଫଳରେ ଭାରତ ଭୂଷଣ ଛିଟକି ପଡ଼ିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା କାର ଛାଡ଼ି ଡ୍ରାଇଭର ଫେରାର ମାରିଥିଲା। ଗୁରୁତର ଅବସ୍ଥାରେ ପଡ଼ିଥିବା ଶିକ୍ଷକଙ୍କୁ ରାସ୍ତାଦେଇ ଯାତାୟାତ କରୁଥିବା କିଛି ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। କୋକସରା ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଭାଇକୁ ହତ୍ୟା ଅଭିଯୋଗରେ ୨ ଭାଇ କୋର୍ଟ ଚାଲାଣ

**ଧର୍ମଗଡ଼/ଗୋଲାମୁଣ୍ଡା, ୧୭।୭(ସମିସ):** କଳାହାଣ୍ଡି ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ମହାଲିଙ୍ଗରେ ଜମିବାଡ଼ି ବିବାଦକୁ ନେଇ ଭାଇକୁ ଭାଇ ହତ୍ୟା ଘଟଣାରେ ୨ ଜଣ ଭାଇଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁଇ ଅଭିଯୁକ୍ତ ହେଲେ ଚିତ୍ରସେନ କେତକୀ (୩୭) ଓ ମାୟା କେତକୀ (୪୫)। ଗତ ମଙ୍ଗଳବାର ଗ୍ରାମର ଗୋକୁଳ କେତକୀ (୪୫) ନିଜ ଚାଷ ଜମିରେ ଚାଷ କାର୍ଯ୍ୟ କରୁଥିଲେ। ଏତିକିବେଳେ ୩ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳ ଏତେ ଉଗ୍ରରୂପ ନେଇଥିଲା ଯେ ନିଜ ବଡ଼ ଭାଇ ଗୋକୁଳଙ୍କୁ ହତ୍ୟା କରିବା ପାଇଁ ଅନ୍ୟ ୨ ଭାଇ ପଛେଇ ନ ଥିଲେ। ନିଜ ଚାଷ ଜମିରେ ହିଁ ନିଜ ଭାଇକୁ ଏକ ଟାଙ୍ଗିଆ ସାହାଯ୍ୟରେ ସେମାନେ ହତ୍ୟା କରିଥିଲେ।

## ଖବର ପ୍ରକାଶ ପରେ ଟ୍ରାନ୍ସଫର୍ମର ବସିଲା

**ଶଗଡ଼ା, ୧୭।୭(ସମିସ):** ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ସରକାର ପ୍ରୟାସ ଜାରି ରଖଛନ୍ତି; ହେଲେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଗ୍ରାମବାସୀ ଦୀର୍ଘଦିନ ଧରି ଲୋକେ ଅନ୍ଧାରରେ ରହୁଛନ୍ତି। ପ୍ରାୟ ଜାଗରେ ଏଭଳି ଘଟୁଛି। ତେବେ ଖବର ପ୍ରକାଶ ପରେ ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ପଞ୍ଚାୟତ ଡିଗି ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି। ବର୍ଷେରୁ ଅଧିକ ସମୟ ହେବ ଏହା ପୋଡି ଯିବା ଫଳରେ ଗ୍ରାମବାସୀ ଅନ୍ଧାରରେ ରହିଥିଲେ। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଏଣୁ ଦୀର୍ଘ ବର୍ଷରୁ ଅଧିକ ହେବ ଗ୍ରାମର ୪୦ ଉପଭୋକ୍ତା ଅନ୍ଧାରରେ ଅତି ଦୟନୀୟ ଅବସ୍ଥାରେ ଥିଲେ। ବିଦ୍ୟୁତ୍ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଥିଲା। ରାତିରେ ଗରମ ସହ ମଶା କାମୁଡାରେ ଲୋକେ କଲବଲ ହେଉଥିଲେ। ଚୋରି, ଡକାୟତିର ମଧ୍ୟ ଆଶଙ୍କା ଦେଖାଦେଇଥିଲା। ଏବେ ବର୍ଷା ଦିନ ହେତୁ ବିଜୁଳି ନ ଥିବାରୁ ଲୋକଙ୍କ ସମସ୍ୟା ଦ୍ୱିଗୁଣ ହୋଇ ଯାଇଥିଲା। ରାତିରେ ପୁଣି ସାପ, ବିଛା ଭୟ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କୁ ଅନେକ ଥର ଜଣାଇ ଆସୁଥିଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସରକାର ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବିଦ୍ୟୁତ ବିଭାଗର ଚରମ ଅବହେଳା ଯୋଗୁଁ ବର୍ଷ ବ୍ୟାପି ଲୋକେ ବିଦ୍ୟୁତ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିଲେ। ଏ ନେଇ ଗତ ୨୭ ତାରିଖରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ପ୍ରମୁଖ ଏହି ଖବରକୁ 'ଏକ୍ସ' ହାଣ୍ଡେଲରେ ପ୍ରଶାସନ, ବିଭାଗ, ସରକାରଙ୍କୁ ଅବଗତ କରିଥିଲେ। ଏହାପରେ ବିଦ୍ୟୁତ୍ ବିଭାଗର ଚେତା ପଶିଛି। ଗାଁରେ ଏବେ ଟ୍ରାନ୍ସଫର୍ମର ଲଗା ଯାଇଛି। ବର୍ଷେ ପରେ ଲୋକେ ବିଦ୍ୟୁତ୍ ପାଇ ଖୁସିବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

**ବର୍ଷେ ହେଲା ଅନ୍ଧାରରେ ଥିଲେ ଡିଗି ଗ୍ରାମବାସୀ**

## ରାସ୍ତା ଶୋଚନୀୟ; ମରାଡୁଗୁଛାବାସୀଙ୍କ ଆନ୍ଦୋଳନ ଚେତାବନୀ

### ଜିଲ୍ଲାପାଳ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଦାବି

**ତରଭା, ୧୭।୭(ସମିସ):** ସୋନପୁର ତରଭା ବ୍ଲକ ମରାଡୁଗୁଛା ଗ୍ରାମ ପଞ୍ଚାୟତର ମରାଡୁଗୁଛା ଛକଠାରୁ ଗୁଞ୍ଜିମୁଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଥିବାବେଳେ ଏହାର ଅବସ୍ଥା ନିଜେ ସୁବର୍ଣ୍ଣପୁର ଜିଲ୍ଲାପାଳ ଆସି ଦେଖିବା



ସହ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରନ୍ତୁ, ନଚେତ ଜୁଲାଇ ୨୩ରୁ ଗୁଞ୍ଜିମୁଣ୍ଡା ଛକରେ ରାସ୍ତାରୋକ ଆନ୍ଦୋଳନ କରାଯିବ ବୋଲି ମରାଡୁଗୁଛା ପଞ୍ଚାୟତର ଜନସାଧାରଣ ଚେତାବନୀ ଦେଇଛନ୍ତି। ଏପରିକି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତରଭା ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି।

ତରଭା ବ୍ଲକ ସହ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକକୁ ସଂଯୋଗ କରୁଥିବା ତେଲବ୍ରିଜ୍‌କୁ ଯିବାପାଇଁ ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହିରାସ୍ତା ଦେଇ ଦିବରାତ୍ରି ଭାରିଯାନ ଚଳାଚଳ କରୁଛି। ପ୍ରାୟ ୧୦ କିମି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଥିବାରୁ ଗମନାଗମନରେ ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଖାତରେ ପଡ଼ି ଲୋକେ ଲହୁଲୁହାଣ ହେଉଥିବା ନଜିର ରହିଛି। ରାସ୍ତାର ମରାମତି ସକାଶେ ଅଞ୍ଚଳବାସୀ ବାରମ୍ବାର ସ୍ୱର ଉତ୍ତୋଳନ କରୁଥିଲେ ହେଁ ପ୍ରଶାସନ କୌଣସି ପ୍ରତିକାର କରୁନାହିଁ। ଗତ ମାର୍ଚ୍ଚ ୧୪ରେ ଅଞ୍ଚଳବାସୀ ଏହି ରାସ୍ତାର ମରାମତି ସକାଶେ ଦାବିପତ୍ର ପ୍ରଦାନ କରିଥିଲେ। ଏପରିକି ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ପ୍ରଶାସନ ଓ ପଞ୍ଚାୟତବାସୀଙ୍କ ମଧ୍ୟରେ ଏକ ଜରୁରୀ ବୈଠକ ତରଭା ବିଡିଓଙ୍କ କାର୍ଯ୍ୟାଳୟରେ ଆୟୋଜନ କରାଯାଇଥିଲା। ଖୁବ୍‌ଶୀଘ୍ର ରାସ୍ତାର ମରାମତି ହେବ ବୋଲି ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯିବାରୁ ଜନସାଧାରଣ ଆନ୍ଦୋଳନକୁ ପ୍ରତ୍ୟାହାର କରିନେଇଥିଲେ। ହେଲେ ପ୍ରଶାସନ ପ୍ରତିଶ୍ରୁତି ପାଳନ ନ କରିବାରୁ ଅଞ୍ଚଳବାସୀ ବ୍ରାହ୍ମଣୀରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରରେ ରବିନାରାୟଣ ସାହୁ, ଅଶୋକ ଦାଶ, ଈଶ୍ୱର ମହଲାଙ୍କ ଅଞ୍ଚଳର ଜନସାଧାରଣ, ଛାତ୍ରଛାତ୍ରୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଇଛି। ଏହି ଦାବିପତ୍ରରେ ଜିଲ୍ଲାପାଳ ନିଜେ ଆସି ରାସ୍ତାର ଅବସ୍ଥା ଦେଖିବା ଓ ପ୍ରଶାସନ, କ୍ରସର ଓ ଭାରିଯାନ ମାଲିକ ତଥା ଜନସାଧାରଣଙ୍କ ମଧ୍ୟରେ ରାସ୍ତାର ସ୍ଥାୟିତ୍ୱ ନେଇ ଆଲୋଚନା କରାଯିବାକୁ ଦାବି ଉଲ୍ଲେଖ ରହିଛି।

## ପୋଡ଼ିଗଲା ଟ୍ରାନ୍ସଫର୍ମର
## ସପ୍ତାହେ ହେଲା ଅନ୍ଧାରରେ ୨୪ ଉପଭୋକ୍ତା

**ଶଗଡ଼ା, ୧୭।୭(ସମିସ):** ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି; ହେଲେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଗ୍ରାମବାସୀ ଦୀର୍ଘ ଏକ ସପ୍ତାହ ଧରି ଅନ୍ଧାରରେ ରହୁଛନ୍ତି। ବୌଦ୍ଧ ଜିଲ୍ଲା ସଦର ବ୍ଲକ କଣ୍ଡୁରବନ୍ଧ ପଞ୍ଚାୟତ ସିଂହପାଲି ଗ୍ରାମରେ ଏହା ଦେଖିବାକୁ ମିଳିଛି। ଏହି ଗାଁରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏକ ସପ୍ତାହ ହେବ ପୋଡି ଯାଇଛି। ଏହାଫଳରେ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ବିଭାଗୀୟ କର୍ମଚାରୀଙ୍କୁ ଅଭିଯୋଗ କଲେ ମଧ୍ୟ ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୪ ଉପଭୋକ୍ତା ଅନ୍ଧାରରେ ଅତି ଦହନୀୟ ଅବସ୍ଥାରେ ରହିଛନ୍ତି। ଗରମରେ କଳବଳ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ବର୍ଷା ଦିନ ସହ ବିଜୁଳି ନ ଥିବାରୁ ଲୋକଙ୍କ ସମସ୍ୟା ଦ୍ୱିଗୁଣ ହୋଇ ଯାଇଛି। ସରକାର ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି; ହେଲେ ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଯୋଗୁଁ ଲୋକେ ବିଦ୍ୟୁତ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି।



## ମୌଳିକ ସୁବିଧାରୁ ବଞ୍ଚିତ ମାରାଗୁଡ଼ାବାସୀ

**ନୂଆପଡ଼ା, ୧୭।୭(ସମିସ):** ନୂଆପଡ଼ା ଜିଲ୍ଲା ପତୋରା ଡ୍ୟାମ୍ ମୁଣ୍ଡରେ ରହୁଥିବା ଅଧିକାସୀ ମାରାଗୁଡା ସଭ୍ୟତାର ଦାୟାଦ ଭାବେ ନିଜକୁ ଗର୍ବ କରୁଛନ୍ତି। ମାରାଗୁଡା ନାଁରେ ନାନା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି; ହେଲେ ଏହି ବସ୍ତି ବାସିନ୍ଦାଙ୍କ ଦୁଃଖ ବୁଝିବାକୁ କେହି ନାହାଁନ୍ତି। ରାସ୍ତାଘାଟ, ପାଣି, ବିଜୁଳି ଭଳି ଏଠିକାର ଲୋକ ମୌଳିକ



ସୁବିଧା ପାଇଁ ସଂଘର୍ଷ କରୁଛନ୍ତି। ଏମାନଙ୍କ ଦୁଃଖ ଦୁର୍ଦ୍ଦଶା କେବେ ଦୂର ହେବ ବୋଲି ପ୍ରଶ୍ନ କରିଛନ୍ତି। ଜିଲ୍ଲା ସଦର ମହକୁମାଠାରୁ ୨୦/୨୫ କିମି ଦୂର କେରମେଲି ପଞ୍ଚାୟତର ମାରାଗୁଡା ଗାଁ ଅଗନା ଅଗନି ବନସ୍ତ ଭିତରେ ରହିଛି। ଗାଁରେ ମାତ୍ର ୩୦ପରିବାର ଲୋକ ରହୁଛନ୍ତି। ୯୦ ଦଶକରେ ପତୋରା ଡ୍ୟାମ ନିର୍ମାଣ ସମୟରେ ସେଠିକାର ବିସ୍ଥାପିତ ପରିବାର ଲୋକ ଜଙ୍ଗଲ ଉପରେ ଅର୍ଥାତ ପତୋରା ଡ୍ୟାମ୍ ଉପର ଭାଗରେ ଘର କରି ରହିଥିଲେ। ସେମାନଙ୍କ କୌଣସି ଜଙ୍ଗଲ ଜମି ପଟା ନ ଥିବାବେଳେ ଝାଟିମାଟି ବୁଡିଆରେ ରହିଆସୁଥିଲେ। ଡ୍ୟାମ୍‌ରୁ ମାଛ ଧରି ଏମାନେ ପରିବାର ପ୍ରତିପୋଷଣ କରନ୍ତି। ଏଠିକାର ଲୋକଙ୍କ ପାଇଁ ସରକାରୀ ଯୋଜନାରେ ପକ୍କା ଘର ସ୍ୱପ୍ନ ପାଲଟିଛି। ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ନାହିଁ। ଏଠାରେ ବର୍ଷ ବର୍ଷ ଧରି ଡ୍ୟାମ୍‌ରେ ଚୁଆ କରି ପାଣି ପିଉଥିଲେ। ତତ୍କାଳୀନ ଜିଲ୍ଲାପାଳ ଭି.ଜୟ କୁମାର ଏବଂ ଡିଆରଡିଏ ପିଡି ପ୍ରଦୀପ ନାଏକଙ୍କ ହସ୍ତକ୍ଷେପରେ ଗାଁରେ ୨ଟି ନଳକୂଅ ଏବଂ ୧୧ଟି ପରିବାରକୁ ଇନ୍ଦିରା ଆବାସ ଘର ମିଳିଥିଲା; ହେଲେ ଆଜି ବି ୨୦ ପରିବାର ଲୋକଙ୍କ ପାଇଁ ଘରର ବ୍ୟବସ୍ଥା ନାହିଁ। ସେମାନେ ଭଙ୍ଗା ଦଦରା ଘରେ ରହୁଛନ୍ତି। ରାସ୍ତା ନ ଥିବାରୁ ଗାଁକୁ ପ୍ରବେଶ କରିବା ମୁସ୍କିଲ ହୋଇଥାଏ। ପାଠପଢ଼ା କହିଲେ ୭ /୮ କିମି ଦୂର ଜଙ୍ଗଲ ଏବଂ ନାଳ ରାସ୍ତାରେ ପେଠିଆପାଲି କି ଗୋଲାବନ୍ଧକୁ ଯିବାକୁ ପଡ଼ିଥାଏ। ଛୋଟ ପିଲାଙ୍କ ପାଇଁ ଆଜିଯାଏ ଅଙ୍ଗନବାଡି କେନ୍ଦ୍ରର ବ୍ୟବସ୍ଥା ନାହିଁ। ଏହାକୁ ନେଇ ଗାଁର ବର୍ଷିଆନ ଜଗଦୀଶ ଶବର କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଗାଁକୁ ବିଜୁଳି ସଂଯୋଗ ହୋଇଛି; ହେଲେ ବର୍ଷର ବହୁ ସମୟରେ ବିଜୁଳି କାଟ୍ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୬ ଦିନ ହେବ ଗାଁରେ ବିଜୁଳି କାଟ୍ ହୋଇଛି। ପ୍ରଶାସନ ଦୃଷ୍ଟି ଦେବା ସହ ଗାଁ ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରି ପ୍ରୋତ୍ସାହିତ କରିବାକୁ ସାମାଜିକ କର୍ମୀ ହେମୁ ନିଆଲ ଦାବି କରିଛନ୍ତି।

**ଉପାନ୍ତରେ ବିକାଶ ବାଟବଣା**

# ବିଲଠାରୁ ବଳି ଗଲାଣି ରାସ୍ତା

ଶଗଡ଼ା, ୧୭।୭(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ଶିଗାଡ଼ିରୁ ସେକାମାଲ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହ ଶହ ଶହ ଲୋକ ଯାତାୟାତ କରିଥାନ୍ତି; ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି। ଏହି ରାସ୍ତା ଦେଇ ଶିଗାଡି, କଳାସୁଲିଆ, କନାବୀର, ବାଞ୍ଜିମୁଣ୍ଡା, ମନୋହରପୁର, ପାଲଝିର, ଲକ୍ଷ୍ମୀପ୍ରସାଦ ଆଦି ୭ରୁ ଅଧିକ ଗ୍ରାମର ଲୋକେ ଦୈନିଦିନ ଯାତାୟାତ କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇ ଯାଉଛି। ଗାଡି ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡେ। ଅତି ଜରୁରୀ ନ ହେଲେ ଗ୍ରାମବାସୀ ଏହି ରାସ୍ତାରେ ଯିବାକୁ ଭୟ କରନ୍ତି। ପାଣି କାଦୁଅ ରାସ୍ତାରେ



ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡ଼ିଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ନଜିର ରହିଛି। ବର୍ଷା ଦିଖର ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ସହ ଅନେକ ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ପଞ୍ଚାୟତକୁ ଏହି ପାଣି କାଦୁଅ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି। ଚାଷ ହୋଇଥିବା ବିଲରୁ ରାସ୍ତାର ପାଣି କାଦୁଅ ବଳି ଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ରାଜ୍ୟ ସରକାର ଯାତାୟତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟି ଥିବା ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରି ନାହିଁ। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ଖୁବ ଶୀଘ୍ର ମରାମତି କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ କଡା ଚେତାବନୀ ଦେଇଛନ୍ତି।

**ବର୍ଷା ଦିନେ ୭ ଖଣ୍ଡ ଗାଁ ଲୋକଙ୍କ ପାଇଁ କାଳ**

### ଏଫ୍‌ଏମ୍ କଲେଜର ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ

# ଅଖଚକ ବନ୍ଦ; ଦୋକାନ ବଜାରରେ ତାଲା





**ବୌଦ୍ଧ, ୧୭ ।୭ (ସମିସ)**

ବାଲେଶ୍ୱର ଫକୀରମୋହନ କଲେଜର ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ଦେଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାରେ ବୌଦ୍ଧରେ ବନ୍ଦ ପାଳନ କରାଯାଇଛି। ବୌଦ୍ଧ ସହର ସମେତ ଜହ୍ନାପଙ୍କ, ବାଉଁଶୁଣୀ, ମନମୁଣ୍ଡା, ପୁରୁଣାକଟକ, ଚାରିଛକରେ ବନ୍ଦ ପାଳନ କରାଯାଇଥିଲା। ବୌଦ୍ଧ ସହରର ଏନଏସି ଛକରେ ଜିଲ୍ଲା କଂଗ୍ରେସ ସଭାପତି ନବ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତାମାନେ ରାସ୍ତା ଉପରେ ବସି ରହିଥିଲେ। ସେହିପରି କଂଗ୍ରେସ କର୍ମୀ ମାନେ ସହର ସଂଲଗ୍ନ ରଇଠାଣୀ ବାଇପାସ ଛକ ଓ ମହାନଦୀ ବ୍ରିଜ ଛକଠାରେ ବନ୍ଦ ପାଳନ କରିଛନ୍ତି। ଏହାଫଳରେ ବ୍ରିଜଛକଠାରେ ବହୁସଂଖ୍ୟାରେ ଟ୍ରକ୍ ସବୁ ଅଟକି ରହିଥିଲା। ବୌଦ୍ଧ ବସଷ୍ଟାଣ୍ଡରୁ କୌଣସି ବସ୍ ଯାତାୟାତ କରି ନ ଥିଲା। ସମସ୍ତ ଅଟୋ ଓ ଟାକ୍ସି ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ସେହିପରି ବିଭିନ୍ନ ଦୋକାନ ବଜାର, ସ୍କୁଲ, କଲେଜ, ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ ମହାନନ୍ଦ ଓ ଅନ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ୍ ପାଳନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ପରିଜା, ସୁଧୀର କର୍ଣ୍ଣ, ଶାନ୍ତନୁ ମହାପାତ୍ର, ପଙ୍କଜ କର୍ଣ୍ଣଙ୍କ ସମେତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଭାପତି ଅବଦୁଲ କଲିମ ଖାଁ, ପୂର୍ବତନ ଯୁବ ସଭାପତି ଅବଦୁଲ ଅଜିଜ ଖାଁ, ରାୟ ସଞ୍ଜୀବ ଦେଓ, ଦେବରାଜ ପଟ୍ଟନାୟକ, ସୁଦାମ ଝାଙ୍କର, ଅଲେଖ ବାଘ, ସାହିଦ ଖାଁ, ହଲିମ ଖାଁ, କୃଷକ ସଭାପତି ରଘୁନାଥ ପଳିଆ, ଛାତ୍ର କଂଗ୍ରେସ ସଭାପତି ହିତେଶ ଶାଣ୍ଡ, ଶିବ ବେହେରା ପ୍ରମୁଖ ଶତାଧିକ କର୍ମୀ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।

**ପଲଶାଗୋରା:** ପଲଶାଗୋରାର ସମସ୍ତ ଦୋକାନ ବଜାର ବନ୍ଦ ଥିଲା। କଂଗ୍ରେସ ନେତା ସୁଶାନ୍ତ ମଲିକ, ନିବାସ ବାରିକ, ଶୁକଦେବ ମଙ୍ଗରାଜ, ମକୁନ୍ଦ ନାଏକ, ସରୋଜ ସାହୁ, ବନମାଳୀ ଅମାତ, ନିତ୍ୟାନନ୍ଦ କର୍ମୀ, ସୁନାଧର ପୁଟେଲ, କେଶବ ଖେତୀ, ବ୍ରଜମହୋନ ବାରିକ, ପରାଧୀନ ଗୁରୁ, ବିଶ୍ୱାମିତ୍ର ପାଢ଼ୀ, ଅରବିନ୍ଦ କଅଁର, ଗୋପ ରଣା, ଅଭିମନ୍ୟୁ ଭୋଇ, ଦୁର୍ଯ୍ୟୋଧନ ରଣା, ହୃଦାନନ୍ଦ କଅଁର, ଅରୁଣ ବିଭାର, ଉସରେ ପଟ୍ଟନାୟକ, ସଚ୍ଚିଦା ତାଣ୍ଡି, ନରେନ୍ଦ୍ର ରଣା, ଗୁପ୍ତେଶ୍ୱର ଭୋଇ ପ୍ରମୁଖ ପିକେଟିଂ କରି ବନ୍ଦ କରାଇଥିଲେ।

**ମନମୁଣ୍ଡା:** ମନମୁଣ୍ଡାରେ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ନବୀନ ଭଏନାଙ୍କ ସହଯୋଗରେ ଅନେକ କଂଗ୍ରେସ କର୍ମୀ ମନମୁଣ୍ଡା ଗାନ୍ଧୀ ଛକରେ ବିଜେପି ବିରୋଧରେ ନାରାବାଜି କରିଥିଲେ। କଂଗ୍ରେସର ଡାକରା କ୍ରମେ ମନମୁଣ୍ଡାରେ ସମସ୍ତ ସ୍କୁଲ, କଲେଜ, ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କେତେକ ସ୍କୁଲ, ଦୋକାନ ଖୋଲିଥିବାରୁ କଂଗ୍ରେସ କର୍ମୀ ବନ୍ଦ କରିଥିଲେ। ବନ୍ଦ ଯୋଗୁଁ ମନମୁଣ୍ଡାର ଗାନ୍ଧୀ ଛକ, ବାଇପାସ୍ ଓ ବାସୁଦେବପାଲିରେ ଶତାଧିକ ଗାଡ଼ି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଟକି ରହିଥିଲା।

**ଶଗଡ଼ା:** ମନମୁଣ୍ଡା-ସିନ୍ଧୁଗୋରା ରାସ୍ତାର କଣ୍ଟାମାଳ, ମନମୁଣ୍ଡା ଆଦି ବଡ଼ ବଡ଼ ସହର ଓ ଗାଁରେ ବନ୍ଦ ପାଳନ କରାଯାଇଛି। କଂଗ୍ରେସ କର୍ମୀଙ୍କ ପିକେଟିଂ ଯୋଗୁଁ ଦୋକାନବଜାର, ଯାନବାହନ, ବସସେବା, ସ୍କୁଲ କଲେଜ, ବ୍ୟାଙ୍କ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କଂଗ୍ରେସର ବରିଷ୍ଠ ନେତା ପ୍ରଶାନ୍ତ ସାହୁ ଏବଂ ବ୍ଲକର ସଭାପତି ସୁଶାନ୍ତ ମଲିକ ନେତୃତ୍ୱ ନେଇଥିଲେ। ଘଣ୍ଟାପଡ଼ା ଜୋନରେ କଂଗ୍ରେସ କର୍ମୀ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଉଗ୍ରସେନ ପଟ୍ଟନାୟକ, ବ୍ଲକ ଉପସଭାପତି ଗୋପ ରଣା, ପଞ୍ଚାୟତ ସଭାପତି ହୃଦାନନ୍ଦ କହଁର ପିକେଟିଂ କରିଥିଲେ। ଖୁଣ୍ଟିଗୋରା, ଆମ୍ବଗାଁ, ଘଣ୍ଟାପଡ଼ା ମଲିକ୍‌ପଡ଼ ଆଦି ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଜରୁରୀକାଳୀନ ସେବାକୁ ଛାଡ଼ି ଘଣ୍ଟାପଡ଼ାରେ ଦୋକାନବଜାର, ଗାଡ଼ି, ବ୍ୟାଙ୍କ, କଲେଜ, ସ୍କୁଲ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା।

**ସୋନପୁର:** ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବନ୍ଦ ଡାକରାର ପ୍ରଭାବରେ ସହରର ସମସ୍ତ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ କଲେଜ ବନ୍ଦ ରହିଥିଲା। ସକାଳୁ ସକାଳୁ ପ୍ରଥମେ କଂଗ୍ରେସ କର୍ମୀମାନେ ରାଜରାସ୍ତା ଅବରୋଧ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ସହର ଦେଇ ଯାଉଥିବା ସମସ୍ତ ବସ, ଟ୍ରକ୍ ସହ ଦୋକାନ ବଜାର, ସ୍କୁଲ କଲେଜ ଓ ଜିଲ୍ଲା କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ସଂସ୍ଥା ଗୁଡ଼ିକୁ ବନ୍ଦ କରିଥିଲେ। ଏହି ବନ୍ଦ ପାଳନରେ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ବିନୋଦ ପାତ୍ରଙ୍କ ନେତୃତ୍ୱରେ ପର୍ଯ୍ୟବେକ୍ଷକ ରାକେଶ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସୁଧୀର ପଣ୍ଡା, ପିସିସି ସଦସ୍ୟ ଜିତେନ୍ଦ୍ର ପଟ୍ଟନାୟକ, ସୁମିତ ପୂଜାରୀ, ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ସୋନପୁର ବ୍ଲକ ସଭାପତି ଲକ୍ଷ୍ମଣ ସୁନା, ମହମ୍ମଦ ଇମ୍ରାମ, ରାଜେନ୍ଦ୍ର ମେହେର, ଚିତ୍ତ ରଞ୍ଜନ କୁମ୍ଭାର, ଜ୍ଞାନ ରଞ୍ଜନ ମିଶ୍ର, ଲକ୍ଷ୍ମଣ ଦାସ, ମାଧବ କୁମ୍ଭାର, ତରଣୀ ବାରିକ, ବରୁଣ ସୁନା, ଆନନ୍ଦ ରଣା, ହରିଶଙ୍କର ପାଣ୍ଡେ, ବଳଦେବ ଦାସ, କଳାଚାନ୍ଦ ବଗର୍ତ୍ତୀ, ସଚ୍ଚିଦାନନ୍ଦ ସାହୁ, ଭରତ ଜେନା, ପ୍ରମୋଦ ଗୁରୁ, ମୁନ୍ନୁ ଦାଶ, ନିମେଇଁ ପାଣିଗ୍ରାହୀ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇ ସହରର ବିଭିନ୍ନ ଛକରେ ପିକେଟିଂ କରିଥିଲେ। ବ୍ଲକ ଛକ, ମହାନଦୀ ବ୍ରିଜ୍, ଶତାଧିକ ଟ୍ରକ୍ ଅଟକି ରହିଥିଲା।

**ତରଭା:** ତରଭାରେ ମଧ୍ୟ ବନ୍ଦ ପାଳନର ପ୍ରଭାବ ପଡ଼ିଥିଲା। ଗୁରୁବାର ସକାଳ ୬ ଟାରେ ତରଭା ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗଙ୍କ ନେତୃତ୍ୱରେ ପ୍ରବୀଣ ସାହୁ, ପ୍ରକାଶ ହରିପାଲ, ବିରୋଧ ତାଣ୍ଡି, ଗଣେଶ ଗୁରୁ, ଚତୁର୍ଭୁଜ ସଉଣ୍ଡ, ରତ୍ନାକର ତାଣ୍ଡି, ଧାରୋଗ ସାହୁ, ରାଜେନ୍ଦ୍ର ଦୀପ, ସୁବ୍ରତ ସୁନା, କୈଳାସ ନାଗ, ବିପିନ ସଉଣ୍ଡ, ଅରୁଣ ସାହୁ, ପବିତ୍ର ପ୍ରଧାନ, ଦାନବନ୍ଧୁ ଦାଶ, ଅନାଦି ବାଘଙ୍କ ସମେତ ଅନେକ ବନ୍ଦ ସପକ୍ଷବାଦୀ ମୋଟର ସାଇକଲରେ ସହର ପରିକ୍ରମା କରି ଜେଏମ୍‌ଏଫ୍‌ସି କୋର୍ଟ ବ୍ୟତୀତ ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ୍ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଇଥିଲେ। କଂଗ୍ରେସ କର୍ମୀମାନେ ବିଭାଗର ବସଷ୍ଟାଣ୍ଡରେ ଖୋଲାଥିବା କିଛି ଦୋକାନକୁ ବନ୍ଦ କରାଇଥିଲେ। ବନ୍ଦ ପାଳନ ସମୟରେ ଯାନବାହନ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ଅସୁବିଧା ଭୋଗ କରିଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ବୀରମହାରାଜପୁରରେ ସମସ୍ତ ଗାଡ଼ିମୋଟର ସ୍କୁଲ, କଲେଜ, ସରକାରୀ ଅଫିସ, ଦୋକାନ ବଜାର ବନ୍ଦ ରହିଥିଲା। ବନ୍ଦ ଡାକରାରେ ବୀରମହାରାଜପୁର ଜୋନ୍ ୧୧ ଜିଲ୍ଲାପରିଷଦ ସଭ୍ୟ ଲବ ସାହୁ, ସୁବର୍ଣ୍ଣପୁରରେ କଂଗ୍ରେସ ଯୁବ ସଭାପତି ପ୍ରିୟବ୍ରତ ସାହୁ, ଦାନବନ୍ଧୁ ମେହେର, ରବିନ ବର୍ଷ୍ଣଲେନା, ସୁରେଶ ପଣ୍ଡା, ଗୋକୁଳାନନ୍ଦ ସାହୁ, ସାମନ୍ତ ପାତ୍ରଙ୍କ ସହ ଅନେକ କର୍ମୀ ସାମିଲ ଥିଲେ।

**ବିନିକା:** ବିନିକାରେ ବନ୍ଦ ପାଳନ ବେଳେ ଜରୁରିକାଳୀନ ସେବାକୁ ଛାଡ଼ି ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ବନ୍ଦ ରହିଥିଲା। ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତା ଓ ଯୁବ ନେତା ପ୍ରଦୀପ ସେଠୀଙ୍କ ତତ୍ତ୍ୱାବଧାନରେ ନରେନ୍ଦ୍ର ସାହୁ, ସନ୍ତୋଷ ପଣ୍ଡା, ସଙ୍ଗ୍ରାମ କେଶରୀ ନାୟକ, ସପନେଶ୍ୱର ପୃଷ୍ଟି, ନରେନ୍ଦ୍ର ପଣ୍ଡା, ରାଘବ ଦାସ, ପବନ ଅଗ୍ରୱାଲ, ଅଜିତ ଦାସ, ଶ୍ରୀନିବାସ ଖମାରୀ, ସୁମନ୍ତ ସାହୁ, ବିଜୟ ଭୋଇ, ଗୋବିନ୍ଦ ଝାଙ୍କର, ଉମାକାନ୍ତ ଦୀପ, ଅନିଲ ନାଏକ, ସୁବ୍ରତ ପାତ୍ର, ସୁରଥ ପ୍ରଧାନ, ଭାଗିରଥି ବଗର୍ତ୍ତି, ଟିକେଶ୍ୱର୍ ପ୍ରଧାନ, ଆନନ୍ଦ ଦାସ, ନାଗେଶ୍ୱର ବାଘ, ରାମଜୀ ମହାନନ୍ଦ, କୃଷ୍ଣ ପ୍ରଧାନ, ପଞ୍ଚା ପାତ୍ର, ଗଣେଶ ମେହେର, ଜୟନାରାୟଣ, ନରସିଂହ, ଟିକୁ, ରବି, ସୁବାସ, ବିପିନ ପ୍ରମୁଖ ସାମିଲ ହୋଇଥିଲେ।









## ସିଡିଏମ୍‌ଓଙ୍କ ମନମୁଣ୍ଡା ସିଏଚ୍‌ସି ପରିଦର୍ଶନ



**ମନମୁଣ୍ଡା, ୧୭ ।୭ (ସମିସ):** ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ ଗୁରୁ ଗୁରୁବାର ଅଚାନକ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପରିମଳ ବ୍ୟବସ୍ଥା ତଦାରଖ କରିବା ସହ ଓପିଡି, ଆଇପିଡି ପରିଦର୍ଶନ କରିଥିଲେ। ନିରାମୟ, ରକ୍ତ ପରୀକ୍ଷାଗାର, ଲେବର ରୁମ୍, ଔଷଧ ଷ୍ଟକ୍ ରୁମ୍ ଇତ୍ୟାଦି ମଧ୍ୟ ପରିଦର୍ଶନ କରିଥିଲେ। ରୋଗୀଙ୍କୁ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ସିଏଚସି ଅଧ୍ୟକ୍ଷ ଡାକ୍ତର ମହେନ୍ଦ୍ର ସଏଙ୍କ ସମେତ ଅନ୍ୟ ଡାକ୍ତର ଏବଂ କର୍ମଚାରୀ ତଥା ବିପିଏମ ରାକେଶ ମହାପାତ୍ରଙ୍କୁ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ରେଜିଷ୍ଟର ଓ କାଗଜପତ୍ର ମଗାଇ ତନ୍ନ ତନ୍ନ କରି ତନଖି କରିଥିଲେ।

## ମାଛ ଜାଆଁଳ ଉତ୍ପାଦନ ନିମନ୍ତେ କୃତ୍ରିମ ପ୍ରଜନନ

**ବୌଦ୍ଧ, ୧୬ ।୭ (ସମିସ):** ବୌଦ୍ଧ ଜିଲ୍ଲା ମତ୍ସ୍ୟ ଫାର୍ମଠାରେ ମାଛ ଜାଆଁଳ ଉତ୍ପାଦନ ନିମନ୍ତେ କୃତ୍ରିମ ପ୍ରଜନନ ପାଇଁ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ନୀଳ ଲୋହିତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଗାଁ ସାଥୀ ସଂଘ ପ୍ରତିନିଧିଙ୍କ ସହ ଜିଲ୍ଲା ପରିଷଦ ସିଡିଓଙ୍କ ଆଲୋଚନା

**ବୌଦ୍ଧ, ୧୬ ।୭ (ସମିସ):** ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବୌଦ୍ଧ ଜିଲ୍ଲା ଗାଁ ସାଥୀ ସଂଘର ପ୍ରତିନିଧିଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଆଲୋଚନା କରିଛନ୍ତି। ପୂର୍ବରୁ ସଂଘ ପକ୍ଷରୁ ଜିଲ୍ଲାରେ ଥିବା ବେଆଇନ ଗାଁ ସାଥୀମାନଙ୍କୁ ବହିଷ୍କାର ଓ ଅନ୍ୟ ଦାବି ନେଇ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଏହାଫଳରେ ସଂଘର ପ୍ରତିନିଧି ଓ କର୍ମକର୍ତ୍ତାଙ୍କୁ ଡକାଇ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦଣ୍ଡସନା ଆଲୋଚନା କରିଛନ୍ତି। ଦାବି ପୂରଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



## ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ

**ବୌଦ୍ଧ, ୧୬ ।୭ (ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଳିତ ମୋହନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଭ୍ୟ ସଞ୍ଜୟ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପ୍ରମୁଖ ପ୍ରଭାତ ଶତପଥୀ, ସଂଘ ସଭ୍ୟ ସତ୍ୟ ନାରାୟଣ ପ୍ରଧାନ, ଘାସିରାମ ଭୋକ୍ତା, ଉପସଭାପତି ଜଗନ୍ନାଥ ବେହେରା, ସମ୍ପାଦକ ଦେବ ନାରାୟଣ ପ୍ରଧାନ, ସହ ସମ୍ପାଦକ ନାରାୟଣ ମହାରଣା ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଁପାଲିରେ ବନ ମହୋତ୍ସବକୁ ମହୀଧରଙ୍କ ସମାଲୋଚନା

**ଶଗଡ଼ା/ମନମୁଣ୍ଡା, ୧୭ ।୭ (ସମିସ):** ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଶୋକ ପ୍ରକାଶ ପାଇଛି। ଅନେକ ସଂଗଠନ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି; ହେଲେ ଗତ ବୁଧବାର ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ନୂଆଁପାଲି ଆଦିବାସୀ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଚଗୀତ ହୋଇଥିଲା। ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ବିଡ଼ିଓ ସାମୀ ଜୟଶ୍ରୀ ରେ‡ୀ, ଜିଲ୍ଲା ବନାଞ୍ଚଳ ଅଧିକାରୀ ଦେବପ୍ରିୟ କମ୍ପଙ୍କ ସହ ଜିଲ୍ଲାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହାକୁ ନେଇ ପୂର୍ବତନ ବିଧାୟକ ମହିଧର ରଣା ଦୁଃଖ ପ୍ରକାଶ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହାର କଡ଼ା ସମାଲୋଚନା କରିଛନ୍ତି। ବୁଧବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କଣ୍ଟାମାଳ କଲେଜ ସମ୍ମୁଖରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥଲା। ଠିକ୍ ଏହି ସମୟରେ ନେତା, ଅଫିସରଗଣ ନାଚଗୀତରେ ମଜି ରହିବା ନିହାତି ଲଜାଜନକ ବୋଲି ଶ୍ରୀ ରଣା କହିଛନ୍ତି। ସୌମ୍ୟାଶ୍ରୀ ଏମାନଙ୍କ ଝିଅ କିମ୍ବା ଭଉଣୀ ହୋଇଥିଲେ ସେମାନେ କ'ଣ ଏପରି କରିଥାନ୍ତେ କି ବୋଲି ଶ୍ରୀ ରଣା ପ୍ରଶ୍ନ କରିଛନ୍ତି।

## ଆନ୍ତଃଜିଲ୍ଲା ସାହାଣି କପ୍ ଫୁଟ୍‌ବଲ୍‌ର ଦ୍ୱିତୀୟ ଦିନ

# ବରଗଡ଼ ଓ ଦେବଗଡ଼ ବିଜୟୀ



**ବୌଦ୍ଧ, ୧୭ ।୭ (ସମିସ)**

ଓଡ଼ିଶା ଫୁଟବଲ ଆସୋସିଏସନ ଓ ରାଜ୍ୟ କ୍ରୀଡା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ଦ୍ୱାରା ୬୪ତମ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଦ୍ୱିତୀୟ ଦିନରେ ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ ବରଗଡ଼ ଓ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଦଳ ୪-୦ ଗୋଲ୍‌ରେ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ୩ମିନିଟରେ ବରଗଡ଼ ଦଳର ଅଙ୍କିତ ବେହେରା ଗୋଟିଏ, ଖେଳର ୧୭ ମିନିଟରେ ଜନସନ୍ ବାନ୍ଦ୍ରା, ୪୪ ମିନିଟରେ ଆନନ୍ଦ ଓରାମ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳର ୭ମିନିଟରେ ଅଂଶ ଛତ୍ରିଆ ଗୋଟିଏ ଗୋଲ୍ ଦେଇଥିଲେ। ପ୍ରଥମ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ଲିଙ୍ଗରାଜ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଲାଇନରେ ଜିତେନ୍ଦ୍ରୀୟ ଥନାପତି ଓ ସଞ୍ଜନ କୁଦେଇ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ଦେବାଶିଷ ବାଗ ଦାୟିତ୍ୱ ତୁଲାଇଥିଲେ। ବରଗଡ଼ ଦଳର ଅଙ୍କିତ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଦେବଗଡ଼ ଓ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ଼ ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ ଦେଇ ନ ଥଲେ। ଦ୍ୱିତୀୟାର୍ଦ୍ଧରେ ୬୭ ମିନିଟରେ ଦେବଗଡ଼ର ପ୍ରୀତମ ନାୟକ ଗୋଟିଏ ଓ ୯୩ ମିନିଟରେ ବିଭୂତି କିଷାନ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି, ଜାତୀୟ ବନ କର୍ମଚାରୀ ସଂଘର ସମ୍ପାଦକ ଜଗବନ୍ଧୁ ପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ବରିଷ୍ଠ ଫୁଟବଲ ଖେଳାଳି ପ୍ରଦୀପ ପ୍ରଧାନ, ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ମଞ୍ଚାସୀନ ଥିଲେ। ଦ୍ୱିତୀୟ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ମନୋଜ ନାୟକ ପରିଚାଳନା କରିଥିଲେ। ଲାଇନରେ ସଲୀଳ ବେହେରା ଓ ଧନେଶ୍ୱର ସର୍ଦ୍ଦାର ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ଅମିତ ନାଏକ ଦାୟିତ୍ୱ ତୁଲାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଦେବଗଡ଼ର ପଙ୍କଜ ତନ୍ତୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ମ୍ୟାଚ ବଲାଙ୍ଗୀର ଓ ବୌଦ୍ଧ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ ନୂଆପଡ଼ା ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ।

## ବ୍ଲକ୍‌ସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର



**ସୁବଳୟା, ୧୭ ।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ବ୍ଲକସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନିଅର ରେଡ଼କ୍ରସ ଜିଲ୍ଲା ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ, ବୈକୁଣ୍ଠ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମୂର୍ଚ୍ଛା, ବଜ୍ରପାତ ସତର୍କତା, ଦୁର୍ଘଟଣାରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା, ଆରାମଦାୟକ ସ୍ଥିତି ଆଦି ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଉତ୍ଫୁଲ୍ଲାମାହେଶ୍ୱରୀ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ବୃନ୍ଦାବନ ଭୋଇଙ୍କ ସଭାପତିତ୍ୱରେ ଓ ଜୁନିଅର ରେଡ଼କ୍ରସ ପରାମର୍ଶଦାତା ଶିକ୍ଷକ ବଳରାମ ପୁରୋହିତଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ଉଚ୍ଚ ବିଦ୍ୟାଳୟରେ ନୋଡାଲ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱ ଓ ପରାମର୍ଶଦାତା ଶିକ୍ଷକ ବୈକୁଣ୍ଠ ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅମରପାଲି ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୟାମାସୁନ୍ଦର ସେଠୀଙ୍କ ସଭାପତିତ୍ୱ ଓ ପରାମର୍ଶଦାତା ଶିକ୍ଷକ ବ୍ରହ୍ମାନନ୍ଦ ପଧାନଙ୍କ ମାର୍ଗଦର୍ଶନରେ ସଭା ଅନୁଷ୍ଠିତ ହୋଇଥିଲା।

# ଓଡ଼ିଶା ବନ୍ଦ ଜନଜୀବନ ପ୍ରଭାବିତ, କାରବାର ବାଧାପ୍ରାପ୍ତ

ଭୁବନେଶ୍ୱର,୧୭।୭(ସମିସ): ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ରହିଥିଲା। ଏହି ବନ୍ଦର ପ୍ରଭାବରେ ସାରା ରାଜ୍ୟରେ ବ୍ୟବସାୟିକ କାରବାର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ବ୍ୟାଙ୍କଠାରୁ ଆରମ୍ଭ କରି ଶିଳ୍ପ ସଂସ୍ଥା, ବୀମା, ଡାକ ସେବା ସବୁ ଅଚଳ ହୋଇଯାଇଥିଲା। ଏଥିଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ଓଡ଼ିଶା ବନ୍ଦ ଯୋଗୁ ରାଜ୍ୟ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ବା ପାଇକାରୀ ମଣ୍ଡି କଟକ ମାଲଗୋଦାମ, ଛତ୍ରବଜାର, ଭୁବନେଶ୍ୱରର ଆଇଗିଣିଆ,ୟୁନିଟ୍-୧ ହାଟ,ସମ୍ବଲପୁର କ୍ଷେତରାଜପୁର ଏବଂ ବ୍ରହ୍ମପୁରର ପାଇକାରୀ ମଣ୍ଡିଗୁଡିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ରାଜ୍ୟର ପ୍ରମୁଖ ତନଖି ଫାଟଗୁଡିକରେ ବାହାର ରାଜ୍ୟରୁ ଏହି ମଣ୍ଡିଗୁଡିକୁ ଆସୁଥିବା ଟ୍ରକ୍‌ଗୁଡିକ ଲମ୍ବାଧାଡିରେ ଛିଡା ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହାବାଦ୍ ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରରେ ମଧ୍ୟ ପଣ୍ୟ କାରବାର ବିଶେଷ ଭାବ ପ୍ରଭାବିତ ହୋଇଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦର ଗେଟ୍ ନିକଟରେ କର୍ମଚାରୀଙ୍କୁ ଯିବାରୁ ବନ୍ଦ କରିଥିଲେ। ବନ୍ଦର ସବୁଠାରୁ ବଡ଼ ପ୍ରଭାବ ବ୍ୟାଙ୍କ କାରବାର ଉପରେ ପଡିଥିଲା। ଏଥିଯୋଗୁ ସମଗ୍ର ରାଜ୍ୟରେ ସରକାରୀଠାରୁ ଆରମ୍ଭ କରି ଘରୋଇ ବ୍ୟାଙ୍କ ସବୁ ବନ୍ଦ ରହିଥିଲା। ରାଜଧାନୀ ଭୁବନେଶ୍ୱରର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ), ଷ୍ଟେଟ୍ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଏବଂ ମୁଖ୍ୟ ଶାଖା ସମ୍ମୁଖରେ ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦ କରିଥିଲେ।

ବନ୍ଦ ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପେଟ୍ରୋଲ ପମ୍ପମାଲିକମାନେ ଆଗୁଆ ପେଟ୍ରୋଲ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଯାହାଫଳରେ ଆଜି ସାରା ରାଜ୍ୟରେ ପ୍ରାୟ ୩୧୦୦ ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଓଡ଼ିଶା ବନ୍ଦକୁ ନଜରରେ ରଖି ଡିଲରମାନେ ପମ୍ପ ବନ୍ଦ ରଖିଥିଲେ। ପରେ ଦିନ ୩ଟା ପରେ ଅପରାହ୍ନ ପରେ ଧୀରେ ଧୀରେ ଚାରିଆଡେ ପମ୍ପଗୁଡିକ ଖୋଲିଥିଲା। ଆଜି ହୋଇଥିଲା ଏହି ବନ୍ଦ ଯୋଗୁ ରାଜ୍ୟରେ ପ୍ରାୟ ୫୧ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଛି। ଏହାଛଡା ବନ୍ଦ ପ୍ରଭାବରେ ଡିପୋଗୁଡିକରେ ଟ୍ୟାଙ୍କରରେ ତେଲ ଲୋଡିଂ ମଧ୍ୟ ହୋଇ ପାରି ନ ଥିଲା। ବନ୍ଦ ଉପରେ ମତ ରଖି ଓଡ଼ିଶା ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ସାରା ରାଜ୍ୟରେ ବନ୍ଦ ପାଳନ ଯୋଗୁ ପାଇକାରୀ ମଣ୍ଡିଗୁଡିକୁ ମାଲ ପରିବହନ ବନ୍ଦ ହୋଇଯାଇଛି।

## ପେଟ୍ରୋଲ ପମ୍ପଠାରୁ ବ୍ୟାଙ୍କ, ବୀମା, ଡାକ ସେବା ସବୁ ଅଚଳ




ରାୟଗଡ଼ା


ନବରଙ୍ଗପୁର


ବ୍ରହ୍ମପୁର


ରାଉରକେଲା


ବଲାଙ୍ଗିର


ବାଲେଶ୍ୱର


କେନ୍ଦ୍ରାପଡ଼ା


ଜଗତସିଂହପୁର


ବାରିପଦା


କେନ୍ଦୁଝର


ରାଉରକେଲା


ତରଭା


ଅନୁଗୁଳ


କଳାହାଣ୍ଡି


ପୁରୀ

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରି ପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୫୭- ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୪୩- ବ୍ରିଟିଶ ସେନା ଇଟାଲୀର କଟାନିୟା ସହର ଉପରେ ଆକ୍ରମଣ କଲା।
- ୧୯୭୭- ଭିଏତନାମ ଜାତିସଂଘର ସଦସ୍ୟ ହେଲା।
- ୧୯୮୦- ସଂପୂର୍ଣ୍ଣ ଭାବେ ଭାରତ ଦ୍ୱାରା ନିର୍ମିତ ଉପଗ୍ରହ 'ରୋହିଣୀ-୧' ପୃଥିବୀ କକ୍ଷରେ ସ୍ଥାପିତ ହେଲା।
- ୨୦୧୨- ବଲିଉଡ୍ ଅଭିନେତା ରାଜେଶ ଖାନ୍ନାଙ୍କ ଦେହାନ୍ତ।



## ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ

ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲା ଜଣେ ବର୍ଣ୍ଣବୈଷମ୍ୟ ବିରୋଧୀ ନେତା ଭାବେ ସାରା ବିଶ୍ୱରେ ପରିଚିତ। ୧୯୧୮ ଜୁଲାଇ ୧୮ ରେ ସେ ଜନ୍ମଗ୍ରହଣ କରିଥିବାରୁ ଏହି ଦିନଟିକୁ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଇଆସୁଛି। ତାଙ୍କ ନୀତି ଏବଂ ଆଦର୍ଶକୁ ମନେ ପକାଇବା ତଥା ଭେଦଭାବ ଭୁଲି ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧି ରଖିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ଦିନ ସମସ୍ତଙ୍କୁ ଦାରିଦ୍ର ତଥା ସାମାଜିକ ଅନ୍ୟାୟ ବିରୁଦ୍ଧରେ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଏ। ଜାତିସଂଘର ଅନୁମୋଦନ କ୍ରମେ ୨୦୧୦ ମସିହାରୁ ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ 'ମଣ୍ଡେଲା ଦିବସ' ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ହେବାର ସେ ସୌଭାଗ୍ୟ ଅର୍ଜନ କରିଥିଲେ। ସେ ଆଫ୍ରିକାରେ ସାମାଜିକ ନ୍ୟାୟ ପାଇଁ ୬୭ ବର୍ଷ ଧରି ସଂଗ୍ରାମ ଜାରି ରଖିଥିଲେ। ୬୭ ବର୍ଷର ଜୀବନକାଳ ମଧ୍ୟରେ ଜେଲ୍ ଯିବା, ଦେଶଦ୍ରୋହ ମାମଲାର ସମ୍ମୁଖୀନ ହେବା ପରେ ବି ସେ ନିଜ ମନୋବଳରୁ ବିଚ୍ୟୁତ ହୋଇ ନ ଥିଲେ। ସେ ଦକ୍ଷିଣ ଆଫ୍ରିକାରେ ଜାତିବାଦ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସାମାଜିକ ସମାନତା ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର କାମ ପାଇଁ ତାଙ୍କୁ ୨୫୦ରୁ ଅଧିକ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ ତାଙ୍କୁ ଭାରତ ରତ୍ନ ଏବଂ ୧୯୯୩ ମସିହାରେ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୩ ଡିସେମ୍ବର ୫ ତାରିଖରେ ତାଙ୍କର ପରଲୋକ ଘଟିଥିଲା।



## ଭାରତର ପ୍ରଥମ ମହିଳା ଡାକ୍ତର
# କାଦମ୍ବିନୀ ଗାଙ୍ଗୁଲି


ଭାରତର ପ୍ରଥମ ତାଲିମପ୍ରାପ୍ତ ମହିଳା ଡାକ୍ତର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କାଦମ୍ବିନୀ ଗାଙ୍ଗୁଲି। ସେ ୧୮୬୧ ମସିହା ଆଜିର ଦିନରେ ବିହାରସ୍ଥିତ ଭାଗଲପୁରରେ ଜନ୍ମ ଗ୍ରହଣ କରିଥିଲେ। ସେ ସମୟରେ ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ମାତ୍ର ସେହି ସମୟରେ ଡାକ୍ତରୀ ପଢ଼ି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ କାଦମ୍ବିନୀ। ୧୮୮୨ରେ କାଦମ୍ବିନୀ ଓ ତାଙ୍କ ବାନ୍ଧବୀ ଚନ୍ଦ୍ରମୁଖୀ ବସୁ ଦେଶର ପ୍ରଥମ ମହିଳା ସ୍ନାତକ ହେବାର ଗୌରବ ଅର୍ଜନ କରିଥିଲେ। ସ୍ନାତକ ପରେ ୨୧ ବର୍ଷ ବୟସରେ ସେ ପ୍ରଫେସର ତଥା ସାମାଜିକ କାର୍ଯ୍ୟକର୍ତ୍ତା ଦ୍ୱାରକାନାଥ ଗାଙ୍ଗୁଲିଙ୍କୁ ବିବାହ କଲେ। ଦ୍ୱାରକାନାଥ ମହିଳା ସଶକ୍ତୀକରଣ ଦିଗରେ କାମ କରୁଥିଲେ। ସେ ହିଁ କାଦମ୍ବିନୀଙ୍କୁ ଡାକ୍ତରୀ ପାଠ ପଢ଼ିବାକୁ ଉତ୍ସାହିତ କରିଥିଲେ। ୧୮୮୬ରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ମେଡିସିନ୍ ଡିଗ୍ରୀ ପ୍ରାପ୍ତ କରି ପ୍ରଥମ ଭାରତୀୟ ମହିଳା ଡାକ୍ତର ହେବାର ପରିଚୟ ହାସଲ କଲେ। କେବଳ ସେତିକି ନୁହେଁ, ସେ ଥିଲେ ପ୍ରଥମ ଦକ୍ଷିଣ ଏସୀୟ ମହିଳା, ଯାହାଙ୍କୁ ୟୁରୋପୀୟ ମେଡିସିନ୍‌ରେ ପ୍ରଶିକ୍ଷଣ ମିଳିଥିଲା। ବ୍ରିଟେନ୍‌ରେ କାମ ଓ ଅଧ୍ୟୟନ କରିବା ସହ ସେ ସ୍ତ୍ରୀରୋଗ ବିଶେଷଜ୍ଞତା ହାସଲ କଲେ। ଏହାପରେ ୧୮୯୦ରେ ସେ ଭାରତ ଫେରିଲେ ଓ ଏଠାରେ ଡାକ୍ତରୀ ଅଭ୍ୟାସ ଜାରି ରଖିଲେ। ତାଙ୍କ ଭୂମିକା କେବଳ ଚିକିତ୍ସା କ୍ଷେତ୍ରରେ ସୀମିତ ନ ଥିଲା, ମହିଳାଙ୍କ ଅଧିକାର ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥିଲେ କାଦମ୍ବିନୀ। ୧୮୮୯ ରେ ସେ ଅନ୍ୟ ଛଅ ଜଣଙ୍କ ସହ ମିଶି ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ମହିଳା ପ୍ରତିନିଧିମଣ୍ଡଳ ଗଠନ କରିଥିଲେ। ୧୯୨୩ ମସିହା ଅକ୍ଟୋବର ୩ରେ ତାଙ୍କର ଦେହାନ୍ତ ହୋଇଥିଲା।

## ୪୦୦୦ କୋଟି ଟଙ୍କାର ପ୍ରୋଜେକ୍ଟ 'ରାମାୟଣ'



ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳିରେ ଆସିବ। ପୂର୍ବରୁ ଫିଲ୍ମର ବଜେଟ୍ ୧୬୦୦ କୋଟି ହେବ ବୋଲି କୁହାଯାଉଥିଲା। ନିକଟରେ ଏକ ପଡକାଷ୍ଟରେ ଏହାର ବଜେଟ୍ ସମ୍ପର୍କରେ ପଚାରାଯିବାରୁ ପ୍ରଯୋଜକ ନମିତ ମଲହୋତ୍ରା କହିଛନ୍ତି- 'ରାମାୟଣ' ଏକ ଲାଇଫ୍‌ଟାଇମ୍ ପ୍ରୋଜେକ୍ଟ। ଦୁଇଟିଯାକ ପ୍ରୋଜେକ୍ଟ ପୂର୍ଣ୍ଣ ହେବା ବେଳକୁ ପାଖାପାଖି ୪୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇ ଯାଇଥିବ। ଆମେ ଏକ ବଡ଼ ପୌରାଣିକ କାହାଣୀକୁ ସାରା ବିଶ୍ୱକୁ ଦେଖେଇବାକୁ ଚାହୁଁଛୁ।' ଯଦି ଏହାର ବଜେଟ୍ ୪୦୦୦ କୋଟି ହେଉଛି ତାହେଲେ ଭାରତୀୟ ସିନେମା ଇତିହାସରେ ଏହା ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବ। 'ରାମାୟଣ'ର ପ୍ରଯୋଜନା ଦାୟିତ୍ୱରେ ନମିତ ମଲହୋତ୍ରାଙ୍କ ପ୍ରାଇମ୍ ଫୋକସ୍ ଷ୍ଟୁଡିଓ ଓ ବିଏଫ୍‌ଏକ୍ସ ଷ୍ଟୁଡିଓ ଡିଏନ୍‌ଜି ରହିଛି। ଏହାବାଦ୍ ଏଥିରେ ରାବଣ ଭୂମିକାରେ ଅଭିନୟ କରୁଥିବା ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଯଶ୍ ମଧ୍ୟ ସହ ପ୍ରଯୋଜକ ଅଛନ୍ତି।

## ଧୂମପାନ ଭଳି କ୍ଷତିକାରକ ଡେସ୍କ ଚାକିରି



ଦୀର୍ଘ ସମୟ ପର୍ଯ୍ୟନ୍ତ ବସିରହି କାମ କରିବା ଶରୀର ପାଇଁ କ୍ଷତିକାରକ। ଏହା ମଧୁମେହ, ମାଂସପେଶୀ ଦୁର୍ବଳତା, ପିଠି ଯନ୍ତ୍ରଣା, ଡିପ୍ ଭେନ୍ ଥ୍ରୋମ୍ବୋସିସ୍, ଅବସାଦ ଏବଂ କୋଲନ କ୍ୟାନସର୍ ଭଳି ଅନେକ କର୍କଟ ରୋଗର କାରଣ ସାଜିପାରେ ବୋଲି ଅନେକ ଅଧ୍ୟୟନରୁ ମଧ୍ୟ ପ୍ରକାଶ ପାଇଛି। ତେଣୁ ଧୂମପାନ ଯେଭଳି ପ୍ରାଣଘାତୀ, ଅଧିକ ସମୟ ବସିବା ତାହା ସହ ସମାନ ବୋଲି ବିବେଚନା କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଗତିହୀନ ଭାବେ ବା ସ୍ଥିର ଭାବେ ଦୀର୍ଘ ସମୟ ବସି ରହି କାମ କରିବା ମୃତ୍ୟୁର ଚତୁର୍ଥ ସବୁଠୁ ବଡ଼ କାରଣ ବୋଲି କୁହାଯାଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ସହ ମେଦବୃଦ୍ଧି, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଏକ ମଜଭୁତ ସମ୍ପର୍କ ଥିବା କଥାକୁ ସୂଚାଇଛି। ଯାହାକି ମେଟାବଲିକ୍ ସିଣ୍ଡ୍ରୋମ, ହୃଦ୍‌ରୋଗ ଏବଂ କର୍କଟର କାରଣ ହୋଇପାରେ। ତେବେ ଯେଉଁମାନେ ନିତିଦିନ ୮ ଘଣ୍ଟାରୁ ଅଧିକ ସମୟ ବସି ରହି କାମ କରୁଛନ୍ତି ସେମାନଙ୍କୁ ମେଦବୃଦ୍ଧି ଏବଂ ଧୂମପାନ ଯୋଗୁଁ ହେଉଥିବା ମୃତ୍ୟୁ ଭଳି ପରିସ୍ଥିତି ସାମ୍ନା କରିବାକୁ ପଡ଼ିଥାଏ। ତେଣୁ ଦୀର୍ଘ ସମୟ ବସି ରହି କାମ କରୁଥିବା ଲୋକଙ୍କୁ ମଝିରେ ମଝିରେ ବ୍ରେକ୍ ନେବା, କାମ ମଧ୍ୟରେ ହାଲକାଫୁଲକା ବ୍ୟାୟାମ କରିବା ପାଇଁ ପରାମର୍ଶ ଦିଆଯାଇଛି।






## ଦେହକୁ ହିତ ଅଞ୍ଜିର

**ଅଞ୍ଜିର ଏକ ସ୍ୱାଦିଷ୍ଟ ଏବଂ ପୌଷ୍ଟିକ ଫଳ। ଏଥିରେ ସବୁ ଫଳ ଓ ପନିପରିବାଠାରୁ ଅଧିକ ଆଲକାଲାଇନ୍ ଥାଏ। ଏହା ପଟାସିୟମ, କ୍ୟାଲସିୟମ, ଭିଟାମିନ୍–ଏ, ବି୨, ସି, କ୍ୟାଲସିୟମ, ଲୌହସାର, ମାଙ୍ଗାନିଜ୍ ଆଦି ପୌଷ୍ଟିକତତ୍ତ୍ୱରେ ଭରପୁର। ତେଣୁ ଏହା ମନୁଷ୍ୟ ଶରୀରର ପୁଷ୍ଟିସାଧନ କରି ନାନା ରୋଗ ଦୂର କରିଥାଏ।**

- ଅଞ୍ଜିର ତନ୍ତୁଯୁକ୍ତ ହୋଇଥିବାରୁ ପେଟ ସଫା କରିବା ସହ କୋଲେଷ୍ଟ୍ରଲ, ଶ୍ୱାସ, ଅର୍ଶ ଓ ଯକୃତ ସମ୍ବନ୍ଧୀୟ ରୋଗ ନିୟନ୍ତ୍ରଣ କରିଥାଏ।
- ଅଞ୍ଜିରରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଓଜନ ହ୍ରାସ, ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ହିତକର। କୋଷ୍ଠକାଠିନ୍ୟର ଉପଶମ ପାଇଁ ଏହା ବହୁତ ଉପଯୋଗୀ। ଏଥପାଇଁ ରାତିରେ ୨ଟି ଅଞ୍ଜିରକୁ ପାଣିରେ ଭିଜାଇ ପରଦିନ ସକାଳୁ ପାଣି ପିଇବା ସହିତ ଅଞ୍ଜିର ଖାଇବା ଦ୍ୱାରା ଅସ୍ଥି ଶକ୍ତ ହୁଏ। ରୋଗପ୍ରତିରୋଧକଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଏହା ରକ୍ତଚାପ ନିୟନ୍ତ୍ରଣ କରି ହୃଦ୍‌ରୋଗ ଆଶଙ୍କାକୁ ମଧ୍ୟ ହ୍ରାସ କରିପାରେ।
- ସେହିପରି ୨ଟି ଅଖ୍‌ରୋଟ୍, ଆଲମଣ୍ଡ ୨ଟି, ୨ଟି ଶୁଖିଲା ଖଜୁରୀ, ମୁଠାଏ କିସ୍‌ମିସ୍ ସହିତ ୨ଟି ଅଞ୍ଜିରକୁ ଭଲଭାବେ ସଫା କରି ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ରଖି ପରଦିନ ସକାଳୁ ସେହି ପାଣି ସହିତ ଭିଜିଥିବା ନଟ୍‌ସ ଖାଇବା ଦ୍ୱାରା ଶାରୀରିକ ଓ ମାନସିକ ପୁଷ୍ଟିସାଧନ ହୋଇ ତ୍ୱଚା ଉଜ୍ଜ୍ୱଳ ହୁଏ। ପାଚନ ପ୍ରକ୍ରିୟା ସକ୍ରିୟ ରୁହେ।
- ଅନ୍ୟପଟେ ମାତ୍ରାଧିକ ଅଞ୍ଜିର ଖାଇଲେ ଏହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଆଲର୍ଜି, ରକ୍ତ ପତଳା କରିବାକୁ ଔଷଧ ଖାଉଥିଲେ, ଯକୃତଜନିତ ସମସ୍ୟା, ପାଚନପ୍ରକ୍ରିୟା ଅତି ସମ୍ବେଦନଶୀଳ ହୋଇଥିଲେ ସେମାନେ ଡାକ୍ତରଙ୍କ ପରାମର୍ଶ କରି ଅଞ୍ଜିର ଖାଇବା ଆବଶ୍ୟକ।

'ସକାଳ'ର ସ୍ୱାସ୍ଥ୍ୟ



## ବାରିଆଟ୍ରିକ୍ ସର୍ଜରୀ

ଫିଟ୍ ଆଉ ସ୍ଲିମ୍ ରହିବା ସମସ୍ତଙ୍କର ଇଚ୍ଛା ଥାଏ। ହେଲେ ଅଧୁନା ଜୀବନଶୈଳୀ, ଅଧିକ ତେଲ ଓ ମସଲାଯୁକ୍ତ ଖାଦ୍ୟ ସେବନ ଓ ବ୍ୟାୟାମ ଅଭାବରୁ ମେଦବହୁଳତା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେବେ ଦୀର୍ଘ ସମୟ ଧରି ଡାଏଟ୍, ବ୍ୟାୟାମ ଓ ଔଷଧ ସେବନ ଦ୍ୱାରା ଓଜନ ହ୍ରାସ ନ ହେଲେ ଏଥିପାଇଁ ସର୍ଜରୀ ବିକଳ୍ପ ରହିଛି। ଏହି ସର୍ଜରୀ ନାଁ ହେଉଛି ବାରିଆଟ୍ରିକ୍ ସର୍ଜରୀ। ଏହି ସର୍ଜରୀ ଏବେ ମେଟାବୋଲିକ ସର୍ଜରୀ ଭାବେ ଅଭିହିତ ହେଉଛି। ତେବେ ଅଧିକ ମେଦବହୁଳତାକୁ ନେଇ ଚିନ୍ତିତ ଥିବା ବ୍ୟକ୍ତିଙ୍କ ପାଇଁ ଏହି ସର୍ଜରୀ ଭଲ ବିକଳ୍ପ ହୋଇଥିଲେ ମଧ୍ୟ ଏହା ବ୍ୟୟ ବହୁଳ। ମୁଖ୍ୟତଃ ବିଏମ୍‌ଆଇ ୩୫ରୁ ଅଧିକ ହେଲେ ଏହି ସର୍ଜରୀ କରାଯାଇଥାଏ। ନିର୍ଦ୍ଦିଷ୍ଟ ବୟସ ମଧ୍ୟରେ ଏହି ସର୍ଜରୀ କରାଯିବାର ନିୟମ ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ମେଦବହୁଳତା କେବଳ ସୌନ୍ଦର୍ଯ୍ୟକୁ ପ୍ରଭାବିତ କରେ ନାହିଁ, ଧୀରେ ଧୀରେ ଏହା ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ସମ୍ପର୍କିତ ରୋଗ, ଯକୃତ ରୋଗ, ନିଦ୍ରାହୀନତା ଆଦି ରୋଗ ସୃଷ୍ଟି କରାଏ। ତେଣୁ ଡାଏଟ୍, ଔଷଧ ସେବନ, ଶାରୀରିକ ବ୍ୟାୟାମ ଦ୍ୱାରା ଓଜନ ହ୍ରାସ ହୋଇ ନ ପାରିଲେ ଏହି ବାରିଆଟ୍ରିକ୍ ସର୍ଜରୀ କରାଯାଇଥାଏ। ମୁଖ୍ୟତଃ ଏହି ସର୍ଜରୀରେ ପାକସ୍ଥଳୀର ଆକାରକୁ ଛୋଟ କରାଯାଇଥାଏ। ଏହି ସର୍ଜରୀ ଦ୍ୱାରା ଶରୀରର ଭୋକ, ମେଟାବୋଲିଜିମ୍ ଏବଂ ଇନ୍‌ସୁଲିନ୍ ପ୍ରକ୍ରିୟାର ପରିବର୍ତ୍ତନ ହୋଇଥାଏ। ଏହାଦ୍ୱାରା ଭୋକ ନିୟନ୍ତ୍ରଣରେ ରହୁଥିବାରୁ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ। ସେହିପରି ବିଭିନ୍ନ ଗବେଷଣାରୁ ପ୍ରମାଣିତ ହୋଇଛି ଯେ, ବାରିଆଟ୍ରିକ୍ ବା ମେଟାବୋଲିକ ସର୍ଜରୀ ଟାଇପ୍-୨ ମଧୁମେହ, ଉଚ୍ଚ ରକ୍ତଚାପ, ପିସିଓଏସ୍ ଏବଂ ସ୍ଲିପ୍ ଏପନିଆ ପରି ରୋଗ ନିୟନ୍ତ୍ରଣ କରିପାରେ। ତେବେ ସର୍ଜରୀ ପୂର୍ବ ଏବଂ ପରେ ଡାକ୍ତରଙ୍କ ପରାମର୍ଶରେ ରହିବାକୁ ହୋଇଥାଏ।



ମଣିଷ ଶରୀରର ହାର୍ଟ ବା ହୃତ୍‌ପିଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରକୁ ଶକ୍ତି ଯୋଗାଏ। ଆଜିକାଲିର ଜୀବନ ଓ ଖାଦ୍ୟପେୟ ଶୈଳୀ, କାର୍ଯ୍ୟଚାପ, ନିଶା ସେବନ ଆଦି ଯୋଗୁଁ ଅଧିକାଂଶ ହୃଦ୍‌ରୋଗର ଶିକାର ହେଉଛନ୍ତି। ହୃଦ୍‌ଘାତ ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଅନେକ ଲୋକଙ୍କ ଜୀବନ ଯାଉଛି। ତେଣୁ ହୃଦ୍‌ଘାତ ପୂର୍ବର ସଙ୍କେତ ପାଇବା ପାଇଁ ଆମେରିକା, ମିସିସିପି ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରମାନେ ଏକ ପିନ୍ଧିବାଯୋଗ୍ୟ ଉପକରଣ ତିଆରି କରିଛନ୍ତି। ଏହା ଦ୍ୱିତୀୟ ପର୍ଯ୍ୟାୟ ଗବେଷଣାର ଅନ୍ତର୍ଭୁକ୍ତ ରହିଛି। ଏହି ଉପକରଣ ହୃଦ୍‌ଘାତ ଆଶଙ୍କା ପୂର୍ବରୁ ଚେତାବନୀ ଦେଇପାରିବ ବୋଲି ଆଶା କରାଯାଉଛି। ଆଖପାଖରେ କୌଣସି ଡାକ୍ତରୀ ପରୀକ୍ଷଣର ସୁବିଧା ନ ଥିଲେ ଏହି ଉପକରଣ ପିନ୍ଧିଥିଲେ ଦୂରଦୂରାନ୍ତ ସମୟରେ ମଧ୍ୟ ହୃଦ୍‌ଘାତର ଆଶଙ୍କା ସମ୍ବନ୍ଧରେ ପୂର୍ବ ସୂଚନା ପାଇପାରିବେ। ତେଣୁ ଇଂଜିନିୟରମାନେ ଉପକରଣକୁ ହାଲୁକା ଏବଂ ଶକ୍ତି ସଂରକ୍ଷଣକାରୀ ସହ ଅଧିକ ସଠିକ୍ ସୂଚନା ଦେବାକୁ ସ୍ୱତନ୍ତ୍ର ଭାବେ ବନାଇଛନ୍ତି। ଏଥିରେ ଏଆଇ ଏବଂ ଉନ୍ନତ ଗଣିତର ଉପଯୋଗ କରାଯିବା ସହ ଇଲେକ୍ଟ୍ରୋକାର୍ଡିୟୋଗ୍ରାମର ବିଶ୍ଳେଷଣ କରିବାକୁ ଏହି ଉପକରଣରେ ଏକ ଚିପ୍ ଡିଜାଇନ୍ ମଧ୍ୟ କରାଯାଇଛି। ଏହା ହୃତ୍‌ପିଣ୍ଡର ବିଦ୍ୟୁତ୍ ସଙ୍କେତ ଗ୍ରାଫ୍। ଏହା ହୃଦ୍‌ଘାତ ଆଶଙ୍କା ସଙ୍କେତ ଦେଇଥାଏ। ଡାକ୍ତରଙ୍କ କହିବାନୁସାରେ, ହୃଦ୍‌ଘାତର ସମୟଟି ବହୁତ ମହତ୍ୱପୂର୍ଣ୍ଣ ହୋଇଥାଏ। ଯେତେ ଶୀଘ୍ର ଏହାକୁ ଚିକିତ୍ସା କରାଯାଏ ବିପଦକୁ ଏଡାଇ ଦିଆଯାଇପାରେ। ଏ ଦୃଷ୍ଟିରୁ ନୂତନ ଉପଯୋଗଉପକରଣଟି ଭବିଷ୍ୟତରେ ହୃଦ୍‌ରୋଗଜନିତ ମୃତ୍ୟୁକୁ ସ୍ୱଳ୍ପ ମାତ୍ରାରେ ହ୍ରାସ କରିପାରିବ ବୋଲି ଆଶା ଓ ବିଶ୍ୱାସ ରହିଛି।

## ଚକୋଲେଟ୍, ଚିପ୍‌ସରୁ ହୋଇପାରେ
# ଟାଇପ୍ ୨-ମଧୁମେହ



ଆଜିକାଲି ପିଲାମାନେ ଘରୋଇ ଖାଦ୍ୟ ବଦଳରେ ଅଧିକ ତେଲମସଲା ଯୁକ୍ତ ଜଙ୍କ୍‌ଫୁଡ, ଚକୋଲେଟ୍, ଚିପ୍‌ସ ଆଦି ଖାଇବାକୁ ଗୁରୁତ୍ୱ ଦେଉଛନ୍ତି। ପିଲାଙ୍କ ଦୈନିକ କ୍ୟାଲୋରୀରେ ମାତ୍ର ୫ ପ୍ରତିଶତ ଚିନି ଗ୍ରହଣ କରିବା ନିୟମ ରହିଥିବାବେଳେ ଏବେ ୪ରୁ ୧୦ବର୍ଷ ପିଲା ଦୈନିକ ୧୩ ପ୍ରତିଶତ ଚିନି ଓ ୧୧ରୁ ୧୮ ବର୍ଷ ମଧ୍ୟରେ ପିଲାମାନେ ୧୫ ପ୍ରତିଶତ ଚିନି ସେବନ କରୁଛନ୍ତି। ଯାହାଫଳରେ ସ୍ୱଳ୍ପ ବୟସରୁ ସେମାନେ ଟାଇପ୍-୨ ମଧୁମେହର ଶିକାର ହେଉଛନ୍ତି। ସେହିପରି ଜଙ୍କଫୁଡ୍, ସ୍ନାକ୍ସ, ଚକୋଲେଟ ଏବଂ ଶର୍କରାଯୁକ୍ତ ପାନୀୟରେ କୃତ୍ରିମ ଚିନି ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମିଶାଯାଉଥିବାରୁ ଏହାକୁ ସେବନ କରିବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ପିଲାଙ୍କ ଜଳଖିଆରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା- ଫଳ ଏବଂ ଦୁଗ୍ଧ, ମଧ୍ୟାହ୍ନଭୋଜନରେ ରୁଟି, ଗଜା ମୁଗ, ଡାଲି, ସିଝା ପରିବା, ପନୀର ଆଦି ସାମିଲ କରିପାରିବେ। ସନ୍ଧ୍ୟାରେ ପିଲାଙ୍କୁ ସନ୍ତୁଳିତ ସ୍ନାକ୍ସ, ରାତ୍ରୀଭୋଜନରେ ରୁଟି, ସବ୍‌ଜି ସାମିଲ କରିବା ଆବଶ୍ୟକ। ଡାଲି, ରାଜମା ତଥା ସମସ୍ତ ପ୍ରକାର ଶସ୍ୟ ଆଦି ଖାଇବା ଦ୍ୱାରା ମଧ୍ୟ ଟାଇପ୍-୨ ମଧୁମେହକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ। ସେହିପରି ଅଦା, ହଳଦୀ, ଗୋଲମରିଚ ଆଦିକୁ ଖାଦ୍ୟପ୍ରସ୍ତୁତିରେ ବ୍ୟବହାର କରିବା ଉଚିତ। ଡାକ୍ତରଙ୍କ ଅନୁଯାୟୀ, ଡାଏଟ୍‌ରେ ଅଖ୍‌ରୋଟ, ପିସ୍ତା ଏବଂ ବ୍ରାଜିଲ୍ ନଟ୍‌ସ, ଚିୟା ସିଡ୍‌ସ, କଖାରୁ ମଞ୍ଜି ଆଦି ସାମିଲ କଲେ ସେମାନେ ବଳଶାଳୀ ହୋଇଥାନ୍ତି। ତେଣୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ ସହିତ ପିଲାମାନେ ଶାରୀରିକ ସକ୍ରିୟ ରହିବା ଜରୁରି। ଦୈନିକ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ତିନି ଲିଟର ପାଣି ପିଇବା ଦ୍ୱାରା ପିଲାମାନେ ସୁସ୍ଥ ଓ ନୀରୋଗ ରହିପାରନ୍ତି।

ସକାଳ THE SAKALA
www.sakalaepaper.com

# ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି କରୁନ

ମାଞ୍ଚେଷ୍ଟର ୧୭ ।୭ (ଏଜେନ୍ସି):


ଏକ ହାଲ୍‌କା ମୁହୂର୍ତ୍ତରେ କୋଚ୍ ଗମ୍ଭୀରଙ୍କ ସହ ଜାଡେଜା

ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଖେଳାଯିବ । ଏଥିଲାଗି ଭ୍ରମଣକାରୀ ଭାରତୀୟ ଦଳ ଗୁରୁବାରଠାରୁ ଅଭ୍ୟାସ ଆରମ୍ଭ କରିଦେଇଛି । ଲର୍ଡ୍ସରେ ଅନୁଷ୍ଠିତ ସିରିଜ ୩ୟ ଟେଷ୍ଟକୁ ଘରୋଇ ଇଂଲଣ୍ଡ ନାଟକୀୟ ଭାବେ ୨୨ ରନରେ ଜିତି ସିରିଜରେ ୨-୧ରେ ଅଗ୍ରଣୀ ରହିଛି । ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ସମ୍ମାନଜନକ ସିରିଜକୁ ବଞ୍ଚାଇ ରଖିବାକୁ ହେଲେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ୪ର୍ଥ ଟେଷ୍ଟରେ ବିଜୟ ଜରୁରୀ ହୋଇପଡ଼ିଛି ।

ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଖେଳାଳିମାନେ ଗୁରୁବାର ଏଠାରେ ହାଲ୍‌କା ଅଭ୍ୟାସ କରିଛନ୍ତି । ଏଥିରେ ଦଳର ପ୍ରାୟ ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ । ତେବେ ଲର୍ଡ୍ସ ପରାଜୟ ପରେ ଭାରତୀୟ ମ୍ୟାନେଜମେଣ୍ଟ ଦଳରେ କେତୋଟି ପରିବର୍ତ୍ତନ କରିବା ନେଇ ସମ୍ଭାବନା ରହିଛି । ବିଶେଷ କରି ୮ ବର୍ଷ ପରେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ବ୍ୟାଟର୍ କରୁନ ନାୟାରଙ୍କୁ ୪ର୍ଥ ଟେଷ୍ଟରେ ବାଦ୍ ଦେବାନେଇ ରିପୋର୍ଟ ପ୍ରକାଶ ପାଇଛି । ତାଙ୍କ ସ୍ଥାନରେ ଅନ୍ୟତମ ଇନଫର୍ମ ବ୍ୟାଟର୍ ସାଇ ସୁଦର୍ଶନ ମାଞ୍ଚେଷ୍ଟର ଟେଷ୍ଟରେ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରନ୍ତି । ପ୍ରଥମ ୩ଟି ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇଥିବା ୩୩ ବର୍ଷୀୟ ବିଦର୍ଭ ବ୍ୟାଟର୍ କରୁନ ୬ଟି ପାଳିରେ ଯଥାକ୍ରମେ ୦, ୨୦, ୩୧, ୨୬, ୪୦ ଓ ୧୪ ସହ ମୋଟ୍ ୧୩୧ ରନ କରିଛନ୍ତି । ତାଙ୍କର ଆଭରେଜ ୨୧.୮୩ ରହିଥିବାବେଳେ ୪୦ ରନ ଶ୍ରେଷ୍ଠ ପାଳି ରହିଛି । ନାୟାରଙ୍କ ଏହି ନୈରାଶ୍ୟଜନକ ପ୍ରଦର୍ଶନ ହିଁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି । ଅପରପକ୍ଷରେ ୪ର୍ଥ ଟେଷ୍ଟରେ ମଧ୍ୟ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ୍ ସିଂହଙ୍କୁ ସାମିଲ କରାଯାଇପାରେ । ୱାର୍କଲୋଡ୍‌କୁ ନଜରରେ ରଖି ଅଭିଜ୍ଞ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ପୁଣିଥରେ ବିଶ୍ରାମ ଦେବାନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଛି । ଫଳରେ ପ୍ରଥମ ୩ଟି ମ୍ୟାଚରେ ଖେଳିବାର ସୁଯୋଗ ପାଇ ନ ଥିବା ଅର୍ଶଦୀପ୍ ଏଠାରେ ଟେଷ୍ଟ ପଦାର୍ପଣ କରିପାରନ୍ତି ।

## ଭାରତ ପାଇଁ ମାଞ୍ଚେଷ୍ଟର ଅଭେଦ୍ୟ ଦୁର୍ଗ

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଭାରତୀୟ ଦଳର ରେକର୍ଡ ବହୁତ ଖରାପ ରହିଛି । ୮୯ ବର୍ଷ ହେଲା ଭାରତ ଏହି ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିପାରିନି । ୧୯୩୬ରେ ଭାରତ ଏଠାରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲା । ରାଜକୁମାର ଅଫ୍ ବିଜିନଗରମ ଭାବେ ପରିଚିତ ବିଜୟ ଆନନ୍ଦଙ୍କ ନେତୃତ୍ୱରେ ଭାରତ ଏହି ଟେଷ୍ଟ ଖେଳିଥିଲା । ଭାରତ ପ୍ରଥମ ପାଳିରେ ମାତ୍ର ୨୦୩ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଘରୋଇ ଇଂଲଣ୍ଡ ୱାଲି ହାମଣ୍ଡଙ୍କ ୧୬୭ ରନ ବଳରେ ୫୭୧/୮ରେ ପ୍ରଥମ ପାଳି ଘୋଷଣା କରିଥିଲା । ଏହାପରେ ଭାରତ ଦୁଇ ଓପନର୍ ବିଜୟ ମର୍ଚ୍ଚାଣ୍ଟ (୧୧୪) ଓ ମୁସ୍ତାକ ଅଲି (୧୧୨)ଙ୍କ ଶତକ ବଳରେ ଦ୍ୱିତୀୟ ପାଳିରେ ୫ ୱିକେଟ୍‌ରେ ୩୯୦ ରନ କରି ମ୍ୟାଚକୁ ଡ୍ର ରଖିବାରେ ସଫଳ ହୋଇଥିଲା । ଅଦ୍ୟାବଧି ଏହି ଗ୍ରାଉଣ୍ଡରେ ଭାରତ ୯ ଟେଷ୍ଟ ଖେଳି ୪ଟି ହାରିଥିବାବେଳେ ୫ଟି ଡ୍ର ରଖିଛି । ଶେଷଥର ଲାଗି ଭାରତ ୨୦୧୪ରେ ଏଠାରେ ଟେଷ୍ଟ ଖେଳି ଏକ ପାଳି ଓ ୫୪ ରନରେ ଆଲିଷ୍ଟର୍ କୁକ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡଠାରୁ ହାରିଥିଲା । ତେଣୁ ଏଥର ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଏଠାରେ ସ୍ମରଣୀୟ ବିଜୟ ହାସଲ ଲକ୍ଷ୍ୟରେ ରହିଛି ।

# ଭାରତର ଦ୍ୱିତୀୟ ସର୍ବବୃହତ୍ ରନ୍‌ଚେଜ୍

ସାଉଥାମ୍ପଟନ, ୧୭ ।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଏକଦିବସୀୟ ମ୍ୟାଚରେ ଭାରତୀୟ ମହିଳା କ୍ରିକେଟ୍ ଦଳ ୪ ୱିକେଟ୍‌ରେ ବିଜୟୀ ହୋଇଛି । ୨୫୯ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ଦୀପ୍ତି ଶର୍ମା ଅପରାଜିତ ଅର୍ଦ୍ଧଶତକ ବଳରେ ୬ ୱିକେଟ ହରାଇ ୧୦ ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା । ଏହି ଫର୍ମାଟ୍‌ରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ରନ ଚେଜ୍ ହୋଇଛି । ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ରହିଛି । ସିରିଜର ଦ୍ୱିତୀୟ ମ୍ୟାଚ୍ ଶନିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ ।

ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ୫୦ ଓଭରରେ ୬ ୱିକେଟ୍ ହରାଇ ୨୫୮ ରନ କରିଥିଲା । ଦଳ ପକ୍ଷରୁ ସୋଫି ଡଙ୍କଲୀ ୮୩, ଡେଭିଡସନ ରିଚାର୍ଡ୍ସ ୫୩, ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୪୧, ଇମା ଲାମ୍ବ୍ ୩୯ ଓ ସୋଫି ଇକଲେଷ୍ଟୋନ ଅପରାଜିତ ୨୩ ରନ କରିଥିଲେ । ଭ୍ରମଣକାରୀ ଭାରତୀୟ ଦଳ ପକ୍ଷରୁ ସ୍ନେହ ରାଣା ଓ କ୍ରାନ୍ତି ଗୌଡ଼ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ଜବାବରେ ସମସ୍ତ ବ୍ୟାଟର୍‌ଙ୍କ ମିଳିତ ସଫଳତା ବଳରେ ସହଜରେ ମ୍ୟାଚ୍ ଜିତିନେଇଥିଲା । ଦୁଇ ଓପନର୍ ସ୍ମୃତି ମନ୍ଧାନା ୩୬, ପ୍ରତୀକ ରାୱଲ ୨୮, ହର୍ଲିନ ଦେଓଲ ୨୭, ଜେମିମା ରୋଡ୍ରିଗ୍ସେଜ ୪୮, ଅଧିନାୟିକା ହର୍‌ମନପ୍ରୀତ୍ କୌର ୧୭ ରନ କରିଥିଲେ । ସେହିଭଳି ଦୀପ୍ତି ୬୨ ଓ ଅମନଜୋତ୍ କୌର ୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଥିଲେ । ଦୀପ୍ତି ତାଙ୍କ ୧୪ତମ ଅର୍ଦ୍ଧଶତକୀୟ ପାଳିରେ ୬୪ ବଲ୍ ଖେଳି ୩ ଚୌକା ଓ ଗୋଟିଏ ହାତରେ ଏକ ସୁନ୍ଦର ଛକା ମାରିଥିଲେ । ଦୀପ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

**ଏକଦିବସୀୟ ମହିଳା କ୍ରିକେଟ୍‌ରେ ଭାରତର ସଫଳ ରନଚେଜ୍**

| ଟାର୍ଗେଟ୍ | ପ୍ରତିପକ୍ଷ | ବର୍ଷ |
|---|---|---|
| ୨୬୫ | ଅଷ୍ଟ୍ରେଲିଆ | ୨୬୫ |
| ୨୫୯ | ଇଂଲଣ୍ଡ | ୨୦୨୫ |
| ୨୫୨ | ନ୍ୟୁଜିଲାଣ୍ଡ | ୨୦୨୨ |
| ୨୪୮ | ଦ.ଆଫ୍ରିକା | ୨୦୧୯ |
| ୨୪୫ | ଦ.ଆଫ୍ରିକା | ୨୦୧୭ |



## ଡୁରାଣ୍ଡ କପ୍ ପୁରସ୍କାର ରାଶି ୩ ଗୁଣା ବଢ଼ିଲା

କୋଲକାତା, ୧୭ ।୭ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍ ଆସନ୍ତା ୨୩ରୁ ଆରମ୍ଭ ହେବାକୁ ଯାଉଛି । ସମ୍ମାନଜନକ ଡୁରାଣ୍ଡ କପ୍‌ର ଏହି ୧୩୪ତମ ସଂସ୍କରଣ ଲାଗି ଗୁରୁବାର ଆୟୋଜକଙ୍କ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି । ଏଥର ପୁରସ୍କାର ବାବଦରେ ୩ କୋଟି ଟଙ୍କା ପ୍ରଦାନ କରାଯିବ । ଯାହାକି ଗତ ସଂସ୍କରଣ ତୁଳନାରେ ପାଖାପାଖି ୩ଗୁଣ । ଗତ ବର୍ଷ ପୁରସ୍କାର ବାବଦକୁ ୧ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଚାମ୍ପିଅନ ଓ ରନର୍ସଅପ୍ ବାଦ ଏଥର ସେମିଫାଇନାଲ, କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ଦିଆଯିବ । ସେହିଭଳି ୩ଟି ବ୍ୟକ୍ତିଗତ ପୁରସ୍କାର ବାବଦକୁ ୩ଟି ଏସ୍‌ୟୁଭି କାର୍ ପ୍ରଦାନ କରାଯିବ ବୋଲି ଡୁରାଣ୍ଡ କପ୍‌ର ଅଧ୍ୟକ୍ଷ ତଥା ଭାରତୀୟ ଆର୍ମିର ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫନାଣ୍ଟ ଜେନେରାଲ ମୋହିତ ମାଲ୍‌ହୋତ୍ରା କହିଛନ୍ତି । ଜୁଲାଇ ୨୩ରେ ଇଷ୍ଟ ବେଙ୍ଗଲ୍ ଏଫ୍‌ସି ଓ ସାଉଥ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ସ୍ଥାନୀୟ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯିବ ।

■ ଡ. ବିସି ରାୟ ଟ୍ରଫି

## ୨୧ ଜଣିଆ ଓଡ଼ିଶା ଦଳ ଘୋଷିତ



କଟକ,୧୭।୭ (ସମିସ): ଜାତୀୟ କନିଷ୍ଠ ବାଳକ ଫୁଟବଲ ଚାମ୍ପିଅନସିପ୍ ଡ. ବିସି. ରାୟ ଟ୍ରଫି ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ । ପଞ୍ଜାବର ଅମୃତସରରେ ୧୦ଦିନ ଧରି ହେବାକୁ ଥିବା ଏହି ଚାମ୍ପିଅନସିପ୍ ନିମନ୍ତେ ଗୁରୁବାର ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ୨୧ ଜଣିଆ ରାଜ୍ୟ ଦଳ ଘୋଷଣା କରିଛି । ଦଳରେ ସୌମ୍ୟରଞ୍ଜନ ଦେବତା, ଉଦୟ ଏକ୍କା, ବିଷ୍ଣୁପ୍ରସାଦ ସାହୁ, କିରଣ ମୁଣ୍ଡା, ଶିବ ମୁଣ୍ଡା, ଆୟୁଷ ଅଶ୍ରୁଜିତ, ଶଙ୍କର ଭୁଏ, ଜେଙ୍ଗା ଲାକ୍ରା, କୃଷ୍ଣଚନ୍ଦ୍ର ହାଁସଦା, ଅନିକେତ ଖାଡିଆ, ସ୍ୱାଗତମ ସାହୁ, ସତ୍ୟ ନାଏକ, ରାଜ କୁମାର ରାଓ, ସମୀର ଟପ୍ପୋ, ଅମନ ଲାକ୍ରା, ପିଣ୍ଟୁ ନାଗ, ବିକି ମାଝୀ, ଇଶାନ୍ତ କୁଜୁର, ପ୍ରସନ୍ନଜିତ ବାଡା, ବିଜୟ ମୁର୍ମୁ, ମହମ୍ମଦ ଫରହାନ ଏହସାନ ସ୍ଥାନ ପାଇଛନ୍ତି । ସେଖ ମନଜୁର ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଧନେଶ୍ୱର ତିର୍କୀ ସହକାରୀ କୋଚ୍, ଚିତ୍ତରଞ୍ଜନ ବେହେରା ମ୍ୟାନେଜର, ସରୋଜ କୁମାର ବେହେରା ଫିଜିଓ ଭାବେ ଦଳ ସହ ଗସ୍ତ କରିବେ । ଓଡ଼ିଶା ଗ୍ରୁପ-ସିରେ ସ୍ଥାନ ପାଇଛି । ଏହି ଗ୍ରୁପରେ ଝାଡ଼ଖଣ୍ଡ, ମଣିପୁର ଏବଂ କର୍ଣ୍ଣାଟକ ରହିଛନ୍ତି । ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ଣ୍ଣାଟକ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ ।

## ଗୋଟିଏ ଓଭରରେ ହେଟ୍‌ମାୟରଙ୍କ ୫ ଛକା

ଗୁୟାନା, ୧୭ ।୭ (ଏଜେନ୍ସି): କ୍ରିକେଟ୍ ୱେଷ୍ଟଇଣ୍ଡିଜ ଆନୁକୂଲ୍ୟରେ ଆୟୋଜିତ ଗ୍ଲୋବାଲ୍ ସୁପର୍ ଲିଗ୍‌ର ୯ମ ସଂସ୍କରଣରେ ସିମ୍‌ରନ ହେଟ୍‌ମାୟରଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ହେଟ୍‌ମାୟର ଗୋଟିଏ ଓଭରରେ ୫ଟି ଛକା ମାରିଛନ୍ତି । ହୋବାର୍ଟ ହରିକେନ୍ସ ଓ ଗୁୟାନା ଆମାଜନ ୱାରିୟର୍ସ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଉଥିଲା । ଏଥିରେ ଗୁୟାନା ଆମାଜନ ପକ୍ଷରୁ ଖେଳୁଥିବା ହେଟ୍‌ମାୟର ପ୍ରତିପକ୍ଷ ବାମହାତୀ ସ୍ପିନର ଫାବିଆନ ଆଲେନଙ୍କ ଏକ ଓଭରରେ ଏହି ବିସ୍ଫୋରକ ବ୍ୟାଟିଂ କରିଥିଲେ । ଗୁୟାନା ପାଳିର ୧୦ମ ଓଭର ବୋଲିଂ କରିଥିବା ଆଲେନଙ୍କ ପ୍ରଥମ ୪ଟି ବଲ୍‌କୁ ହେଟ୍‌ମାୟର ଛକା ମାରିଥିଲେ । ତେବେ ୫ମ ବଲ୍‌ରୁ ୨ ରନ ହୋଇଥିବାବେଳେ ଅନ୍ତିମ ବଲ୍‌ରୁ ପୁଣି ଏକ ଛକା ହୋଇଥିଲା । ଫଳରେ ଆଲେନ ଏହି ଓଭରରେ ୩୨ ରନ ବ୍ୟୟ କରିଥିଲେ । ହେଟ୍‌ମାୟର ୧୦ ବଲରେ ୩୯ ରନର ବିସ୍ଫୋରକ ପାଳି ଖେଳିବାରୁ ଗୁୟାନା ଆମାଜନ ୧୨୬ ରନର ଲକ୍ଷ୍ୟକୁ ୧୬.୩ ଓଭରରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା ।

## ଡୋପ୍ ଟେଷ୍ଟରେ ରୁଥ୍ ବିଫଳ

ନାଇରୋବି, ୧୭ ।୭ (ଏଜେନ୍ସି): ମହିଳା ମାରାଥନରେ ବିଶ୍ୱ ରେକର୍ଡର ଅଧିକାରିଣୀ ରହିଥିବା କେନିଆର ରୁଥ୍ ଚେପନଗେଇଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇ ସାମୟିକ ବାସନ୍ଦ ହୋଇଛନ୍ତି । ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟିକ ଇଣ୍ଟେଗ୍ରିଟି ୟୁନିଟ୍ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି । ଗତ ଅକ୍ଟୋବରରେ ଅନୁଷ୍ଠିତ ଚିକାଗୋ ମାରାଥନରେ ୩୦ ବର୍ଷୀୟା ରୁଥ୍ ୨ ଘଣ୍ଟା ୯ ମିନିଟ୍ ଓ ୫୬ ସେକେଣ୍ଡରେ ରେସ୍ ଫିନିଶ କରି ବିଶ୍ୱରେକର୍ଡ କରିଥିଲେ ।

## ପ୍ରଫେସନାଲ୍ ଫୁଟ୍‌ବଲରୁ ଅବସର ନେଲେ ଆଦିତି



ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ପ୍ରଥମ ଭାରତୀୟ ମହିଳା ଭାବେ ୟୁରୋପ୍‌ରେ ପ୍ରଫେସନାଲ ଫୁଟ୍‌ବଲ୍ ଖେଳିଥିବା ଆଦିତି ଚୌହାନ ଅବସର ଘୋଷଣା କରିଛନ୍ତି । ୧୭ ବର୍ଷର ଲମ୍ବା କ୍ୟାରିୟରରେ ଗୋଲ୍‌ରକ୍ଷକ ଆଦିତି ଜାତୀୟ ଦଳ ପକ୍ଷରୁ ୫୭ ମ୍ୟାଚ୍ ଖେଳିଛନ୍ତି । ୨୦୧୨, ୨୦୧୬ ଓ ୨୦୧୯ରେ ସାଫ୍ ଚାମ୍ପିଅନସିପ୍ ଜିତିଥିବା ଭାରତୀୟ ମହିଳା ଫୁଟ୍‌ବଲ ଦଳର ସେ ପ୍ରମୁଖ ସଦସ୍ୟା ରହିଥିଲେ । ୨୦୧୧ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଆଦିତି ୨୦୨୩ରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ୩୨ ବର୍ଷୀୟା ଆଦିତି ୨୦୧୫ରେ ଇଂଲଣ୍ଡରେ ଆୟୋଜିତ ମହିଳା ସୁପର୍ ଲିଗ୍‌ରେ ୱେଷ୍ଟ ହାମ୍ ୟୁନାଇଟେଡ୍ ପକ୍ଷରୁ ଖେଳିବାକୁ ଚୁକ୍ତି କରିଥିଲେ । ଏଥିସହ ସେ ଦେଶର ପ୍ରଥମ ମହିଳା ଫୁଟ୍‌ବଲ ଖେଳାଳି ଭାବେ ୟୁରୋପ୍‌ରେ ପ୍ରଫେସନାଲ ଲିଗ୍ ଖେଳି ଚର୍ଚ୍ଚାକୁ ଆସିଥିଲେ । ୱେଷ୍ଟ ହାମ୍ ଦଳ ପାଇଁ ସେ ଦୁଇ ବର୍ଷ ଖେଳିଥିଲେ । ଅବସର ପରେ ଦେଶରେ ଫୁଟ୍‌ବଲର ଉନ୍ନତି ଲାଗି କାର୍ଯ୍ୟ କରିବେ ବୋଲି ଆଦିତି କହିଛନ୍ତି ।

**ଜାପାନ ଓପନ୍**

## ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗଙ୍କ ବିଦାୟ

ଟୋକିଓ, ୧୭ ।୭ (ଏଜେନ୍ସି): ଚଳିତ ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରୁ ଭାରତର ଲକ୍ଷ୍ୟ ସେନଙ୍କୁ ବିଦାୟ ନେବାକୁ ପଡ଼ିଛି । ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମୁକାବିଲାରେ ଲକ୍ଷ୍ୟ ୧୯-୨୧, ୧୧-୨୧ ସିଧାସଳଖ ଗେମ୍‌ରେ ଘରୋଇ ଖେଳାଳି କୋଡାଇ ନାରାଓକାଙ୍କ ନିକଟରୁ ପରାସ୍ତ ହୋଇଛନ୍ତି । ଫଳରେ ଚଳିତ ବର୍ଷ ଅଲ୍ ଇଂଲଣ୍ଡ ଟୁର୍ଣ୍ଣାମେଣ୍ଟ ପରେ ଲକ୍ଷ୍ୟ କ୍ରମାଗତ ୫ମଥର ଲାଗି କ୍ୱାର୍ଟର ଫାଇନାଲକୁ ଉଠିବାରେ ବିଫଳ ହୋଇଛନ୍ତି । ଅପରପକ୍ଷରେ ପୁରୁଷ ଡବଲ୍ସରେ ବିଶ୍ୱର ପୂର୍ବତନ ଏକ ନମ୍ବର ଯୋଡ଼ି ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ଅଟକିଯାଇଛନ୍ତି । ଏହି ଭାରତୀୟ ଯୋଡ଼ି ୨୨-୨୪, ୧୪-୨୧ ଗେମ୍‌ରେ ଚାଇନାର ଲିଆଙ୍ଗ କେଙ୍ଗ୍ ୱି ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କ ନିକଟରୁ ପରାସ୍ତ ହୋଇଥିଲେ । ପୂର୍ବରୁ ଗତକାଲି ପିଭି ସିନ୍ଧୁ ମଧ୍ୟ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଥିଲେ ।

**ସାହାଣୀ କପ୍**

## ଇଞ୍ଜୁରୀ ଟାଇମ୍‌ରେ ଜିତିଲା ଖୋର୍ଦ୍ଧା



କେଉଁଝର ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍

କଟକ,୧୭।୭ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ୪ଟି ଜୋନ୍‌ରେ ଖେଳାଯାଉଛି । ଗୁରୁବାର ଦ୍ୱିତୀୟ ଦିବସରେ କେନ୍ଦ୍ରାପଡ଼ା ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଖୋର୍ଦ୍ଧା ଇଞ୍ଜୁରୀ ଟାଇମ୍‌ରେ ୨ଟି ଗୋଲ୍ ସ୍କୋର କରି ରୋମାଞ୍ଚକ ବିଜୟ ହାସଲ କରିଥିଲା । ଖୋର୍ଦ୍ଧା ଏବଂ ପାରାଦୀପ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ଉଭୟ ଦଳ ପ୍ରଥମାର୍ଦ୍ଧରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ । ପାରାଦୀପର କେ. ରିତିକ୍, ପ୍ରକାଶ ନାୟକ, ଖୋର୍ଦ୍ଧାର ତୋଫାନ ନାୟକ ଏବଂ ରଞ୍ଜନ ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧର ୭୬ତମ ମିନିଟରେ ପ୍ରକାଶ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପାରାଦୀପକୁ ୩-୨ରେ ଆଗୁଆ ରହିଥିଲେ । ନିର୍ଦ୍ଧାରିତ ୯୦ ମିନିଟ ପର୍ଯ୍ୟନ୍ତ ପାରାଦୀପ ବିଜୟ ଆଶାରେ ରହିଥିଲା । ମାତ୍ର ଇଞ୍ଜୁରି ଟାଇମ୍‌ରେ ଖୋର୍ଦ୍ଧା ମ୍ୟାଚ୍‌ର ଚିତ୍ରପଟ୍ଟ ବଦଳାଇ ଦେଇଥିଲା । ୯୧ତମ ମିନିଟରେ ଚନ୍ଦନ ନାୟକ ଏବଂ ୯୫ତମ ମିନିଟରେ ତୋଫାନ ନାୟକଙ୍କ ଗୋଲ୍ ବଳରେ ଖୋର୍ଦ୍ଧା ଅବିଶ୍ୱସନୀୟ ବିଜୟ ହାସଲ କରିଥିଲା । କେନ୍ଦ୍ରାପଡ଼ା ଜୋନରେ ଅନ୍ୟ ଏକ ମ୍ୟାଚ୍‌ରେ କଟକ ୫-୦ ଗୋଲରେ ପୁରୀକୁ ହରାଇଛି । ସେହିପରି ବୌଦ୍ଧ ଜୋନରେ ବରଗଡ ୪-୦ ଗୋଲରେ କଳାହାଣ୍ଡିକୁ, ଦେବଗଡ଼ ୨-୦ ଗୋଲରେ ନୟାଗଡ଼କୁ, କେନ୍ଦୁଝର ଜୋନରେ ସୁବର୍ଣ୍ଣପୁର ୬-୦ ଗୋଲରେ ବାଲେଶ୍ୱରକୁ ହରାଇଥିବା ବେଳେ ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା । ବ୍ରହ୍ମପୁର ଜୋନରେ କୋରାପୁଟ ୪-୦ ଗୋଲରେ ମୟୂରଭଞ୍ଜକୁ ଏବଂ ମାଲକାନଗିରି ୮-୧ ଗୋଲରେ ରାୟଗଡାକୁ ହରାଇଛି ।

**ଅଗଷ୍ଟ ୧୦ରେ କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍**

# ଯୋଗ୍ୟତା ମାନଦଣ୍ଡ ଜାରି କଲା ଏଏଫ୍‌ଆଇ

ଭୁବନେଶ୍ୱର, ୧୭ ।୭ (ସମିସ):



ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍ ଅନୁଷ୍ଠିତ ହେବ । ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ), ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଏକଦିବସୀୟ ମେଗା

**ଭାଗନେବେନି ନୀରଜ**

ଇଭେଣ୍ଟ ଆୟୋଜିତ ହେବ । ଏଥିରେ ଅଂଶଗ୍ରହଣ କରିବା ଲାଗି ଏଏଫ୍‌ଆଇ ପକ୍ଷରୁ ଗୁରୁବାର ଯୋଗ୍ୟତା ମାନଦଣ୍ଡ ଘୋଷଣା କରାଯାଇଛି । ପୁରୁଷ ଓ ମହିଳା ୧୦୦ ମିଟର ଲାଗି ଯଥାକ୍ରମେ ଯୋଗ୍ୟତା ମାନଦଣ୍ଡ ୧୦.୬୦ ଓ ୧୧.୮୦ ସେକେଣ୍ଡ ଧାର୍ଯ୍ୟ କରାଯାଇଛି । ସେହିଭଳି ପୁରୁଷ ୨୦୦ ମିଟର ଲାଗି ୨୧.୩୦ ସେକେଣ୍ଡ ଓ ମହିଳାଙ୍କ ଲାଗି ୨୩.୫୦ ସେକେଣ୍ଡ ରଖାଯାଇଛି । ତେବେ ଜାଭେଲିନ୍ ଇଭେଣ୍ଟରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଏହି ପ୍ରତିଯୋଗିତାରେ ଭାଗନେବେ ନାହିଁ ବୋଲି ବୋଲି ଜଣାପଡ଼ିଛି ।

ଉଲ୍ଲେଖଯୋଗ୍ୟ, ୱାର୍ଲ୍ଡ ଆଥ୍‌ଲେଟିକ୍ସ ଆନୁକୂଲ୍ୟରେ ଆୟୋଜିତ ଏହି କଣ୍ଟିନେଣ୍ଟାଲ୍ ଟୁର୍ ହେଉଛି ଏକ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାର ଏକ ବାର୍ଷିକ ସିରିଜ । ସମ୍ମାନଜନକ ଡାଏମଣ୍ଡ ଲିଗ୍ ପରେ ଏହା ଦ୍ୱିତୀୟସ୍ତରର ଏକଦିବସୀୟ ପ୍ରତିଯୋଗିତା । ସେହିଭଳି ବ୍ରୋଞ୍ଜ-ଲେଭଲ୍ ଟୁର୍ ମିଟ୍ ସ୍ୱର୍ଣ୍ଣ ଓ ରୌପ୍ୟସ୍ତରଠାରୁ କମ୍ ମାନ୍ୟତା । କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍‌ରେ ଆୟୋଜକ ଭାରତ ସମେତ ୧୦ ଦେଶର ୧୫୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗନେବେ । ପୁରୁଷ, ମହିଳା ଓ ମିକ୍ସଡ୍ ବର୍ଗରେ ୨୦ଟି କ୍ରୀଡ଼ା ଇଭେଣ୍ଟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତା ସହ ଦୀର୍ଘ ୮ ବର୍ଷ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମକୁ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ଇଭେଣ୍ଟ ଫେରିଛି । ଶେଷ ଓ ପ୍ରଥମଥର ଲାଗି ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା ।

**ଯୋଗ୍ୟତା ମାନଦଣ୍ଡ**

**ପୁରୁଷ**

| | |
|---|---|
| ୧୦୦ମି | ୧୦.୬୦ ସେକେଣ୍ଡ |
| ୨୦୦ମି | ୨୧.୩୦ ସେକେଣ୍ଡ |
| ୪୦୦ମି | ୪୬.୨୦ ସେକେଣ୍ଡ |
| ୮୦୦ମି | ୧:୪୮.୫୦ ସେକେଣ୍ଡ |
| ୫୦୦୦ମି | ୧୪:୧୦.୦୦ ସେକେଣ୍ଡ |
| ଲଙ୍ଗ ଜମ୍ପ | ୭.୮୦ ମିଟର |
| ଟ୍ରିପଲ ଜମ୍ପ | ୧୬.୬୦ ମିଟର |
| ଜାଭେଲିନ୍ | ୭୫ ମିଟର |

**ମହିଳା**

| | |
|---|---|
| ୧୦୦ମି | ୧୧.୮୦ ସେକେଣ୍ଡ |
| ୨୦୦ମି | ୨୩.୫୦ ସେକେଣ୍ଡ |
| ୪୦୦ମି | ୫୩.୦୦ ସେକେଣ୍ଡ |
| ୮୦୦ମି | ୨:୦୫.୦୦ ସେକେଣ୍ଡ |
| ୧୫୦୦ମି | ୪:୧୮.୦୦ ସେକେଣ୍ଡ |
| ୧୦୦ମି ହର୍ଡଲ୍ସ | ୧୩.୫୫ ସେକେଣ୍ଡ |
| ଲଙ୍ଗ ଜମ୍ପ | ୬.୦୦ ମିଟର |
| ଜାଭେଲିନ୍ | ୫୨ ମିଟର |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS